


ହକିରୁ ବନ୍ଦନା କଟାରିୟାଙ୍କ ସନ୍ୟାସ — ପୃଷ୍ଠା ୬

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 11 | ଭାଗ ୩୩ | ସଂଖ୍ୟା ୧୧ Bhubaneswar | Wednesday 2 April 2025 | Page 8 Rs. 4.00 ● ଭୁବନେଶ୍ୱର ବୁଧବାର ୨ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ମଧୁବାବୁଙ୍କ ଜନ୍ମମାଟି ଓଡ଼ିଆଙ୍କ ପାଇଁ ତୀର୍ଥ: ମୁଖ୍ୟମନ୍ତ୍ରୀ

## ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

- ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାର ଉତ୍ସବ
- ଓଡ଼ିଆ ପକ୍ଷ ପାଳନ ପାଇଁ ଆହ୍ୱାନ
- ମଧୁବାବୁଙ୍କ ଜନ୍ମପୀଠର ବିକାଶ ହେବ
- ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର
- ୨୧ କୋଟି ବ୍ୟୟ ବରାଦ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଦିବସ ଅର୍ଥାତ୍ ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାର ଉତ୍ସବ। ଏହି ଅବସରରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି ସତ୍ୟଭାମାପୁରରେ ଆୟୋଜନ କରିଛନ୍ତି ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ। ଏହି ସ୍ଥାନକୁ ଓଡ଼ିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ। ଓଡ଼ିଆ ସ୍ୱାଭିମାନର ଦିବସ। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଇ ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ ମାଟିରେ 'ଓଡ଼ିଶା ଦିବସ' ପାଳନ କରୁଛୁ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ରମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କଦାପି ଶୁଝିପାରିବୁ ନାହିଁ। କିନ୍ତୁ ଏକ ସମୃଦ୍ଧ ଓଡ଼ିଶା ଗଠନ ମାଧ୍ୟମରେ ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଢ଼େ ଚାରି କୋଟି ଓଡ଼ିଆ ଯେତେବେଳେ ଏକଜୁଟ




ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଚାଲିବେ, ସେତେବେଳେ ପୃଥିବୀର କୌଣସି ଶକ୍ତି ତାଙ୍କୁ ଅଟକାଇପାରିବେ ନାହିଁ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହେବ। ଲକ୍ଷ୍ୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡିଶାର ଏହି ମହାପରିବର୍ତ୍ତନ ଯାତ୍ରାରେ ସମସ୍ତେ ସାମିଲ ହୋଇ ସମୃଦ୍ଧ ଓଡ଼ିଶାର ମହାନ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଳନ ହେବାକୁ ଥିବା ଓଡିଆ ପକ୍ଷ ସମ୍ପର୍କରେ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରକୃତ ସମ୍ପଦ ହେଉଛନ୍ତି ସାଢ଼େ ଚାରି କୋଟି ଓଡ଼ିଶାବାସୀ। ଆମର ପ୍ରତ୍ୟେକ ରକ୍ତବିନ୍ଦୁରେ ଓଡ଼ିଆ ଅସ୍ମିତା ଭରି ରହିଛି। ଆମର ଚାଲିଚଳଣ, କଥାବାର୍ତ୍ତା, ଖାଦ୍ୟ ସବୁଥିରେ ଭରି ରହିଛି ନିଚ୍ଛକ ଓଡ଼ିଆପଣ। ସେହି ଓଡ଼ିଆପଣ, ଓଡ଼ିଆ ଅସ୍ମିତାକୁ ଆଗେଇ ନେବା ପାଇଁ ଆମେ ପ୍ରତିବଦ୍ଧ। ସେଥିପାଇଁ ଆଜିଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆମେ 'ଓଡ଼ିଆ ପକ୍ଷ' ପାଳନ କରିବାକୁ ଯାଉଥିବା ବେଳେ ଏହି ସମୟରେ ପ୍ରତ୍ୟେକ ଓଡ଼ିଆ ପାରମ୍ପରିକ ଖାଦ୍ୟ ଖାଇବା ସହ ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ କଥାବାର୍ତ୍ତା କରିବା, ଓଡ଼ିଆ ପତ୍ରପତ୍ରିକା ପଢ଼ିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ବିଶ୍ୱର କୋଣଅନୁକୋଣରେ ରହୁଥିବା ଓଡ଼ିଆମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେ ମଧୁବାବୁଙ୍କ ଜନ୍ମମାଟି ସମ୍ପର୍କରେ କହିଥିଲେ ଯେ ସତ୍ୟଭାମାପୁର କେବଳ ମଧୁବାବୁଙ୍କ ଜନ୍ମମାଟି ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ ସ୍ଥଳ। ଆଧୁନିକ ଭାରତରେ ଓଡ଼ିଆ ଭାଷାର ଉତ୍‌ଥାନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧାଙ୍କ ଜନ୍ମସ୍ଥଳୀ ହେଉଛି ଏହି ପବିତ୍ର ମାଟି। ଯେଉଁ ମାଟିର ସନ୍ତାନ ସବୁ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ି ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ, ତାଙ୍କୁ ସଶ୍ରଦ୍ଧ ପ୍ରଣିପାତ କରୁଛି।

ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ହୋଇଥିବା ଆନ୍ଦୋଳନର ଲକ୍ଷ୍ୟ କେବଳ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭୌଗୋଳିକ ଭୂଖଣ୍ଡ ବନାଇବା ନ ଥିଲା, ଏହାର ଆଉ ଗୋଟିଏ ପ୍ରଧାନ ଲକ୍ଷ୍ୟ ଥିଲା, ଅବକ୍ଷୟମାନ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୁନର୍ଜୀବିତ କରି ଘରେ ଘରେ ଆଦୃତ କରାଇବା। ତେଣୁ ଓଡ଼ିଶା ପ୍ରଦେଶ ଗଠନ ସହିତ ଓଡ଼ିଆ ଭାଷା ଓ ସାଂସ୍କୃତିକ ଜାଗୃତି ପାଇଁ ମଧ୍ୟ ଲେଖନୀ ମାଧ୍ୟମରେ ଆନ୍ଦୋଳନ ଚାଲିଥିଲା। ଏହାର ପୁରୋଧା ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀ ଶଙ୍କର ରାୟ ଓ ବ୍ୟାସକବି ଫକୀର ମୋହନ ➩ପୃଷ୍ଠା-୬

## ୨ ସପ୍ତାହ ଭିତରେ ଲାଗୁହେବ ଆୟୁଷ୍ମାନ ଭାରତ

ଦୁଇ ସପ୍ତାହ ଭିତରେ ଲାଗୁ ହେବ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା । ସତ୍ୟଭାମାପୁର କାର୍ଯ୍ୟକ୍ରମରେ ଏନେଇ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମାର ସୁଫଳ ପାଇବେ। ରାଜ୍ୟ ଭିତରେ ଓ ବାହାର ମେଡିକାଲ୍ରେ ମିଳିବ ଚିକିତ୍ସା ସୁବିଧା। ୨୯ ହଜାର ମେଡିକାଲ୍‌ରେ ମିଳିବ ଚିକିତ୍ସା ସୁବିଧା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ଗତ ୨୧ ମାର୍ଚ୍ଚରେ ରାଜ୍ୟରେ ଆୟୁଷ୍ମାନ ଭାରତକୁ ମିଳିଥିଲା କ୍ୟାବିନେଟ ମଞ୍ଜୁରୀ। ଏନେଇ ଗୃହରେ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଫଳରେ ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ ହେବ। ଏହି ଯୋଜନା ଦ୍ୱାରା ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷର କ୍ୟାସଲେସ୍ ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବେ। ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଲାଗୁ କରାଯିବ। ତେବେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ଭଳି ଜାରି ରହିବ।

## ଆଜିଠୁ ଶିଶୁ ବାଟିକା କାର୍ଯ୍ୟକ୍ରମ

### ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ନୂଆ କରି ପାଠ ଆରମ୍ଭ କରୁଥିବା ପିଲାଙ୍କ ପାଇଁ ଆସନ୍ତାକାଲିଠାରୁ ଆରମ୍ଭ ହେବ ଶିଶୁ ବାଟିକା ଯୋଜନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ବଡ଼ଗଡ଼ ସ୍କୁଲରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଛାତ୍ରଛାତ୍ରୀଙ୍କ ନାମଲେଖା ଓ ଖଡିଛୁଆଁ କାର୍ଯ୍ୟକ୍ରମର ଆୟୋଜନ ହେବ। ଏହା ତାଙ୍କ ନାମଲେଖା ଓ ପ୍ରଥମ ଦିନକୁ ସ୍ମରଣୀୟ କରିବ। ଛାତ୍ରଛାତ୍ରୀଙ୍କ ପାଇଁ ଉଜ୍ଜ୍ୱଳ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନ ଶିଶୁ ବାଟିକା ଯୋଜନାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଅଭିଭାବକ ଓ ବିଦ୍ୟାଳୟ କମିଟି ସହଯୋଗ କରି ବ୍ୟାପକ ମାତ୍ରାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅପିଲ କରିବା ସହ ଶିକ୍ଷିତ, ସଚେତନ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଛନ୍ତି।

## ଆସୁଛି ଦରମା ବିଲ
## ଉଚ୍ଚାଟ ହେଲାଣି ବିଧାୟକଙ୍କ ମନ

- କୋଟିପତି ବିଧାୟକଙ୍କୁ ବାଧୁଛି ଦରବୃଦ୍ଧି
- ଭତ୍ତା ବୃଦ୍ଧିକୁ ଅନେଇ ବସିଛନ୍ତି ଗରିବଗୁରୁବା

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ଆଉ ଦିନ କେଇଟା ପରେ ବିଧାନସଭା ବଜେଟ ଅଧିବେଶନ ସରିବାକୁ ଯାଉଛି। ତା'ପୂର୍ବରୁ ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ଉପରେ ଏବେ ସମସ୍ତଙ୍କ ନଜର। ଶନିବାର ଅଧିବେଶନ ଶେଷ ହେବା ଆଗରୁ ଏ ସଂକ୍ରାନ୍ତୀୟ ବିଲ ବିଧାନସଭାରେ ପାରିତ ହେବ ବୋଲି ଦଳମତ ନିର୍ବିଶେଷରେ ସବୁ ବିଧାୟକ ଆଶା ରଖିଛନ୍ତି। ମଢେଇ କମିଟି ରିପୋର୍ଟ ଅନୁଯାୟୀ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକଙ୍କ ଦରମା ପ୍ରାୟ ଅଢେଇଗୁଣା ବଢ଼ିବ। ସେହିଭଳି ପୂର୍ବତନ ବିଧାୟକଙ୍କ ପେନସନ ବି ଏକ ଲକ୍ଷ ଟଙ୍କାକୁ ଟପିବ ବୋଲି ଆଶା କରାଯାଉଛି। ଦରବୃଦ୍ଧି ପାଇଁ ଗତ ଶୁକ୍ରବାର ବିଧାନସଭାରେ ବିଧାୟକଙ୍କ



ଦରମା ଓ ପେନସନ ବଢ଼ାଇବାକୁ ଉଭୟ ବିଜେଡି ଓ ବିଜେପି ବିଧାୟକମାନେ ଯୁକ୍ତି ବାଢ଼ିଥିଲେ। ଅବଶ୍ୟ କଂଗ୍ରେସର ସବୁ ବିଧାୟକ ନିଲମ୍ବିତ ହୋଇଥିବାରୁ ଏହି ତର୍କରେ ସେମାନେ ଭାଗ ନେଇପାରିନଥିଲେ। ବିଜେଡି ବିଧାୟକ ପ୍ରମିଳା ମଲ୍ଲିକ ପ୍ରଥମେ ଏହି ଦାବି କରିଥିବା ବେଳେ ତାକୁ ସମର୍ଥନ କରିଥିଲେ ବିରୋଧୀ ଓ ଶାସକ ଦଳର ଅନ୍ୟ ସଦସ୍ୟମାନେ। ସମସ୍ତଙ୍କର ଗୋଟିଏ ଯୁକ୍ତି ଥିଲା ବଜାର ଦର ଏବେ ବାଧୁଛି। ଏତିକି ପଇସାରେ ଚଳିହେବନି କି ନିର୍ବାଚନମଣ୍ଡଳୀ ଲୋକଙ୍କ ପାଖକୁ ଯାଇହେବନି। ୨୦୧୭ ପରଠାରୁ ଦରମା ଓ ପେନସନ ବଢ଼ିନାହିଁ। ପୂର୍ବତନ ବିଧାୟକଙ୍କୁ ୩୦ ହଜାର ➩ପୃଷ୍ଠା-୬

## ପୁଣି ଲାଲ୍‌ଗଡ଼ରେ ପ୍ରହାର
# ୧୩ ମାଓବାଦୀ ଗିରଫ

**ମାଲକାନଗିରି,୧।୪(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଲାଲ୍ ବାହିନୀ ଉପରେ କ୍ରମାଗତ ଭାବେ ପ୍ରହାର ଜାରି ରହିଛି। ତେଣୁ ୨୦୨୫ ବର୍ଷଟି



ଅଦ୍ୟାବଧି ଲାଲ୍ ବାହିନୀ ପାଇଁ ସମ୍ପୂର୍ଣ୍ଣ ଭାବେ ଅଶୁଭ ସାବ୍ୟସ୍ତ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ନେଇ କେନ୍ଦ୍ର ସରକାର କରିଥିବା ପଣକୁ ପୂରଣ କରିବା ଦିଗରେ ସୁରକ୍ଷାକର୍ମୀ ସେମାନଙ୍କ ଅଭିଯାନକୁ ଦିନକୁ ଦିନ ଆହୁରି ଜୋର୍‌ଦାର କରୁଛନ୍ତି। ଏହି କ୍ରମରେ ଆଜି ୧୩ ଜଣ ମାଓବାଦୀଙ୍କୁ ଗିରଫ କରି ଲାଲ୍‌ଗଡ଼ ଉପରେ ଜବରଦସ୍ତ ପ୍ରହାର କରାଯାଇଛି। ଛତିଶଗଡ଼ ବିଜାପୁର ପୁଲିସ ସର୍ଚ୍ଚ ଅପରେସନ୍ ଓ ଅନ୍ୟ ଏକ ହତ୍ୟାକାଣ୍ଡ ଘଟଣାରେ ଏହି ମାଓବାଦୀମାନଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଟିଫିନ ବୋମା, କଡ଼େକ୍ସ ତାର ଭଳି ବିସ୍ଫୋରକ ସାମଗ୍ରୀ ବି ମିଳିଛି। ଗିରଫ ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଭଳି ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏମାନେ ଦୀର୍ଘଦିନ ଧରି ମାଓ ହିଂସାକାଣ୍ଡରେ ବି ଜଡିତ ଥିଲେ। ଗିରଫ ପରେ ଉକ୍ତ ୧୩ ଜଣ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନାନୁସାରେ,, ଛତିଶଗଡ଼ ଉସୁର ଥାନା ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ୍ ବିଛାଉଥିବା ୭ ଜଣ ➩ପୃଷ୍ଠା-୬

## ଦିନକରେ ୨ ପରୀକ୍ଷା, ଦ୍ୱନ୍ଦ୍ୱରେ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ପୁଣି ଗୋଟିଏ ଦିନରେ ୨ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଆସନ୍ତା ଏପ୍ରିଲ୍ ୨୨ରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ମେନ୍ ଓ ରେଳବାଇ ଜେଇ ପରୀକ୍ଷା। ଯାହାକୁ ନେଇ ଏବେ ଚିନ୍ତାରେ ପରୀକ୍ଷାର୍ଥୀ। କରିବେ କ'ଣ, ଗୋଟିଏ ଦିନରେ ଦୁଇଟି ପରୀକ୍ଷା ପଡ଼ିଥିବା ବେଳେ ନିହାତି ଗୋଟିଏ ପରୀକ୍ଷାରୁ ସେମାନେ ବଞ୍ଚିତ ହେବା ନିଶ୍ଚିତ। କିନ୍ତୁ ଦୁଇଟିଯାକ ପରୀକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯେଉଁ ପରୀକ୍ଷାର୍ଥୀମାନେ ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତି କରିଛନ୍ତି, ସେମାନେ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ୍-୨୦୨୩ର ମୁଖ୍ୟ ପରୀକ୍ଷା ଏପ୍ରିଲ୍ ୨୨ ତାରିଖରେ ହେଉଥିବା ବେଳେ ଠିକ୍ ସେହିଦିନ ରେଳବାଇ ପକ୍ଷରୁ କନିଷ୍ଠ ଇଞ୍ଜିନିୟର ପଦ ଲାଗି ପରୀକ୍ଷା ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ ମୁଖ୍ୟ ପରୀକ୍ଷା ୨୦୨୩ ପାଇଁ ଗତ ମାର୍ଚ୍ଚ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ଆସନ୍ତା ଏପ୍ରିଲ୍ ୧୯, ୨୦, ୨୨,୨୪ ଓ ୨୭ରେ ପରୀକ୍ଷା କରାଯିବା ନେଇ ସୂଚନା ଜାରି ହୋଇଛି। ଏଥିରେ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। କିନ୍ତୁ କନିଷ୍ଠ ଇଞ୍ଜିନିୟର ପଦ ଲାଗି (ଆରଆରବି) ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଗତ ଫେବ୍ରୁଆରୀ ୧୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପରୀକ୍ଷା ଏପ୍ରିଲ୍ ୧୯ ଏବଂ ୨୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇ ଆସନ୍ତା ଏପ୍ରିଲ ୨୨ ତାରିଖରେ ଆୟୋଜିତ ହେବ। ତେବେ ପୂର୍ବରୁ ମଧ୍ୟ ଏଭଳି ସ୍ଥିତି ହୋଇଥିବା ବେଳେ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ କାରଣରୁ ଏହାକୁ ପରିବର୍ତ୍ତନ କରାଯାଇଛି।

## ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ
# ୧୮ ଶ୍ରମିକ ମୃତ



**ଅହମ୍ମଦାବାଦ, ୧।୪:** ଏଠାକାର ଏକ ବାଣ ଗୋଦାମରେ ଆଜି ସକାଳ ପ୍ରାୟ ୯ଟା ୪୫ ମିନିଟ୍ ସମୟରେ ଏକ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ୧୮ ଜଣଙ୍କର ଜୀବନ ଯାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତାହତମାନେ ସେଠାରେ କାମ କରୁଥିବା ଶ୍ରମିକ ବୋଲି ଜଣାପଡ଼ିଛି। ବିସ୍ଫୋରଣର ତୀବ୍ରତା ଯଥେଷ୍ଟ ଅଧିକ ଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ବାଣ ତିଆରି ସମୟରେ ଏହି ବିସ୍ଫୋରଣ ଘଟିଛି କି ଅନ୍ୟାନ୍ୟ କ'ଣ କାରଣ ରହିଛି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ସୂଚନା ମିଳିପାରିନାହିଁ। କିନ୍ତୁ ଦିଶା ଶିଳ୍ପାଞ୍ଚଳରେ ଘଟିଥିବା ଏହି ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳ ପୂରାପୂରି ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ସେହିପରି ବିସ୍ଫୋରଣ ପ୍ରଭାବରେ ଉକ୍ତ ଗୋଦାମ ଜଳିଯାଇଥିବା ବେଳେ ନିକଟସ୍ଥ ଏକ ବଡ଼ କୋଠା ମଧ୍ୟ ମାଟିରେ ମିଶିଯାଇଛି। ଅଧିକନ୍ତୁ ମୃତକଙ୍କ ଶରୀର ଛିନ୍‌ଛତ୍ର ହୋଇଯାଇଥିବା ବେଳେ ଆଖପାଖ ୨୦୦ ଅଞ୍ଚଳରେ ମାଂସ ଖଣ୍ଡ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ଗୁଜରାଟ ମୁଖ୍ୟମନ୍ତ୍ରୀ ନିକଟସ୍ଥ ଏକ ଘର ପୂରାପୂରି ମାଟିରେ ମିଶିଯାଇଛି। ଅନ୍ୟପକ୍ଷରେ ଏହି ଅଘଟଣ ନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦର ପଟେଲ୍ ଦୁଃଖ ପ୍ରକାଶ କରିବା ସହ ମୃତାହତଙ୍କ ସକାଶେ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ସକାଶେ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ➩ପୃଷ୍ଠା-୬

## ଅମିନି ଛାତ୍ରୀ ଆତ୍ମହତ୍ୟା ତାତି
# ପୁଣି କିଟ୍ ମୁଣ୍ଡରେ ଛାତ୍ରମୃତ୍ୟୁ କଳଙ୍କ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ନେପାଳୀ ଛାତ୍ରୀ ପ୍ରେମ ବ୍ୟାପାରକୁ ନେଇ ଆତ୍ମହତ୍ୟା କରିବା ପରେ କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେବା ସହ ରାଜ୍ୟ ମୁଣ୍ଡକୁ ବି ତଳକୁ କରିଦେଇଛି। ଏହି ମାମଲାର ଛାନ୍‌ଭିନ୍ ପାଇଁ ଜାତୀୟ ମାନବାଧିକାର କମିଶନ୍ କମିଟି ଏଠାରେ ପହଞ୍ଚି ତଦନ୍ତ କରିବା ସହ ଏଥିପାଇଁ କିଟ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏବେ ବି ଏହି ତାତି କମିନଥିବା ବେଳେ ପୁଣିଥରେ କିଟ୍‌ରେ ଜଣେ ଛାତ୍ରଙ୍କ ମୃତ୍ୟୁ ନେଇ ହଟଚମଟ ସୃଷ୍ଟି ହୋଇଛି। ଆଜି




ସନ୍ଦେହଜନକ ପରିସ୍ଥିତିରେ ଜଣେ ଛାତ୍ରଙ୍କ ମୃତଦେହ ଜବତ ହୋଇଥିବା ବେଳେ ଏହାକୁ ନେଇ ନାନାଦି ପ୍ରଶ୍ନ ଉଙ୍କି ମାରିଛି। ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ନିର୍ମାଣାଧୀନ କୋଠା ତଳୁ ଉକ୍ତ ଛାତ୍ରଙ୍କ ମୃତଦେହ ଜବତ ହୋଇଛି। ସେ କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ ତୃତୀୟ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ତାଙ୍କ ନାଁ ଅର୍ଣ୍ଣବ ମୁଖାର୍ଜୀ ଓ ଘର ପଶ୍ଚିମବଙ୍ଗର ବାଁକୁରାରେ ବୋଲି ଜଣାପଡ଼ିଛି।

ଅର୍ଣ୍ଣବ କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ତେବେ ସେ କାହିଁକି ହଷ୍ଟେଲ୍‌ରୁ ମଞ୍ଚେଶ୍ୱର ଆସିଥିଲେ। ସେଠାରେ କେଉଁ ପରିସ୍ଥିତିରେ ତାଙ୍କରୁ ମୃତ୍ୟୁ ଘଟିଲା ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମଞ୍ଚେଶ୍ୱର ପୁଲିସର ତଦନ୍ତ ଜାରି ରଖିଥିବା ବେଳେ ଅର୍ଣ୍ଣବଙ୍କ ମୃତ୍ୟୁ ନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଟ୍ ପକ୍ଷରୁ କୌଣସି ➩ପୃଷ୍ଠା-୬



## କାନ ଡେରିଆ

ନିଜେ ନିଜେ ଲୋକେ କାର୍ଟୁନ
ହେଲେଣି
ଆଉ କିଏ କଲେ କଷ୍ଟ
ଘିବିଲି ଆପ୍ ବା ବାଇଆ କଲାଣି
ମୁହଁଟି ହେଉଛି ନଷ୍ଟ
ଘିବିଲି କରୁଛି ରୋଷ୍ଟ...
ତଥାପି ମଣିଷ ପାଗଳ ପରିକା
କହୁଛି ଘିବିଲି ବେଷ୍ଟ।

■ ଦେବାଶିଷ

# ସମବାୟ ବାବୁଙ୍କୁ ଛାଡୁନି କୁକୁଡ଼ା ପଇସା ଲୋଭ

- ହାଇକୋର୍ଟ ରାୟ ବିରୁଦ୍ଧରେ ମେଳି
- ମାମଲା କରିଛନ୍ତି କିଛି ସମବାୟ କର୍ମକର୍ତ୍ତା
- କାଠଗଡ଼ାକୁ ଟଣାହେବେ ବିଭାଗୀୟ ବାବୁ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ରାଜପଥରେ ଯାଉଥିବା କୁକୁଡା ପରିବହନ ଗାଡିରୁ ନିୟନ୍ତ୍ରିତ ବଜାର କମିଟିର ପଇସା ଆଦାୟ ଲୋଭକୁ ସମବାୟ ବାବୁମାନେ ସହଜରେ ଛାଡିବାକୁ ନାରାଜ । ଏଭଳି ଟିକସ ଆଦାୟ ଉପରେ ହାଇକୋର୍ଟ ଅନ୍ତରୀଣ ଆଦେଶ ବଳରେ କଟକଣା ଲଗାଇଥିବାବେଳେ ଏବେ କିଛି ସମବାୟ କର୍ମକର୍ତ୍ତା ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ଅଦାଲତକୁ ଯିବାପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି ।

ଓଡିଶାକୁ ବାହାର ରାଜ୍ୟକୁ ରପ୍ତାନି ହେଉଥିବା କୁକୁଡା ଯାନ ଉପରୁ ନିୟନ୍ତ୍ରିତ ବଜାର କମିଟି (ଆରଏମସି) କର୍ତ୍ତୃପକ୍ଷ ଦୀର୍ଘଦିନ ହେଲା ରାଜପଥରୁ ଟିକସ ଆଦାୟ କରୁଥିଲେ । କୌଣସି ସେବା ନଯୋଗାଇ ଏଭଳି ଟିକସ ଆଦାୟ ବେଆଇନ୍ ବୋଲି କୁକୁଚାଷୀ ମହାସଂଘ ଯେତେ ଅଭିଯୋଗ କଲେ ମଧ ସମବାୟ ସମିତିଗୁଡିକ କର୍ଣ୍ଣପାତ କରୁନଥିଲେ। ସମବାୟ ବିଭାଗ ମଧ ସବୁ ଦେଖି ନଦେଖିଲା ଭଳି ରହୁଥିଲା । ବାରମ୍ବାର ଅଭିଯୋଗ ପରେ ଟିକସ ଆଦାୟ ବନ୍ଦ ନହେବାରୁ କୁକୁଡା ଚାଷୀମାନେ ଏକଜୁଟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ସମସ୍ତ ବିଷୟ ଶୁଣିବା ପରେ ସଫା ସଫା କହିଥିଲେ ଯେ ଶୀର୍ଷ ସମବାୟ ସମିତିଗୁଡିକ ଏଭଳି ଟିକସ ଆଦାୟ ବେଆଇନ୍ । କାରଣ ସେମାନେ ରାଜପଥରେ କୌଣସି ସେବା ଯୋଗାଉ ନାହାନ୍ତି । ହାଇକୋର୍ଟ ତାଙ୍କ ଅନ୍ତରୀଣ ରାୟରେ ଏଭଳି ନିର୍ଦ୍ଦେଶ ଦେବାପରେ ଏବେ ରାଜ୍ୟର ବିଭିନ୍ନ ସ୍ଥାନ ବିଶେଷକରି ଓଡିଶାର ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ କୁକୁଡା ପରିବହନ ଯାନରୁ ସମବାୟ ସଂସ୍ଥାଙ୍କ ଟିକସ ଆଦାୟ ବନ୍ଦହୋଇ ଯାଇଛି ।

ତେବେ ଟିକସ ଆଦାୟ ବନ୍ଦକୁ ଦୁଇମାସ ପୂରିନଥିବାବେଳେ ଏବେ ନିଜର ସମବାୟ ସଂସ୍ଥାର ଉପ ସଭାପତି ଓ ସଦସ୍ୟ ଦର୍ଶାଇ କିଛି



ବ୍ୟକ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କୁକୁଡାଚାଷୀ ମହାସଂଘ ସମେତ ସମବାୟ ବିଭାଗକୁ ପକ୍ଷଭୁକ୍ତ କରିଛନ୍ତି। ସେମାନଙ୍କର ଟିକସ ଆଦାୟ ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ପୂର୍ବଭଳି ଆଦାୟ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ତେବେ ଆଲୋଚନା ହେଉଛି ଯେ ମାମଲା କରିଥିବା ବ୍ୟକ୍ତିଙ୍କ ପଛରେ ଦୀର୍ଘଦିନ ଧରି ଟିକସ ଆଦାୟ ଚଳାଇଥିବା କିଛି ସମବାୟ ବାବୁଙ୍କ ପ୍ରଚ୍ଛନ୍ନ ସହଯୋଗ ରହିଛି । ସେମାନେ ଆଗକୁ ଆସିଲେ କାଳେ ଧରାପଡିବେ ତେଣୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କିଛି ସମବାୟ ସଂସ୍ଥାର ସଦସ୍ୟଙ୍କୁ ଢାଲ କରି ମାମଲା ରୁଜୁ କରିଛନ୍ତି । ତେବେ ଯେଉଁ ମାମଲାରେ ଟିକସ ➩ପୃଷ୍ଠା-୬

## ୩୦ ଓଏଏସ୍‌ଙ୍କୁ ଆଇଏଏସ୍ ସ୍ତରକୁ ପଦୋନ୍ନତି

**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିନ କେନ୍ଦ୍ର ଦ୍ୱାରା ୨୦୨୩ ଏବଂ ୨୦୨୪ରେ ଖାଲି ପଦବୀ ପୂରଣ ପାଇଁ ୩୦ ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀ (ଓଏଏସ୍)ଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ସ୍ତରକୁ ପଦୋନ୍ନତି ଦେବାକୁ ଅନୁମୋଦନ କରିଛନ୍ତି। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପଦୋନ୍ନତି ପାଇଥିବା ଅଧିକାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରୋବେସନରେ ରହିବେ। ସରକାର ସେମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ନିୟମ, ୧୯୫୪ର ନିୟମ ୫ (୧) ଅନୁଯାୟୀ ଓଡ଼ିଶା କ୍ୟାଡରକୁ ଆବଣ୍ଟନ କରିବେ। ଜାନୁଆରୀ ୧, ୨୦୨୩ ଏବଂ ଡିସେମ୍ବର ୩୧ ମଧ୍ୟରେ ହୋଇଥିବା ଖାଲି ପଦବୀରେ ୧୫ଜଣ ଓଏଏସଙ୍କୁ ପଦୋନ୍ନତି ମିଳିଥିବା ବେଳେ ଜାନୁଆରୀ ୧, ୨୦୨୪ ଏବଂ ଡିସେମ୍ବର ୩୧, ୨୦୨୪ ମଧ୍ୟରେ ଖାଲି ପଦବୀରେ ମଧ ୧୫ ଜଣଙ୍କୁ ପଦୋନ୍ନତି ମିଳିଛି ।

# ମଦମୁକ୍ତ ଓଡ଼ିଶା ପୁରୀରୁ ଆରମ୍ଭ ହେଉ: ଓଡ଼ିଆ ଅସ୍ମିତା ପରିଷଦ

**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ଆଜି ଠାରୁ ମଧ୍ୟ ପ୍ରଦେଶ ସରକାର ଉଜ୍ଜୟିନୀ ସମେତ ତାଙ୍କ ରାଜ୍ୟର ୧୯ ଟି ଆଧ୍ୟାତ୍ମିକ ସହରରେ ମଦ ବ୍ୟାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ। ମଧ୍ୟ ପ୍ରଦେଶ ଢାଞ୍ଚାରେ ଓଡ଼ିଶା ସରକାର ରାଜ୍ୟର ଆଧ୍ୟାତ୍ମିକ ହୃତପିଣ୍ଡ ପୁରୀରୁ ମଦ ମୁକ୍ତ ଅଭିଯାନ ଆରମ୍ଭ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଆଜି ଉତ୍କଳ ଦିବସ ଅବସରରେ ଏକ ସଂକଳ୍ପ ନିଆଯାଇ କୁହାଯାଇଛି ଯେ ଗୁଜରାଟ, ବିହାର ପରେ ମଧ୍ୟ ପ୍ରଦେଶ ୧୯ ଟି ଆଧ୍ୟାତ୍ମିକ ସହରରେ ମଦ ବ୍ୟାନ କରି ଏକ ବଡ଼ ଉଦାହରଣ ସୃଷ୍ଟି କରିଛି। ଏହାକୁ ଅନୁସରଣ କରି ଓଡ଼ିଶା ପ୍ରାଥମିକ ପର୍ଯ୍ୟାୟରେ ଜଗନ୍ନାଥ ଧାମ ପୁରୀରେ ମଦ ଓ ଆମିଷ ବ୍ୟାନ କରନ୍ତୁ। ସେଇଭଳି ଝାମୁ ଯାତ୍ରା ସମୟରେ କାକଟପୁର ମଙ୍ଗଳା ଓ ଝଙ୍କଡ଼ ସାରଳା ଏବଂ ଠାକୁରାଣୀ ଯାତ୍ରା ସମୟରେ ବ୍ରହ୍ମପୁର ଓ ଶିବ -ପାର୍ବତୀ ବିବାହ ଶୀତଳ ଷଷ୍ଠୀ ସମୟରେ ସମ୍ବଲପୁରରେ ମଧ୍ୟ ମଦ ବ୍ୟାନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ଆବାହକ ରବି ବେହେରା ଦାବି କରିଛନ୍ତି। ଖୁବ ଶୀଘ୍ର ପରିଷଦ ର ଏକ ପ୍ରତନିଧି ଦଳ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ଅବକାରୀ ମନ୍ତ୍ରୀଙ୍କୁ ଭେଟି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି ପ୍ରକାଶ କରାଯାଇଛି। ଏହି ସଂକଳ୍ପ ଅବସରରେ ପ୍ରଫେସର ସମିତା ଦାସ, ନାରୀ ନେତ୍ରୀ କୁମୁଦିନୀ ନାୟକ, ସ୍ୱର୍ଣ୍ଣଲତା ପ୍ରଧାନ, ଯୁବ ନେତା ନାରାୟଣ ଡ଼ାଲୁଆ, ରାଜ୍ୟ ପ୍ରିୟ ଦାସ ସୁବାସ ତାରେଣିଆ, ଅଶୋକ ଜେନା ପ୍ରମୁଖ ଏହି ସଂକଳ୍ପ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ବିଶିଷ୍ଟ ସଂଗ୍ରାମୀ ଅରୁଣ ଜେନା ଏହି ସଂକଳ୍ପର ସଂଯୋଜନା କରିଥିଲେ।

# ଜମି ଜାଲିଆତି କଲେ ଜେଲ: ରାଜସ୍ୱ ମନ୍ତ୍ରୀ



**ସମ୍ବଲପୁର,୧।୪ (ସଂଚାର ବ୍ୟୁରୋ) :** ଜାଲିଆତି କଲେ ନିସ୍ତାର ନାହିଁ । ଜମି ମାଫିଆଙ୍କୁ ଆଉ ଛଡାଯିବନି। ଜାଲିଆତି କଲେ ବି କାହାରିକୁ ଛଡାଯିବନି। ସମ୍ବଲପୁର ଗସ୍ତରେ ଆସି ଏଭଳି କଡା ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି, 'ଏବେ ଜମି ମାଫିଆଙ୍କୁ ଆଉ ଛଡା ଯିବନି, ଏବେ ସେମାନଙ୍କ ଜେଲ ଯିବାର ଯାତ୍ରା ଆରମ୍ଭ ହୋଇଛି । ଯେତେବେଳେ ଲୋକ ଜାଲିଆତି କରୁଛନ୍ତି ଆଉ ଭାବୁଥିଲେ ଯାହା ଜାଲିଆତି କଲେ ମଧ୍ୟ କିଛି ହେବ ନାହିଁ, ମୁଁ ନିଜେ ମଧ୍ୟ ସମ୍ବଲପୁର ଗସ୍ତ ସମୟରେ ସମ୍ବଲପୁର ଡିଆରଆର ଅଫିସରେ ପୂର୍ବରୁ ତାଗିଦ କରିଥିଲି । ବୋଧେ ସେ ଭାବିଲେ ଯେ ଜାଲିଆତି କଲେ ମଧ୍ୟ ବର୍ତ୍ତିଯିବୁ । ମୃତ ବ୍ୟକ୍ତିକୁ ସେ ଜୀବିତ କରିଦେଲେ ଆଉ ମୃତ ବ୍ୟକ୍ତିର ଆଧାର କାର୍ଡର ଫଟୋ ମଧ୍ୟ ପରିବର୍ତ୍ତନ କରିଦେଲେ। ସେ କେତେ ଏକ୍ସପୋର୍ଟ ସେ ଦିଗରେ ସେ । ଏବଂ ମୃତ ବ୍ୟକ୍ତିଙ୍କ ଠାରୁ ଜୀବିତ ବ୍ୟକ୍ତିକୁ ବିକ୍ରି କରି ସାରିଲା ପରେ, ଭବିଷ୍ୟତରେ କେବେ ସମସ୍ୟା ହୋଇପାରେ ଭାବି କରି ଯେଉଁ ଜୀବିତ ବ୍ୟକ୍ତିକୁ ବିକି ଥିଲେ ତାପରେ ଆଉ ଏକ ଜୀବିତ ବ୍ୟକ୍ତିକୁ ଜମି ବିକ୍ରି କରିଦେଲେ । ତେଣୁ ଏ ସରକାରରେ ଜାଲିଆତି କରିବ, ଠକେଇ କରିବ । ମୃତ ବ୍ୟକ୍ତିକୁ ଜୀବିତ କରି ତା ନାମରେ ରାଜିନାମାକୁ ପଞ୍ଜିକରଣ କରିଦେବ । ତାହେଲେ ସେ ଜେଲ ନଯିବ ତ ଆଉ କେଉଠିକୁ ଯିବ ।'

ଗତ ୨୮ ତାରିଖ ରାତିରେ ଜମିବାଡି ବିକ୍ରିରେ ଚଞ୍ଚକତା ଅଭିଯୋଗର ସମ୍ବଲପୁର ଟାଉନ ଥାନା ପୋଲିସ ସମ୍ବଲପୁର ଡିଏସଆର ସୂର୍ଯ୍ୟ ନାରାୟଣ ସାମଲ ଓ କିରାଣୀ ଚନ୍ଦ୍ର ପ୍ରସାଦ ଡୁଙ୍ଗୁରିଆ ଓ ଜମି କାରବାରରେ ସାମିଲ ଥିବା ସୁରଞ୍ଜନ ପଟ୍ଟନାୟକଙ୍କୁ ଗିରଫ କରାଥିଲା। ଏହି ପ୍ରସଙ୍ଗ ନେଇ ରାଜସ୍ୱ ମନ୍ତ୍ରୀ ଏଭଳି ପ୍ରତିକ୍ରିୟା ରଖି ରାଜ୍ୟର ଜମି ଜାଲିଆତି କରୁଥିବା ଦଲାଲ ଓ ଅଫିସରଙ୍କୁ ଚରମ ବାଣୀ ଶୁଣାଇଛନ୍ତି । ଏହା ସହ ସେ କହିଛନ୍ତି ଏ ହେଉଛି ଏହିଭଳି କାର୍ଯ୍ୟ ପାଇଁ ପ୍ରଥମ ପଦକ୍ଷେପ । ଖଣ୍ଡଗିରିର ଡ଼ିଏସଆରକୁ ଆମେ ସସପେଣ୍ଡ କରି ସାରିଲୁଣି । ଜଣେ ରାଜସ୍ୱ ଅଧିକାରୀଙ୍କୁ ଡିସମିସ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ । ଏହି ସମ୍ବଲପୁର ଡ଼ିଏସଆର ମଧ ସସପେଣ୍ଡ ହେବେ । ବିଗତ ୮ ମାସ ମଧରେ ୫୦ରୁ ଅଧିକ ମାମଲାରେ ରାଜ୍ୟ ରାଜସ୍ୱ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାରିଲାଣି । କାହାର ପେନସନ ବନ୍ଦ ହୋଇଛି ତ କିଏ ଡିସମିସ ହୋଇଛି ତ କିଏ ସସପେଣ୍ଡ ହୋଇଛି ତ କିଏ ଜେଲକୁ ଗଲାଣି । ତେଣୁ ବାର୍ତ୍ତା ପୂରା ସ୍ପଷ୍ଟ ଆଉ ସିଧା ଯେ ଭଲ କାମ କରିବ ପୁରସ୍କୃତ ହେବ, ଜନତାର ସେବା କରିବ ପୁରସ୍କୃତ ହେବ, ଜନତାକୁ ହଇରାଣ କରିବ, ଜାଲିଆତି କରିବ, ଓଡ଼ିଶାର ଜେଲ ମାନଙ୍କରେ ପର୍ଯ୍ୟାପ୍ତ ଜାଗା ଅଛି ଏମାନଙ୍କୁ ରଖିବା ପାଇଁ । ଅନ୍ୟପଟେ ସମ୍ବଲପୁର ଡ଼ିଏସଆର କରିଥିବା ଜାଲିଆତି ଘଟଣା ନେଇ ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ଜମି ଜାଲିଆତି ଘଟଣାରେ ଏହି ଡିଏସଆରଙ୍କ କାର୍ଯ୍ୟକାଳ ସମୟରେ ଯେତେ ଜମି ପଞ୍ଜିକରଣ ହୋଇଛି ତାକୁ ନେଇ ଜଣେ ଡିଏସପିଙ୍କ ନେତୃତ୍ୱରେ ଗଠିତ ଅଧିକାରୀମାନଙ୍କ ଏକ ଟିମ୍ ତଦନ୍ତ କରୁଛନ୍ତି । ଏଥିରେ ଦଲାଲମାନଙ୍କୁ ମଧ ଛଡ଼ାଯିବ ନାହିଁ। ସମ୍ବଲପୁର ଜମି ଦୁର୍ନୀତି ଘଟଣାରେ ତଦନ୍ତର ଚେର ପର୍ଯ୍ୟନ୍ତ ସରକାର ୨ ମାସ ଭିତରେ ପହଞ୍ଚିବେ । ଏହି ଜାଲିଆତିରେ ସଂପୃକ୍ତ କାହାକୁ ବି ଛଡ଼ାଯିବ ନାହିଁ। ଏହି ଜାଲିଆତିରେ ସମ୍ପୃକ୍ତ ଭଦ୍ରମୁଖା ବଡ଼ ବଡ଼ିଆ ଶୀଘ୍ର ସମ୍ବଲପୁର ଜେଲର ପରିଦର୍ଶନ କରିବେ ।

# ଏପ୍ରିଲ ୩ରୁ ୩ ଦିନ ଧରି କୁଆପଥର ବର୍ଷା

**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ଏପ୍ରିଲ ୩ରୁ ୩ ଦିନ ଧରି ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ୯ ଜିଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏସବୁ ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼, କନ୍ଧମାଳ, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼। ଅନ୍ୟ ୫ ଜିଲାକୁ ବର୍ଷା ଓ ବିଜୁଳି ସମ୍ଭାବନା, ୟେଲୋ ୱାର୍ନିଂ ଜାରିକରାଯାଇଛି।

# ଭିନ୍ନ ଢଙ୍ଗରେ ଓଡ଼ିଶା ଦିବସ ପାଳିଲା କଂଗ୍ରେସ

## ମହମବତୀ ନେଇ ନିଖୋଜ ମହିଳାଙ୍କୁ ଖୋଜିଲା



**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସନ୍ଧ୍ୟାରେ ଅଭିନବ ଢଙ୍ଗରେ ଓଡ଼ିଶା ଦିବସ ପାଳିତ ହୋଇଛି। ଦଳ ପକ୍ଷରୁ ରାଜ୍ୟର ୬୦ ହଜାର ନିଖୋଜ ମହିଳାଙ୍କ ପାଇଁ ଏକ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ୍‌ସ୍ଥିତ ବସଷ୍ଟାଣ୍ଡ ଓ ଭୁବନେଶ୍ୱର ରେଳଷ୍ଟେସନରେ ପହଞ୍ଚିଥିଲା। ସେଠାରେ ନିଖୋଜ ମହିଳାମାନଙ୍କୁ ଦଳୀୟ ନେତୃବର୍ଗ ମହମବତୀ ଲଗାଇ ଖୋଜିଥିଲେ। ରାଜ୍ୟସାରା ଏହି ଢଙ୍ଗରେ କଂଗ୍ରେସ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ମାଷ୍ଟର କ୍ୟାଣ୍ଟିନସ୍ଥିତ ବସଷ୍ଟାଣ୍ଡ ଓ ରେଳ ଷ୍ଟେସନରେ ମହିଳା ନିର୍ଯାତନା, ଦୁଷ୍କର୍ମ, ହତ୍ୟା ଓ ନିଖୋଜ ପ୍ରସଙ୍ଗରେ ସ୍ଲୋଗାନ ଦିଆଯାଇଥିଲା। ଏହି ପ୍ରସଙ୍ଗରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ୯ ମାସର ବିଜେପି ସରକାର ମହିଳାମାନଙ୍କ ସମସ୍ୟା ପ୍ରତି ଉଦାସୀନ ରହିଛି। ମହିଳାମାନେ ନ୍ୟାୟ ପାଉନାହାନ୍ତି। ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଦାବି କରିବାରୁ ବିଜେପି ସରକାର କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କ ଉପରେ ଆକ୍ରମଣ କରିବାକୁ ବି ପଛାଇନାହିଁ। ଯେପର୍ଯ୍ୟନ୍ତ ଓଡ଼ିଶାର ନିର୍ଯାତିତା ଓ ଦୁଷ୍କର୍ମ ପୀଡ଼ିତା ମହିଳା ନ୍ୟାୟ ନ ପାଇଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ଯଦି ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ ନ କରି ଦମନମୂଳକ ଉପାୟ ଜାରି ରଖିନ୍ତି, ତା'ହେଲେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରି ସରକାରଙ୍କ ସ୍ଥିତିକୁ ଦୋହଲାଇଦେବ ବୋଲି ଭକ୍ତ କହିଛନ୍ତି। ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଡ. ଦେବାଶିଷ ପଟ୍ଟନାୟକ, ଯୁବ କଂଗ୍ରେସର ଜାତୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଆଦରଣୀୟ କରିବାକୁ ଯତ୍ନବାନ ବିଜେପି ସରକାର

**● ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନେଇଥିବା ମହାପୁରୁଷଙ୍କ ସ୍ମୃତିଚାରଣ କଲେ ନେତୃବୃନ୍ଦ**



**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ୧୯୩୬ ମସିହା ଏପ୍ରିଲ ୧ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ। ଏହା ସବୁ ଓଡ଼ିଆଙ୍କ ପାଇଁ ପ୍ରେରଣାର ଓ ସ୍ୱାଭିମାନର ଦିନ। ଏହି ଦିନରେ ଭାଷା ଭିତିକ ରାଜ୍ୟ ଭାବେ ଓଡ଼ିଶା ରାଜ୍ୟକୁ ମାନ୍ୟତା ମିଳିଥିଲା। ଆଜିର ଦିନକୁ ନେଇ ସବୁ ଓଡ଼ିଆ ନିଜକୁ ଗର୍ବିତ ମନେ କରନ୍ତି। ଓଡ଼ିଆ କେବଳ ଏକ ଭାଷା ନୁହେଁ ଏହା ପ୍ରତିଟି ଓଡ଼ିଆଙ୍କ ପାଇଁ ସମ୍ପର୍କ ସ୍ଥାପନର ମୂଳଦୁଆ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁମାନେ ଅହରହ ପ୍ରୟାସ କରିଥିଲେ ଆଜି ଆମେ ସେମାନଙ୍କୁ ମନେ ପକାଉଛନ୍ତି। ଏହି ମହାପୁରଷମାନଙ୍କର ଆନ୍ଦୋଳନ ହିଁ ଥିଲା ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ରାଜ୍ୟ କାର୍ଯ୍ୟାଳୟରେ ୮୯ ତମ ଓଡ଼ିଶା ଦିବସ ପାଳନ ଅବସରରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀ ସୁଦର୍ଶନ ନାୟକ କହିଛନ୍ତି।

ଦେଶ ତଥା ବିଶ୍ୱର କୋଣ ଅନୁକୋଣରେ ଓଡିଆମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଆମ ସମସ୍ତଙ୍କୁ ଗୌରବାନ୍ୱିତ କରୁଛନ୍ତି। ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସରକାରଙ୍କ ସହ ତାଳ ଦେଇ ଯୁବପିଢ଼ୀ ନୂତନ ଓଡ଼ିଶା ଗଠନରେ ନିଜକୁ ସାମିଲ ହୁଅନ୍ତୁ। ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଂଚେଇ ରଖିବା ପାଇଁ ସଂଗ୍ରାମ କରିଥିବା ମହାପୁରୁଷମାନଙ୍କର ବୀରତ୍ୱର ଗାଥା ମନେପେକାଇବା ସହ ଓଡିଆ ଭାଷାକୁ ଅଗ୍ରଣୀ ଭାଷାଭାବେ ପରିଗଣିତ କରିବା ପାଇଁ ବକ୍ତା ରାଜ୍ୟ ସାଧାରଣ ସଂପାଦକ ଡାଯତୀନ ମହାନ୍ତି, ଅଧାପାକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଧାନାଥ ପ୍ରହରାଜ ପ୍ରମୁଖ ଆହ୍ୱାନ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଖଣ୍ଡବିଖଣ୍ଡିତ ରାଜ୍ୟକୁ ଏକତ୍ରିତ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ବଂଚାଇ ରଖିବା ପାଇଁ ସଂଗ୍ରାମ କରିଥିବା ସେମାନଙ୍କ ଭୂମିକା ଇତିହାସରେ ଲିପିବଦ୍ଧ ହୋଇ ଚିର କାଳ ପାଇଁ ରହିଯାଇଛି। ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଆଦରଣୀୟ କରିବାକୁ ଯତ୍ନବାନ ବିଜେପି ସରକାର ବୋଲି ଏହି ଅବସରରେ ଯୋଗଦେଇ ବକ୍ତାମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଓଡିଆ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ନେତା ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ୨୧ରେ

**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି । ଏପ୍ରିଲ ୨୧ରେ ସମ୍ବଲପୁରରେ ହେବ ଅଭିଯୋଗ ଶୁଣାଣି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ୧୦ରୁ ଅଧିକ ମନ୍ତ୍ରୀ ଏଥିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିଯୋଗ ଶୁଣାଣି ଶିବିରରେ ପଶ୍ଚିମ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିବେ । ପଶ୍ଚିମ ଓଡ଼ିଶାର ଜନସାଧାରଣ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ନିଜର ଅଭିଯୋଗ ଜଣାଇ ପାରିବେ। ସମ୍ବଲପୁର ପରେ ବ୍ରହ୍ମପୁରରେ ଅଭିଯୋଗ ଶୁଣାଣି କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ।



# ୱି ଫର୍ ଭୁବନେଶ୍ୱରର ଓଡ଼ିଶା ଦିବସ ପାଳନ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ଆଜି ପବିତ୍ର ଓଡ଼ିଶା ଦିବସ ଅବସରରେ ସାମାଜିକ ସଙ୍ଗଠନ ୱି ଫର୍ ଭୁବନେଶ୍ୱର ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଓଡ଼ିଶା ପ୍ରଦେଶ ଗଠନର ମହାନାୟକ ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୁଦନ ଦାସ ଓ ମଧୁସୂଦନ ନଗରରେ ଥିବା ପାର୍କଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ୱି ଫର ଭୁବନେଶ୍ୱରର ଆବାହକ ଅମରେଶ ଜେନା, ସମ୍ପାଦକ ନରେନ୍ ସାହୁ, ସଭ୍ୟ ଉମାନାଥ ମିଶ୍ର, ଗୁରୁଚରଣ ସାହୁ, ମାନସ ମହାନ୍ତି, ରାମଚନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଗଠନର ମହାନାୟକମାନଙ୍କ ଅବଦାନ ମନେ ପକାଇବା ସହ ସେମାନଙ୍କ ଅବଦାନ ଯୁବପିଢ଼ିକୁ ଅନୁପ୍ରାଣିତ କରିଆସିଛି ବୋଲି ଅତିଥିଗଣ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନଙ୍କୁ ଧନ୍ୟବାଦ ଦେବା ସହ ଆବାହକ ଶ୍ରୀ ଜେନା ଆଗାମୀ ଦିନରେ ସଂଗଠନ ବିଭିନ୍ନ କାର୍ଯ୍ୟର ଆୟୋଜନ କରିବା ନେଇ ସୂଚନା ଦେଇଥିଲେ।

# ନାଳରେ ପଡ଼ିଛି ଦନ୍ତାହାତୀର ମୃତଦେହ



**ପାଲଲହଡ଼ା,୧।୪ (ସଂଚାର ବ୍ୟୁରୋ):** ଅନୁଗୋଳ ଜିଲା ସଇଡ଼ା ପଞ୍ଚାୟତ ବିଜୁସାହି ନିକଟ ନାଳରେ ମଙ୍ଗଳବାର ଏକ ଦନ୍ତାହାତୀର ମୃତଦେହ ପଡିଥିବା ଦେଖିବାକୁ ମିଳିଛି। କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଛି ତାହା ଜଣାପଡିନାହିଁ। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସୁଟ୍‌କେସ୍ ସୋ'ରୁମ ସହ କପଡ଼ା ଗୋଦାମରେ ନିଆଁ




**କଟକ,୧।୪ (ସଂଚାର ବ୍ୟୁରୋ):** କଟକ ସହରର ଦୋଳମୁଣ୍ଡାଇ ଅଞ୍ଚଳରେ ଏକ ଦୋକାନରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ରିପୋର୍ଟ ଅନୁଯାୟୀ, ସକାଳେ ସ୍ଥାନୀୟ ଲୋକମାନେ ପ୍ରଥମେ ଏକ କୋଠାର ଉପର ମହଲାରେ ଥିବା ଦୋକାନରୁ ଧୂଆଁ ବାହାରୁଥିବାର ଦେଖିଥିଲେ।ସୂଚନା ପାଇ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ।ଶେଷ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡରେ କୌଣସି ମୃତାହତ ହୋଇଥିବା ଜଣାପଡ଼ି ନାହିଁ। ଯଦିଓ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି।

# ଓଡ଼ିଶା ଦିବସରେ ଶୁଭେଚ୍ଛା ଜଣାଇଲେ ବେଦାନ୍ତ ଅଧ୍ୟକ୍ଷ

**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ଓଡ଼ିଶା ଦିବସ ଅବସରରେ ଆଜି ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ରାଜ୍ୟର ସାଂସ୍କୃତିକ ପରମ୍ପରା, ଜୀବନ୍ତ ଐତିହ୍ୟ ଏବଂ ବିକାଶମୂଳକ ପଦକ୍ଷେପକୁ ସମ୍ମାନ ଜଣାଇ ଓଡ଼ିଶାର ଜନସାଧାରଣ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

ଶ୍ରୀ ଅଗ୍ରୱାଲ ତାଙ୍କ ବାର୍ତ୍ତାରେ ଓଡ଼ିଶାର ଆଧ୍ୟାତ୍ମିକ ଗଭୀରତା, ପାରମ୍ପରିକ କଳା, ରନ୍ଧନ ପ୍ରଣାଳୀ ଏବଂ ସମୃଦ୍ଧ ପ୍ରାକୃତିକ ଦୃଶ୍ୟ ଦ୍ୱାରା ଗଠିତ ସ୍ୱତନ୍ତ୍ର ପରିଚୟ ବିଷୟରେ କହିଥିଲେ। ନିଜର ସମର୍ପଣ ଏବଂ ପ୍ରତିଭା ଜରିଆରେ ବିଶ୍ୱ ମଞ୍ଚରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରିବାରେ ଓଡ଼ିଆ ଜନସାଧାରଣଙ୍କ ଦୀର୍ଘସ୍ଥାୟୀ ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ଏଥିସହ ସେ ଓଡ଼ିଶାକୁ 'ବିଶ୍ୱର ଆଲୁମିନିୟମ ରାଜଧାନୀ' ବୋଲି ଅଭିହିତ କରି ରାଜ୍ୟ ସହିତ ବେଦାନ୍ତର ଦୃଢ଼ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ଉଭୟ ଭୂପୃଷ୍ଠ ଓ ଭୂତଳ କ୍ଷେତ୍ରରେ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗୁଁ ଓଡ଼ିଶା ବିଶ୍ୱଜ ସ୍ତରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ବେଦାନ୍ତ ରାଜ୍ୟରେ ଲକ୍ଷେ କୋଟି କୋଟିରୁ ଅଧିକ ନିବେଶ କରିଛି। କିନ୍ତୁ ଆମ ପାଇଁ, ଆମର ଦାୟିତ୍ୱ ବ୍ୟବସାୟ ବାହାରେ-ଏହା ସ୍ଥାନୀୟ ଲୋକଙ୍କର କଲ୍ୟାଣ ଓ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରୁଥିବା ଶ୍ରୀ ଅଗ୍ରୱାଲ୍ କହିଛନ୍ତି। ଅର୍ନ୍ତଭୁକ୍ତ ବିକାଶ ଉପରେ ନିଜର ଧ୍ୟାନ ଜାରି ରଖି ବେଦାନ୍ତ ସକ୍ରିୟ ଭାବେ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ସୁବିଧା ଏବଂ ପରିବେଶଗତ ସ୍ଥିରତା ପ୍ରତି ସମର୍ଥନ କରୁଛି। ଓଡ଼ିଶାର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ପାଇଁ କମ୍ପାନୀ ଗଭୀର ଭାବେ ପ୍ରତିବଦ୍ଧ ବୋଲି ଶ୍ରୀ ଅଗ୍ରୱାଲ୍ କହିଛନ୍ତି।

vedanta
transforming for good





# ପାଠ୍ୟପୁସ୍ତକରେ ରହୁ ମହାରାଜାଙ୍କ ଜୀବନୀ

**ଭୁବନେଶ୍ୱର,୧।୪(ସଂଚାର ବ୍ୟୁରୋ):** ଭାଷାଭିତ୍ତିକww ସ୍ୱତନ୍ତ୍ର ରାଜ୍ୟ ଗଠନର ୯୦ତମ ବର୍ଷ ପୂର୍ତ୍ତି ଅବସରରେ ଆଜି ସ୍ଥାନୀୟ ଏଜି ଛକସ୍ଥିତ ଭାଷାଭିତ୍ତିକ ରାଜ୍ୟ ଗଠନର ପ୍ରମୁଖ ବିନ୍ଧାଣୀ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ସଭାପତି ଦିଗବିଜୟ ନାଥ ପାଢ଼ୀଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଓଡ଼ିଶା ଗଠନରେ ମହାରାଜା ଓ ଅନ୍ୟାନ୍ୟ ତତ୍କାଳୀନ ନେତୃବୃନ୍ଦଙ୍କ ସ୍ମରଣରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିସହ ପାରଳାରେ ଥିବା ଏମ୍‌କେସିଜି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲାଗି ମଞ୍ଚ ପକ୍ଷରୁ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ ସକାଶେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମଞ୍ଚର ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ଦାସ, ଗୌର ମହାପାତ୍ର ପ୍ରମୁଖ ମହାରାଜାଙ୍କ ଜୀବନୀକୁ ଆଗାମୀ ୨୦୨୫-୨୬ ବର୍ଷରେ ପ୍ରକାଶ ପାଇବାକୁ ଥିବା ବିଦ୍ୟାଳୟସ୍ତରୀୟ ନୂତନ ପାଠ୍ୟ ଖସଡ଼ାରେ ସ୍ଥାନ ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏହି ଉତ୍ସବରେ ସମ୍ପାଦକ ରାଜ କିଶୋର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଉମାକାନ୍ତ ପାତ୍ର, ରମେଶ ଚୌଧୁରୀ, କୈଳାସ ପାଣିଗ୍ରାହୀ, ପ୍ରଶାନ୍ତ ପାଢ଼ୀ, ସୁରେଶ ମହାରଣା, ଅନୁକା ଜେନା, ରୁଦ୍ର ପ୍ରସାଦ ନାୟକ, ସୁଜିତ୍ ତୁଳ, ପୀତବାସ ସାହୁ, ସରିତ୍ରୀ ନାୟକ, ସୁଚିତ୍ରା ପାଢ଼ୀ, ରଞ୍ଜିତ୍ ଖଡଗ୍‌ରାୟ, ଗୌର ମହାପାତ୍ର, ପଦ୍ମନାଭ ରଥ, କୃଷ୍ଣ ନାୟକ, ଶ୍ରୀରାମ ମହାନ୍ତି, କିଶୋର ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଉତ୍କଳ ସମ୍ମିଳନୀ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ମଧ୍ୟ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଛି।

# ସମୃଦ୍ଧ ଓଡ଼ିଶା ପାଇଁ ଶିକ୍ଷାକ୍ରାନ୍ତି ଆଣିବାକୁ ମତ

**ଭୁବନେଶ୍ୱର,୧।୪:** ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ଯେଉଁ ପରିକଳ୍ପନା କରିଛନ୍ତି ତାହାର ସଫଳ ରୂପାୟନ ଲାଗି ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କ୍ରାନ୍ତି ଆଣିବା ଲାଗି ଓଡ଼ିଶା ଦିବସ ପାଳନ ଅବସରରେ ବିଭିନ୍ନ ସଂଗଠନ ମତ ବ୍ୟକ୍ତ କରିଛନ୍ତି ।

ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଲାଗି ରହିଥିବା ଶିକ୍ଷକ ମରୁଡି ଯୋଗୁଁ ଓଡ଼ିଶାରେ ସରକାରୀ ବିଦ୍ୟାଳୟଗୁଡିକରେ ଶିକ୍ଷା ବ୍ୟବସ୍ଥାର ଅବନତି ଘଟୁଥିବାବେଳେ ଇଂରାଜୀମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡିକର ସଂଖ୍ୟା ବୃଦ୍ଧି ଯୋଗୁଁ ପିଲାମାନଙ୍କ ଭିତରେ ଓଡିଆ ଭାଷା ଦୁର୍ବଳ ହୋଇପଡୁଛି । ସରକାରୀ ରିପୋର୍ଟ ମୁତାବକ ଅଷ୍ଟମଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ୫ମ, ୬ଷ୍ଠ ଶ୍ରେଣୀର ଓଡିଆ ବହି ଠିକଣା ଭାବେ ପଢ଼ିପାରୁ ନାହାନ୍ତି କିମ୍ବା ଏହାର ଗୋଟିଏ ଦୁଇଟି ଅନୁଚ୍ଛେଦ ମଧ୍ୟ ନିର୍ଭୁଲ ଭାବେ ଲେଖିପାରୁ ନାହାନ୍ତି । ହିନ୍ଦୀ ଓ ସଂସ୍କୃତ ପଢାଇବାପାଇଁ ସମ୍ପୃକ୍ତ ବିଷୟରେ ସ୍ୱତନ୍ତ୍ର ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତିଙ୍କୁ ଶିକ୍ଷକ ଭାବେ ଚୟନ କରାଯାଇଥାଏ । କିନ୍ତୁ ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ପର୍ଯ୍ୟନ୍ତ ଓଡିଆ, ଭାଷା, ସାହିତ୍ୟ ପଢାଇବା ଦାୟିତ୍ୱ ଯେଉଁମାନଙ୍କ ଉପରେ ରହୁଛି ସେମାନଙ୍କ ଲାଗି ଓଡିଆ ଭାଷାର ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ରଖାଯାଇନାହିଁ । ଇଂରାଜୀ ସାହିତ୍ୟକ୍ଷେତ୍ରରେ ବି ଅନୁରୂପ ସମସ୍ୟା ରହିଛି । ଫଳରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡିକରେ ବହୁ ଛାତ୍ରଛାତ୍ରୀଙ୍କ ଉଭୟ ଓଡିଆ ଓ ଇଂରାଜୀର ଜ୍ଞାନ ଉତ୍କୃଷ୍ଟ ମାନର ହୋଇପାରୁନାହିଁ ।

ଏହି ସମସ୍ୟାକୁ ଆଖିଆଗରେ ରଖି ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲ ପର୍ଯ୍ୟନ୍ତ ଯେତେସବୁ ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି ତାହାକୁ ତୁରନ୍ତ ପୂରଣ କରି ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଶାର ପିଲାମାନଙ୍କର ଓଡିଆ ଭାଷା ଜ୍ଞାନ ଯେଭଳି ସମୃଦ୍ଧ ହେବ ସେ ସଂକ୍ରାନ୍ତରେ ଓଡ଼ିଶା ସରକାର ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବାକୁ ଉଭୟ ଶିକ୍ଷକ ଓ ଅଭିଭାବକ ମହଲରୁ ଦାବି ହେଉଛି । କେବଳ ସେତିକି ନୁହେଁ, ଯୁକ୍ତ ଦୁଇ, ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ମଧ୍ୟ ଶିକ୍ଷକ ମରୁଡି ଅବସ୍ଥା ଉତ୍କଟତର ସ୍ଥିତିରେ ରହିଛି । ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ପାଖପାଖି ୬୦ ପ୍ରତିଶତ ପଦବୀ ଖାଲି ପଡିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ମାତ୍ର ୯ଜଣ ପ୍ରଫେସରରେ ଚାଲୁଛି । ପ୍ରାୟ ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ଏବେ ଅତି ଦୟନୀୟ ଅବସ୍ଥାରେ ରହିଛି । ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ପାଖପାଖି ଲକ୍ଷେ ପଦବୀ ଖାଲି ପଡିଥିବା ପରିପ୍ରେକ୍ଷୀରେ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇପଡୁଛି । ଏ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ବର୍ଷ ପୂର୍ତ୍ତି ୨୦୩୬ ମସିହାରେ ହେବାକୁ ଯାଉଥିବାବେଳେ ଓଡ଼ିଶାକୁ ସମୃଦ୍ଧ କରିବାପାଇଁ ରାଜ୍ୟ ସରକାର ଯେଉଁ ଘୋଷଣା କରୁଛନ୍ତି ଏବେ ଠାରୁ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାପାଇଁ ଉଦ୍ୟମ କଲେ ଅନ୍ତତଃପକ୍ଷେ ୧୧ବର୍ଷ ଭିତରେ ଓଡ଼ିଶାରେ ଓଡିଆ ଭାଷା ସାହିତ୍ୟ ଶିକ୍ଷା ସ୍ଥିତିରେ ଉନ୍ନତି ଆସିପାରିବ । (ତଥ୍ୟ)

# ଓଡ଼ିଶା ଦିବସରେ ବିକାଶ ମଞ୍ଚର ମେଗା ରୋଡ ଶୋ'



**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠରେ ଓଡ଼ିଶାଦିବସ ପାଳନ କରିବାକୁ ଏକ ଅଭିନବ ଉପାୟରେ ଭୁବନେଶ୍ୱର ବିକାଶ ମଞ୍ଚ ଏକ ମେଗା ରୋଡସୋ ଅୟୋଜନ କରିଅଛି। ଏୟାରଫିଲ୍ଡ ଥାନା ସମ୍ମୁଖରୁ ପୂର୍ବାହ୍ନ ୭ଘଟିକାରେ ରୋଡସୋର ବନ୍ଦେ ଓଡ଼ିଶାଜନନୀ ଗୀତରୁ ଯାତ୍ରାର ଶୁଭ ଉଦଘାଟନ କରିଥିଲେ କାର୍ଯ୍ୟକ୍ରମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ବଡଜେନା। ଆଗରେ ଡିଜେ ଗାଡିରେ ବନ୍ଦେ ଉତ୍କଳଜନନୀ ସଂଗୀତ ଧୂନ୍ ବାଜୁଥିବା ବେଳେ ତା ପଛରେ ଥିଲା ଓଡ଼ିଶାଜନନୀ ବେଶଭୂଷାରେ ସଜ୍ଜିତ ଏକ କିଶୋରୀ ଏବଂ ଏକା ପ୍ରକାର ଉତ୍କଳୀୟ ନାରୀ ବେଶରେ ଥିବା କିଛି ତରୁଣୀ। ତା ପଛକୁ ପଛ ୨୦ରୁ ୩୦ ବାଇକ ଏବଂ ୪୦ରୁ ଉର୍ଦ୍ଧ୍ୱ ଚାରିଚକିଆ ଯାନରେ ଥିଲା ଏକ ଲମ୍ବା ରୋଡସୋ। ଏହାର ନେତୃତ୍ୱ ନେଉଥିଲେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡଜେନା,ଏକ ଖୋଲା ଜିପରେ ଏୟାରଫିଲ୍ଡ ଥାନା ପାଖରୁ ବାହାରି ପଧାନସାହି ଗ୍ରାମ ପଂଚାୟତ ଅଭିମୁଖେ ରାସ୍ତାର ପଥଚାରୀମାନଙ୍କୁ ଅଭିନନ୍ଦନ ଜଣାଉଥିଲେ। ଦୀର୍ଘ ୭ କିମି ଧରି ଏହି ରୋଡସୋ ପୋଲିସ କର୍ଡନରେ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ସହିତ ବହୁ ଉତ୍ସାହ ଓ ଉଦ୍ଦୀପନାରେ ସ୍ଥାନୀୟଲୋକ ଅଭିବାଦନ ଜଣାଉଥିଲେ। ବିକାଶମଞ୍ଚର ବରିଷ୍ଠ ସଦସ୍ୟମାନେ ଏହାକୁ ଯେପରି ହର୍ଷ ଉଲ୍ଲାସରେ ପରିଚାଳନା କରୁଥିଲେ, ଏବଂ ନିଜ ମାଆ ମାଟି,ଜାତି, କଳା ସଂସ୍କୃତି,ଓ ଅସ୍ମୀତାର ଜନସଚେତନତାରେ ନିଜକୁ ସମର୍ପଣ କରିଥିଲେ ଏହା ଯୁବଗୋଷ୍ଠୀଙ୍କ ପାଇଁ ଏକ ମହାନ ବାର୍ତ୍ତାପ୍ରେରଣ କରିବା ସହିତ ଏକ ବିକଶିତ ଓଡ଼ିଶା ସକାଶେ ଆହ୍ୱାନ ଥିଲା। ପଧାନସାହି ଗ୍ରାମ ପଞ୍ଚାୟତ,ସରପଞ୍ଚ ଅନାମ ଚରଣ ସେନାପତି ରୋଡସୋରେ ଅଂଶଗ୍ରହଣକାରୀମାନଙ୍କୁ ପଞ୍ଚାୟତ ପରିସରରେ ସ୍ୱାଗତ ଜଣାଇଥିଲେ ଏବଂ ସେଠାରେ ଆୟୋଜିତ ଏକ ସଂସ୍କୃତି ସଭାର ସଂଯୋଜନା କରିଥିଲେ। ଉକ୍ତ ସଭାରେ ଶ୍ରୀ ବଡଜେନା ଓଡ଼ିଶାଦିବସର ତାତ୍ପର୍ଯ୍ୟ ପ୍ରସଙ୍ଗରେ ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିବା ବେଳେ ଓଡ଼ିଶା ସରକାରଙ୍କ ଏହି ସଂସ୍କୃତି ପକ୍ଷ ପାଳନର ସୂଚନା ଦେଇଥିଲେ। ଶ୍ରୀ ସେନାପତି ପଞ୍ଚାୟତ ତରଫରୁ ଅଞ୍ଚଳପାଇଁ କଣ ସବୁ ବିକାଶ କାର୍ଯ୍ୟ କରାଯାଇ ପାରିବ ତାହା ବୁଝାଇଥିଲେ ଏବଂ ବିକାଶ ମଞ୍ଚର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭୂରି ପ୍ରଶଂସା କରିଥିଲେ। ସଭା ଆରମ୍ଭରେ ମହାସଚୀବ ରଜନୀ କାନ୍ତ ସାମନ୍ତରାୟ ଏହି ରୋଡସୋର ସଫଳ ରୂପାୟନ କରିଥିବା ସମସ୍ତ ଆପାର୍ଟମେଣ୍ଟ ବାସୀନ୍ଦାମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ମହା ଆୟୋଜନର କର୍ମକର୍ତ୍ତା ମାନେ ହେଲେ ଉମାକାନ୍ତ ଜେନା, ସର୍ବେଶ୍ୱର ମହାନ୍ତି,ରଜନୀକାନ୍ତ ପଣ୍ଡା, ବିମଳ କୁମାର ଶତପଥୀ,ରୀତା ମହାପାତ୍ର,ଗୀତାଞ୍ଜଳି ପଣ୍ଡା, ପ୍ରଦୀପ୍ତ କୁମାର ନାୟକ,ପ୍ରମୋଦ କୁମାର ଦାଶ,ବିମ୍ବାଧର ସାହୁ, ଦେବଦାସ ପଟ୍ଟନାୟକ, ତପନ ମହାନ୍ତି,ଭକ୍ତିଶ୍ରୀ ପଣ୍ଡା,ଇତିଶ୍ରୀ ମହାପାତ୍ର ,ଜ୍ୟୋସ୍ନା ଦାସ,ଆଲୋକ ମହାପାତ୍ର,ପ୍ରବୋଧ ସାମଲ,କାମିନୀକୁମାର ସ୍ୱାଇଁ, ସୁରଜିତ ପଟ୍ଟନାୟକ ,ଅଶୋକ ନାୟକ,ସନ୍ତୋଷ ମହାପାତ୍ର ସମେତ ମଞ୍ଚର ସଦସ୍ୟବୃନ୍ଦ। ଡଃ ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଡଃ ବନମାଳୀ ରଥ ସହଯୋଗ କରିଛନ୍ତି ଏବଂ ଆରତ ସୁବୁଦ୍ଧି ରୋଡସୋ ପରିଚାଳନା କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଟକେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR

ସଂଚାର




# ବେଲୁଚିସ୍ତାନରେ ବିଦ୍ରୋହ

ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ବେଲୁଚିସ୍ତାନରେ ଏବେ ବିଦ୍ରୋହର ନିଆଁ ଜଳୁଛି। ପାକିସ୍ତାନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଁ ବେଲୁଚିସ୍ତାନବାସୀ ଦାବି କରି ଆସୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗକରି ଏହାକୁ ବହୁ ବର୍ଷ ହେବ ଚାପି ରଖିଛନ୍ତି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। କିଛି ଦିନ ତଳେ ବିଦ୍ରୋହୀମାନେ ଏକ ଟ୍ରେନ ଅପହରଣ କରି ନେଇଥିଲେ। ଏଥିରେ ଅନେକ ମୃତାହତ ହୋଇଥିଲେ। ଏବେ ପାକ ସେନା ପକ୍ଷରୁ ଖାଇବରପାଖତୁନଖ୍ୱାରେ ତାଲିବାନଙ୍କ ଆଡ୍ଡା ଉପରେ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରାଯାଇଛି। ଏଥିରେ ୧୧ ଜଣ ନିହତ ହୋଇଛନ୍ତି। ଏହି ଅଞ୍ଚଳ ଏବେ ଏକ ପ୍ରକାର ଆତଙ୍କୀ ଅଞ୍ଚଳ ଭାବେ ପରିଚିତ ହେଉଛି। ପଡ଼ୋଶୀ ଆଫଗାନିସ୍ତାନର ତାଲିବାନ ସରକାର ବିଦ୍ରୋହୀଙ୍କୁ ସମର୍ଥନ ଏବଂ ସହାୟତା ପ୍ରଦାନ କରୁଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଉଛି। ଏପରିକି ଉଭୟ ଦେଶର ସୀମାରେ ଦୁଇ ଦେଶର ସେନା ମୁହାମୁହିଁ ହୋଇଛନ୍ତି ଏବଂ ଉଭୟ ପକ୍ଷର କିଛି ମୃତାହତ ହୋଇଛନ୍ତି। ନିକଟରେ ପାକିସ୍ତାନ ବାୟୁସେନା ପକ୍ଷରୁ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ ୪୬ ଜଣ ମୃତାହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା ଓ ଶିଶୁ। ଏହାର ଜବାବ ଦେବାକୁ ଯାଇ ତାଲିବାନୀ ସେନା ପାକିସ୍ତାନ ସୀମାରେ ହମଲା କରିଛନ୍ତି। ସାମରିକ ଦୃଷ୍ଟିରୁ ଆଫଗାନିସ୍ତାନ ତୁଳନାରେ ପାକିସ୍ତାନ ଅଧିକ ଶକ୍ତିଶାଳୀ। ସମ୍ମୁଖ ଯୁଦ୍ଧରେ ଆଫଗାନିସ୍ତାନ ଜିତିବା ଅସମ୍ଭବ। ପାକିସ୍ତାନ ନିକଟରେ ଶକ୍ତିଶାଳୀ ଲଢ଼ୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୋ÷ଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ। ଏହି ସୁଯୋଗରେ କାଶ୍ମୀର ପ୍ରସଙ୍ଗରେ ଭାରତ ଜଣେ ସମର୍ଥକ ପାଇପାରିବ ଏବଂ ପାକିସ୍ତାନକୁ ଦୁର୍ବଳ କରିପାରିବ। ପାକିସ୍ତାନ ଭାରତ ପରିବର୍ତ୍ତେ ଆଫଗାନିସ୍ତାନର ମୁକାବିଲା ଉପରେ ଅଧିକ ମନୋନିବେଶ କରିବାକୁ ବାଧ ହେବ। କାଶ୍ମୀରରେ ପାକିସ୍ତାନ ଯେଉଁ ଅସ୍ତ୍ର ପ୍ରୟୋଗ କରିଛି, ଏବେ ସେହି ଅସ୍ତ୍ର ପାକିସ୍ତାନ ବିରୋଧରେ ପ୍ରୟୋଗ କରିବାର ସମୟ ଆସିଛି। ବେଲୁଚିସ୍ତାନରେ ପାକିସ୍ତାନ ବିରୋଧୀ ଅଭିଯାନ ଯୋର ଧରିବା ଫଳରେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ମଧ ସୃଷ୍ଟି ହେବ। ଏଭଳି ସ୍ଥିତିରେ ପାକିସ୍ତାନରେ ପୁନର୍ବାର ସାମରିକ ଶାସନ ପ୍ରତି୍ଠୋ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଥିପ୍ରତି ମଧ ଭାରତକୁ ସତର୍କ ରହିବାକୁ ପଡ଼ିବ। କାରଣ ପାକିସ୍ତାନରେ ଯେତେବେଳେ ସାମରିକ ଶାସନ ପ୍ରତିଷ୍ଠା ହୋଇଛି, ସେତେବେଳେ ଭାରତ ପ୍ରତି ବିପଦ ବଢ଼ିଛି। ଭାରତରେ ଆତଙ୍କବାଦ ବଢ଼ିଛି। ଅଶୀ ଦଶକରେ ଜିଆ ଉଲ ହକଙ୍କ ଶାସନ କାଳରେ କାଶ୍ମୀରରେ ଆତଙ୍କବାଦ ଏବଂ ପଞ୍ଜାବରେ ଖଲିସ୍ତାନୀଙ୍କ ଉତ୍ପାତ ବଢ଼ିଥିଲା। ତେଣୁ ଭାରତ ପଡ଼ୋଶୀ ଦେଶର ରାଜନୈତିକ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା ଉଚିତ। ଏବେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ବନ୍ଧୁତା ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ବାଂଲାଦେଶରେ ଶେଖ ହାସିନାଙ୍କ ବିଦାୟ ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ପ୍ରତିଷ୍ଠା ହେବା ପରଠାରୁ ସେଠାରେ ମୌ÷ଳବାଦୀଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। ପାକିସ୍ତାନ ଏହା ସୁଯୋଗ ନେବାକୁ ଉଦ୍ୟମ କରୁଛି। ପାକିସ୍ତାନ, ଚୀନ ଓ ବାଂଲାଦେଶ ଭାରତ ବିରୋଧରେ ମିଳିତ ହେଲେ ଭାରତର ଏକତା ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇପାରେ। ଏହାକୁ ପ୍ରତିହତ କରିବାକୁ ହେବ।

# ମଧ୍ୟବିତ୍ତ: ଧନ କମ୍, କଥା ବହୁତ




**ସୁବାସ ଷଡଙ୍ଗୀ**


ଗତ ଦଶ ବର୍ଷ ଭିତରେ ଆମ ଦେଶରେ ମଧବିତମାନଙ୍କର ଅବସ୍ଥା କଣ ହୋଇଛି, ସେ ବିଷୟରେ କୌଣସି ବିତର୍କର ଆମଶ୍ୟକତା ନାହିଁ, ଆମେ ସଭିଏଁ ଉପଲବ୍ଧି କରୁଛେ।ବେକାରି ଓ ଦରଦାମବୃଦ୍ଧିରେ ଆମ ଅବସ୍ଥା କହିଲେ ନ ସରେ। ନିକଟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ତାଙ୍କ 'ଏକ୍ସ' ଖାତାରେ ମଧବିତମାନଙ୍କର କରୁଣ ଅବସ୍ଥା ନେଇ ଯେଉଁ ଚିତ୍ର ଦେଇଛନ୍ତି, ତାହା ପୁଣି ଥରେ ଆଲୋଚନା ଭିତରକୁ ଆସିଛି। 'ୱାଲର୍ଡ ଅନଇକୁଆଲିଟି ଡାଟାବେସ'ର ତଥ୍ୟକୁ ଉଦ୍ଧୃତ କରି ଖଡଗେ ଲେଖିଛନ୍ତି, ଭାରତରେ ମଧବିତମାନଙ୍କର ଆୟ ୧୮୨୦ ମସିହାରେ ଯେଉଁ ଅବସ୍ଥାଥିଲା, ତାହାଠାରୁ ତଳକୁ ଖସିଯାଇଛି। ୧୮୨୦ ମସିହା ଅର୍ଥାତ ସେତେବେଳେ ଭାରତ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ଅଧୀନରେ ଥିଲା। ସତରେ କଣ ଆମେ ଏହା ଭିତରେ ଦୁଇଶହ ବର୍ଷ ପଛକୁ ଚାଲିଯାଇଛୁ? କଥାଟି ଶୁଣିବାକୁ ହୁଏତ ଭଲ ଲାଗିପାରେ। 'ୱାଲର୍ଡ ଇନଇକୁଆଲିଟି ରିପୋର୍ଟ'ରେ ଏକଥା ପୂର୍ବରୁ ଦର୍ଶାଯାଇଥିଲା। ସେଥିରେ କୁହାଯାଇଥିଲା ୧୮୨୦ ମସିହାରେ ଦେଶରେ ବଡ ଲୋକଙ୍କର ଏକତୃତୀୟାଂଶଙ୍କ ହାତରେ ରାୟ ଓ ସମ୍ପଦର ୭୩.୨ ଶତାଂଶ ରହିଥିଲା ସେଇପରି ମଧବିତଙ୍କ ଭିତରୁ ଏକତୃତୀୟାଂଶଙ୍କ ହାତରେ ଥିଲା ଆୟ ଓ ସମ୍ପଦର ୧୫ ଶତାଂଶ। ୨୦୨୩ ମସିହାରେ ମଧବିତଙ୍କ ହାତରେ ଜାତୀୟ ଆୟର ମାତ୍ର ୧୪.୯ ଶତାଂଶ ରହିଛି। ଅର୍ଥାତ ୧୮୨୦ ମସିହାର ହାର ଠାରୁ ମଧ କମ। ସେଇପରି ଧନୀ ଲୋକମାନଙ୍କ ହାତରେ ମୋଟ ଜାତୀୟ ଆୟର ୭୭.୮ ଶତାଂଶ ରହିଛି। ଆୟ ଦୃଷ୍ଟିରୁ ଦେଖିବାକୁ ଗଲେ ତଳସ୍ତରରେ ଥିବା ଜନସଂଖ୍ୟାର ଏକ ତୃତୀୟାଂଶଙ୍କ କ୍ଷମତା ମଧବିତ ଶ୍ରେଣୀଠାରୁ ଆହୁରି ଖରାପ। ୧୮୨୦ ମସିହାରେ ସେମାନଙ୍କ ଭାଗରେ ଥିଲା ମୋଟ ଆୟର ୧୦.୮ ଶତାଂଶ। ୨୦୨୩ ମସିହାରେ ସେତକ କମିଯାଇ ପହଂଚିଛି ୬.୪ ଶତାଂଶରେ।

ଭାରତରେ ଆର୍ଥିକ ବୈଷମ୍ୟ ନେଇ ଅନେକ ଆଲୋଚନା ହୋଇଛି। ୧୯୯୧ ମସିହାରେ ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱରେ ଆର୍ଥିକ ସଂସ୍କାର ଆରମ୍ଭ ହେଲା। ସେତେବେଳେ ଅନେକ ଆଶଙ୍କା ପ୍ରକାଶ କରିଥିଲେ, ମିଶ୍ର ଅବର୍ଥନୀତିର ରାସ୍ତା ଛାଡି ଖୋଲାବଜାରକୁ ଗ୍ରହଣ କଲେ ଆର୍ଥିକ ବୈଷମ୍ୟ ବଢିବ। କିଛି ବର୍ଷ ପରେ ଏହାର କିଛିଟା ସୁରାକ ମିଳିଲା। ଏ ନେଇ ଅନେକ ତଥ୍ୟ ଓ ପରିସଂଖ୍ୟାନ ରହିଛି। ଯେଉଁ ବୈଷମ୍ୟ ଦେଖାଦେଇଛି, ତାହାର ନିରାକରଣ କିପରି କରାଯାଇପାରିବ, ସେ ନେଇ ବିଶେଷ ଆଲୋଚନା ହୋଇ ନାହିଁ।

ପ୍ରଧାନମନ୍ତ୍ରୀ ତାଙ୍କ ଶାସନ ସମୟର କଥା ପ୍ରକାଶ କରି କହିଛନ୍ତି, ଆଗରୁ ସବୁ ଲୋକ ଗରିବ ଥିଲେ। ମଧବିତ ଶ୍ରେଣୀ ନଥିଲା। ଏଣୁ ସେ ଅବସ୍ଥାକୁ ଫେରିଯିବା ବୋଲି କହିବାରେ କୌଣସି ଯୁକ୍ତି ନାହିଁ। ଏବେ ଧନୀଙ୍କ ସଂଖ୍ୟ ବଢିଛି। ଗରିବମାନେ ଧୀରେ ଧୀରେ ଧନୀ ହେଉଛନ୍ତି। ସେମାନଙ୍କୁ ଧନୀ ହେବା ପାଇଁ କିଛି ସମୟ ଲାଗିବ।



ଆମେରିକାରେ ମଧ ଆର୍ଥିକ ବୈଷମ୍ୟ ରହିଛି। ଯାହାଫଳରେ ସେଠାରେ ମଧବିତଙ୍କ ସଂଖ୍ୟା ହ୍ରାସ ପାଇବାକୁ ଆରମ୍ଭ କରିଛି। ଇଏଲ ବିଶ୍ୱବିଦ୍ୟାଳୟର ଆଇନ ଅଧାପକ ଡାନିଏଲ ମାର୍କୋଭିଟସ କେତେକ ତଥ୍ୟ ବିଶ୍ଳେଷଣ କରି ପ୍ରକାଶ କରିଥିଲେ ଯେ, ' ମେଧାତନ୍ତ୍ରର ଅବକ୍ଷୟ ଯୋଗୁ ଏଭଳି ବୈଷମ୍ୟ ସୃଷ୍ଟି ହେଉଛି। ଚରମ ଦାରିଦ୍ର୍ୟରୁ ମୁକ୍ତି ପାଇବା ପାଇଁ ଆମେରିକାବାସୀ ନିଜ ଶିକ୍ଷାକୁ ଉପଯୋଗ କରିବାକୁ ଚାହାନ୍ତି। କିନ୍ତୁ ସେମାନେ ସେଠାରେ ଚରମ ପ୍ରତିଯୋଗିତାରେ ସଫଳ ହୋଇପାରୁ ନାହାନ୍ତି। ଗରିବ ଲୋକର ଏକମାତ୍ର ସମ୍ବଳ ହେଉଛି ନିଜର ମେଧା। କିନ୍ତୁ ଧନୀଙ୍କ ତୁଳନାରେ ସେମାନେ ପ୍ରତିଯୋଗିତାରେ ପଛରେ ରହିଯାଉଛନ୍ତି।ତାଙ୍କ ଯୁକ୍ତିରେ 'ଆପଲର ପ୍ରତିଷ୍ଠାତା ଷ୍ଟିଭସ ଙ୍କ 'ର୍‌ୟାଗସ ଟୁ ରିଚ' ହେବାର କାହାଣୀ ଏବେ ଆଉ ସମ୍ଭବ ନୁହେଁ। ତାଙ୍କ ମତରେ ବଜାର ପରିଚାଳିତ ସମାଜ ଏବେ କ୍ଷମତାର ବଂଟନ ଦ୍ୱାରା ନିୟନ୍ତ୍ରିତ। ମେଧାତନ୍ତ୍ର ନିଜର ଯୋଗ୍ୟତା ଶାଣିତ କରିବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ଦେଉ ନାହିଁ। ବଡ ଲୋକର ପିଲାମାନେ ଭଲ ସ୍କୁଲ ପାଠ ପଢି ଆଗକୁ ମାଡି ଯାଉଛନ୍ତି। ଗରିବ ପିଲାମାନେ ସେମାନଙ୍କ ସହିତ ତାଳ ମିଳାଇ ଆଗକୁ ଯାଇ ପାରୁ ନାହାନ୍ତି। ବରଂ ଶିକ୍ଷା ଏକ ସାମନ୍ତତାନ୍ତ୍ରିକ ପ୍ରଯୁକ୍ତିରେ ପରିଣତ ହୋଇଛି।

ତାଙ୍କ ଯୁକ୍ତିରେ ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ଦରକାର। ଏଥିପାଇଁ ଶିକ୍ଷାର ପରିବର୍ତନ ଦରକାର। ସରକାରୀ ବ୍ୟବସ୍ଥାରେ ଉଚମାନର ସ୍କୁଲ ପ୍ରତିଷ୍ଠା ହେବା ଦରକାର। ଯେଉଁଠାରେ ଧନୀ ଓ ଗରିବ ନିର୍ବିଶେଷରେ କେବଳ ଭଲ ପିଲା ପାଠ ପଢ଼ିପାରିବେ। ସରକାରୀ ବ୍ୟବସ୍ଥାରେ କମ ଅର୍ଥରେ ଉଚମାନର ଶିକ୍ଷା ମିଳିବା ଦରକାର। ଯଦ୍ୱାରା ସବୁପିଲା ଡାକ୍ତର ହୋଇ ନପାରିଲେ ନର୍ସ ତ ହୋଇପାରିବେ। ଶିକ୍ଷା ବ୍ୟବସ୍ଥାକୁ ଧନୀଙ୍କ କବଳରୁ ରକ୍ଷା କରିବାକୁ ହେବ। ଗଣତନ୍ତ୍ର ମେଧାତନ୍ତ୍ରକୁ ସଂକୁଚିତ କରିଦେଉଛି।

ମାର୍କୋଭିଟସଙ୍କ ମତରେ ଆଜିର ଶିକ୍ଷା ବ୍ୟବସ୍ଥା ହେଉଛି'ଟେଷ୍ଟୋକ୍ରାଟିକ'। ଏଭଳି ବ୍ୟବସ୍ଥା ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ଦିଗରେ ବାଧା ସୃଷ୍ଟି କରୁଛି। ଡାକ୍ତର ହେବାକୁ ହେଲେ ଆମକୁ କୋଟାଯାଇ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହୋକୁ ହେବ। ଯାହାର ପଇସା ଅଛି ଅର୍ଥାତ ଧନୀ ଘରର ପିଲାମାନେ ସେଠାକୁ ଯାଇ ପ୍ରତିଯୋଗିତା ଲାଗି ପ୍ରସ୍ତୁତ ହେଲେ। ମାତ୍ର ଯାହପାଖରେ ଅର୍ଥ ନାହିଁ ସେ ପଛରେ ରହିଗଲା। କିନ୍ତୁ ତା ପାଖରେ ମେଧା ଅଛି। ଉପଯୁକ୍ତ ସହଯୋଗ ପାଇଲେ ସେ ଉପରକୁ ଉଠି ପାରିବ।

ଆମ ଦେଶରେ ଧନୀ ଲୋକମାନେ ରାଜନୀତିକୁ ନିୟନ୍ତ୍ରିତ କରନ୍ତି। ସେମାନେ ନିଜର କିଛି ବିଶେଟ ଅଧିକାରକୁ ହାତଛଡା କରିବାକୁ ଚାହାନ୍ତି ନାହିଁ। ତେଣୁ ଏଭଳି ବୈଷମ୍ୟ ରହିବ। କୈଣସି ନେତା ଧନୀ ବର୍ଗକୁ ନିରାଶ କରିବାକୁ ଚାହାନ୍ତି ନାହିଁ। ଖାଲି ବଜେପି କାହିଁକି, କଂଗ୍ରେସ ମଧ ସେଇଥିରେ। କେବଳ ଯାହା ଭାଷଣ ଅଲଗା। ମଧବିତଙ୍କ ପାଇଁ କେହି ଚିନ୍ତା କରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ବୈଷମ୍ୟ ଏକ ଚିରନ୍ତନ ସାଥୀ।


**ମୋବାଇଲ: ୯୪୩୯୬୫୨୩୨୨**


# ଅପ୍ରାସଙ୍ଗିକ ଇଣ୍ଡିଆ ମେଣ୍ଟ ଓ ରାହୁଲ




**ଗୋପାଳ ମହାପାତ୍ର**


୨୦୨୪ର ଲୋକସଭା ନିର୍ବାଚନ ବେଳେ ଇଣ୍ଡିଆ ମେଣ୍ଟ ବିଜେପି ବିରୁଦ୍ଧରେ ଲଢିଥିଲା ଓ ବିଜେପିକୁ ସଂଖ୍ୟାଗରିଷ୍ଠତା ଠାରୁ ଦୂରେଇ ରଖିବାରେ ସଫଳ ହୋଇଥିଲା। ଫଳତଃ ଚନ୍ଦ୍ରବାବୁ ନାଇଡୁ ଓ ନିତିଶ କୁମାରଙ୍କୁ ବାଧ ହୋଇ ସରକାରରେ ସାମିଲ କରିଥିଲା ବିଜେପି। ନିର୍ବାଚନର ଫଳାଫଳ ପରେ ଆଶା କରାଯାଉଥିଲା ଯେ ଇଣ୍ଡିଆ ମେଣ୍ଟ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ଜବରଦସ୍ତ ମୁକାବିଲା କରିବ। କିନ୍ତୁ ଏବେ ଦେଖାଯାଉଛି ଯେ ଯାହା ଆଶା କରାଯାଉଥିଲା ତାହା ହେଉନାହିଁ। ଇଣ୍ଡିଆ ମେଣ୍ଟ ଭିତରେ ସାମଞ୍ଜସ୍ୟର ଅଭାବ ଏବଂ ଗଭୀର ମତଭେଦ କାରଣରୁ ମେଣ୍ଟ ଏବେ ଅପ୍ରସଙ୍ଗିକ ହେବାରେ ଲାଗିଛି। ଅନେକ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଇଣ୍ଡିଆ ମେଣ୍ଟତାର ଅସ୍ତିତ୍ୱ ହରାଇବାକୁ ବସିଲାଣି। ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଏବଂ ଦିଲ୍ଲୀ ନିର୍ବାଚନ ଫଳାଫଳ ପରେ ଏବେ ଏହି ମେଣ୍ଟ ବିଭାଜିତ ଅବସ୍ଥାରେ ଓ କେବେବି ବିଜେପିର ମୁକାବିଲା କରିପାରିବ ନାହିଁ ବୋଲି ସ୍ପଷ୍ଟ ହେବାକୁ ଲାଗିଲାଣି। ଲୋକସଭା ନିର୍ବାଚନରେ ବିଜେପିକୁ ଝଟକା ଲାଗିଥିଲା ନିଶ୍ଚୟ କିନ୍ତୁ ଦଳ ତାର ସ୍ଥିତିକୁ ସୁଧାରିବାରେ ଲାଗିଛି ଏବଂ ବିଧାନ ସଭା ନିର୍ବାଚନରେ ବିଜୟ ପରେ ବିରୋଧି ମେଣ୍ଟର ଭବିଷ୍ୟତ ଉପରେ ମଧ ପ୍ରଶ୍ନଚିହ୍ନ ଲଗାଇ ଦେଇଛି। କିନ୍ତୁ ବିରୋଧି ମେଣ୍ଟର ନେତା ମାନେ ଏ ଘଟଣାକୁ ନେଇ ଚିନ୍ତିତ ଥିବା ପରି ଜଣାପଡୁନାହିଁ। ସଂସଦ ଭିତରେ କି ବାହାରେ ବିରୋଧି ନେତାଙ୍କ ମଧରେ ସମନ୍ୱୟ ମଧ ନାହିଁ। ଦିଲ୍ଲୀରେ ଆମ୍‌ଆଦମୀ ପାର୍ଟିକୁ ଯେଉଁ ଧକ୍କା ଲାଗିଲା ସେଥିରୁ ବିରୋଧି ଇଣ୍ଡିଆ ମେଣ୍ଟର ନେତାଙ୍କ ମଧରେ ଥିବା ମତଭେଦ ସ୍ପଷ୍ଟ ହୋଇଯାଇଛି। ମେଣ୍ଟର କେତେକ ନେତା ଆମ୍ ଆଦ୍‌ମୀ ପାର୍ଟିକୁ ସମର୍ଥନ କରିଥିବା ବେଳେ କଂଗ୍ରେସ ବିଜେପି ଅପେକ୍ଷା ଆପ୍‌କୁ ଅଧିକ ସମାଲୋଚନା କରିଥିଲା। ଇଣ୍ଡିଆ ମେଣ୍ଟ ଠିକ୍ ଅଛି ବୋଲି କୁହାଯାଉଛି କିନ୍ତୁ ମେଣ୍ଟର ନେତାମାନେ ପରସ୍ପର ତଣ୍ଟି କାଟିବାରେ ଲାଗିଛନ୍ତି। ଦିଲ୍ଲୀରେ ଯଦି ଆପ୍ ଓ କଂଗ୍ରେସ ମିଳିମିଶି ନିର୍ବାଚନ ଲଢ଼ିଥାନ୍ତେ ହୁଏତ ଫଳ କିଛି ଭିନ୍ନ ହୋଇଥାନ୍ତା। ସେହିପରି ଯଦି ହରିଆଣାରେ ଆପ୍ ଭୋଟ ବିଭାଜନ କରିନଥାନ୍ତା ତେବେ ହୁଏତ କଂଗ୍ରେସ ସରକାର ଗଢ଼ିଥାନ୍ତା।

କଂଗ୍ରେସ ଏବେ ବୁଝିଗଲାଣି ଯେ ଅନେକ ଆଞ୍ଚଳିକ ଦଳ କଂଗ୍ରେସର କାନ୍ଧରେ ଗୋଡ଼ ରଖି ସଫଳତା ହାସଲ କରିବାରେ ଲାଗିଛନ୍ତି। ଏହି ଅବସ୍ଥା ରହିଲେ କଂଗ୍ରେସ ତାର ସ୍ଥିତି ହରାଇବସିବ। ଏହି ଅବସ୍ଥାକୁ ରୋକିବା ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ଆପ୍‌କୁ ବିରୋଧି କରିଥିଲା। କିନ୍ତୁ ହିନ୍ଦୀ ଭାଷାଭାଷି କ୍ଷେତ୍ରରେ ବିଜେପି ସହ କଂଗ୍ରେସ ମୁକାବିଲା କରି ପାରୁନାହିଁ। ଏହି କାରଣରୁ ମେଣ୍ଟରେ କଂଗ୍ରେସର ସ୍ଥିତି ମଧ ଦୁର୍ବଳ ହେଉଛି। କଂଗ୍ରେସ ଏକଥା ମଧ ବୁଝିଛି ଯେ ଆଞ୍ଚଳିକ ଦଳମାନେ କଂଗ୍ରେସର ପରମ୍ପରାଗତ ସମର୍ଥନ ବିଶେଷ କରି ଦଳିତ ଏବଂ ମୁସଲିମ ଭୋଟରଙ୍କୁ ନିଜ ଆଡ଼କୁ ଟାଣିନେଲେଣି ଅନ୍ୟ ପକ୍ଷରେ ଆଞ୍ଚଳିକ ଦଳମାନେ କଂଗ୍ରସକୁ ସେମାନଙ୍କ ପାଇଁ ବାଧକ ବୋଲି ଭାବୁଛନ୍ତି। ଦିଲ୍ଲୀରେ କଂଗ୍ରେସକୁ ମାତ୍ର ୬ ପ୍ରତିଶତ ଭୋଟ ମିଳିଥିଲା। କିନ୍ତୁ ଆପ୍ ସରକାର ଗଢି ପାରିଲା ନାହିଁ। ଏବେ ମେଣ୍ଟ ପକ୍ଷରୁ କୌଣସି ମିଳିତ କାର୍ଯ୍ୟକ୍ରମ ନାହିଁ କିମ୍ବା ମେଣ୍ଟ ନେତା ମାନଙ୍କର ବୈଠକ ମଧ ବସୁନାହି। ସଂସଦରେ ମଧ ଇଣ୍ଡିଆ ମେଣ୍ଟର ସାଂସଦମାନଙ୍କ ମଧରେ ଏକଜୁଟତା ଦେଖିବାକୁ ମିଳୁନାହିଁ। ଏବେ ମେଣ୍ଟରେ ସାମିଲ ଅନେକ ଆଞ୍ଚଳିକ ଦଳମାନେ କଂଗ୍ରେସ ସହ ରହିବାକୁ ମଧ ଇଛା ପ୍ରକାଶ କରୁନାହାଁନ୍ତି। ସେମାନେ ଭାବୁଛନ୍ତି କଂଗ୍ରେସ ସହ ରହିଲେ ଲାଭ ନାହିଁ ବରଂ କ୍ଷତି।

ରାହୁଲଗାନ୍ଧୀ କଂଗ୍ରେସ ଏବଂ ବିରୋଧି ଦଳଙ୍କ ଶକ୍ତି ଏବଂ ବାଧବାଧକତା ମଧ। ରାହୁଲ ପ୍ରସଙ୍ଗ ଉପସ୍ଥାପନ କରୁଛନ୍ତି ଏବଂ ସରକାରଙ୍କୁ ଘେରୁଛନ୍ତି। ବିରୋଧି ଦଳର କୌଣସି ନେତାଙ୍କର ଏଭଳି କ୍ଷମତା ନାହିଁ। ରାହୁଲ ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି କିନ୍ତୁ ଅନ୍ୟମାନଙ୍କୁ ସାଥିରେ ନେଇ •ଲିବାକୁ ଇଛା କରିନାହାଁନ୍ତି। ଏହାକୁ ତାଙ୍କର ସ୍ୱଭାବ ବୋଲି ମଧ କୁହାଯାଇପାରେ। ରାହୁଲଙ୍କର ଧୈର୍ଯ୍ୟନାହିଁ କିମ୍ବା ବିନମ୍ରତା ନାହିଁ। ଏକାକୀ ଚାଲ କଥା ରାଜନୀତିରେ ଚାଲେ ନାହିଁ। ଅଭିଯୋଗ ହେଉଛି ଯେ ରାହୁଲ ବିରୋଧି ଦଳର ନେତାମାନଙ୍କୁ ଭେଟିବା ପାଇଁ ସମୟ ଦେଉନାହାଁନ୍ତି। ଯେମିତି ମନମୋହନ ସିଂହଙ୍କ ସରକାରରେ ସୋନିଆ ଗାନ୍ଧୀ ମେଣ୍ଟର ନେତା ମାନଙ୍କ ସହ ସମନ୍ୱୟ ରକ୍ଷା କରୁଥିଲେ ସେଭଳି ମାନସିକତା ରାହୁଲଙ୍କ ଠାରେ ଦେଖିôବାକୁ ମିଳୁନାହିଁ। ଲୋକସଭାରେ ବିରୋଧିଦଳର ନେତା ହେବା ପରେ ଆଶା କରାଯାଉଥିଲା ଯେ ରାହୁଲ ଗାନ୍ଧୀ ନରେନ୍ଦ୍ର ମୋଦୀଙ୍କ ସ୍ୱାଭାବିକ ବିକଳ୍ପ ଭାବେ ଉଭାହେବେ, କିନ୍ତୁ ସେଭଳି କିଛି ହେବ ବୋଲି ଜଣାପଡୁନାହିଁ। ରାଷ୍ଟ୍ରୀୟ ସର୍ବେକ୍ଷଣ ଏବେବି ରାହୁଲ ଗାନ୍ଧୀଙ୍କୁ ସବୁଠାରୁ ପ୍ରଭାବଶାଳୀ ବିରୋଧି ନେତା ବୋଲି କହୁଛି କିନ୍ତୁ ଲୋକପ୍ରିୟତା ପ୍ରସଙ୍ଗରେ ରାହୁଲ ନରେନ୍ଦ୍ର ମୋଦୀଙ୍କ ସମକକ୍ଷ ହୋଇ ପାରିବେ ନାହିଁ। ଅନ୍ୟ ବିରୋଧି ନେତାଙ୍କୁ ସାଥିରେ ନନେବା ତାଙ୍କର ଏକ ଅସଫଳତା ଏବଂ ଆଦାନୀ ପ୍ରସଙ୍ଗକୁ ଧରି ଅଡି ବସିବା ଦ୍ୱାରା ତାଙ୍କ ପ୍ରଭାବ ବଢିନାହିଁ। ଏବେ ଦେଶର ପ୍ରମୁଖ ସମସ୍ୟା ହେଉଛି ବେରୋଜଗାରୀ, ଆଦାନୀ ନୁହେଁ। ଶରଦ ପାଓ୍ୱାର ଏ ପ୍ରସଙ୍ଗରେ କହିଛନ୍ତି ଯେ ସଂସଦ ସମୟକୁ ଅନ୍ୟ ପ୍ରସଙ୍ଗରେ ବ୍ୟବହାର କରାଯିବା ଉଚିତ୍। କିନ୍ତୁ ରାହୁଲ ଶୁକ୍ରାଚାର୍ଯ୍ୟ ଗୋଟିଏ ଆଖିରେ ଦେଖିବା ଭଳି ଓ୍ୱାନଟ୍ରାକ୍‌ରେ ଚାଲିଛନ୍ତି। ଯେଉଁ ପ୍ରସଙ୍ଗକୁ ଧରୁଛନ୍ତି ତାଙ୍କୁ ଛାଡୁ ନାହାଁନ୍ତି। ଏଠି ମନେ ପକାଇ ଦିଆଯାଇପାରେ "ଚୌକୀଦାର ଚୋରହେ" ଅଭିଯାନ। ରାହୁଲଙ୍କର ଏହି କଥା/ପ୍ରସଙ୍ଗ ଗୁରୁତ୍ୱହୀନ ହୋଇଯାଇଥିଲା। ରାହୁଲ ଏକଥା ବୁଝିବା ଉଚିତ୍ ଯେ କେତେଦିନ ପର୍ଯ୍ୟନ୍ତ ସମ୍ବିଧାନର କପିକୁ ଦେଖେଇ ଚାଲିବେ? ସମସ୍ତେ ଜାଣନ୍ତି ସମ୍ବିଧାନ ଉପରେ ବିପଦ ଆସିପାରିବ ନାହିଁ।

ଅନେକ ରାଜନୈତିକ ବିଶ୍ଳେଷକଙ୍କ ମତରେ ରାହୁଲ ଜଣେ ଭଲ ମଣିଷ କିନ୍ତୁ ଅନେକ ସମୟରେ ଭୁଲ ପ୍ରସଙ୍ଗ ଉଠାଉଛନ୍ତି ଯାହାର ଫାଇଦା ନେଉଛି ବିଜେପି, କଂଗ୍ରେସ ଦଳ ତାର ନେତୃତ୍ୱକୁ ଗଣତାନ୍ତ୍ରିକ କରିବା ଆବଶ୍ୟକ କିନ୍ତୁ ନେତୃତ୍ୱ ଗାନ୍ଧୀ ପରିବାରର ସଦସ୍ୟ ଏବଂ ମଲ୍ଲିକାର୍ଜୁନ ଖଡଗେଙ୍କ ମଧରେ ସିମୀତ ରହିଛି। ନୂଆ ମାମଲା ଶଶିଥରୁରଙ୍କୁ ନେଇ। ଶଶିଥରୁର କେରଳରୁ ୪ଥର ନିର୍ବାଚନ ଜିତିଛନ୍ତି ଓ ତାଙ୍କର ଏକ ବଳିଷ୍ଠ ବ୍ୟକ୍ତିତ୍ୱ ରହିଛି ଏପରିକି ଜନ ସମର୍ଥନ ମଧ ରହିଛି। କିନ୍ତୁ ଦଳରେ ତାଙ୍କୁ ଗୁରୁତ୍ୱ ଦିଆନଯିବା କାରଣରୁ ସେ ଅସନ୍ତୁଷ୍ଟ। ଶଶିଥରୁର ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତକୁ ପ୍ରଶଂସା କରିଥିଲେ ଏଣୁ ଦଳୀୟ ନେତୃତ୍ୱ ତାଙ୍କ ଉପରେ ଅସନ୍ତୁଷ୍ଟ। ଯଦି ଶଶି ଥରୁର ଦଳ ଛାଡି ଦିଅନ୍ତି ତେବେ ଦଳକୁ ନେତୃତ୍ୱକୁ ଝଟକା ଲାଗିବ ନିଶ୍ଚୟ ଏବଂ ସାଧାରଣରେ ଏକ ବାର୍ତ୍ତାଯିବ ଯେ ଦଳ ଭଲ ଲୋକଙ୍କୁ ସମ୍ଭାଳି ପାରୁନାହିଁ। କଂଗ୍ରେସ ନେତୃତ୍ୱ ଶଶି ଥରୁରଙ୍କ ଉପରେ ଅସନ୍ତୁଷ୍ଟ ହେବାର କାରଣ ହେଉଛି ୨୦୨୨ରେ କଂଗ୍ରେସ ଦଳର ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନବେଳେ ସୋନିଆ ଗାନ୍ଧୀ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ସମର୍ଥନ କରୁଥିବା ବେଳେ ଶଶି ଥରୁର ଖଡଗେଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ। ହୁଏତ ଏହା ଦଳୀୟ ନିୟମର ବିରୁଦ୍ଧାଚରଣ କିନ୍ତୁ ଦଳରେ ପ୍ରତିଭାବାନ୍ ବ୍ୟକ୍ତିଙ୍କ ଅଭାବ ଦଳକୁ ଦୁର୍ବଳ କରିଦେବ।

ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱର ଅଙ୍କ କାମ କଲାନାହିଁ। ଦଳମଧ ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କଲାନାହିଁ। ନରେନ୍ଦ୍ର ମୋଦୀ ନିଜେ ସବୁ ତଦାରଖ କରୁଛନ୍ତି। ସଂସଦରେ କେବଳ ଭାଷଣ ଦେଲ ଯେ ରାଜନୀତି ଚମକି ଉଠିବ ତା ନୁହେଁ। କଂଗ୍ରେସ ନେତୃତ୍ୱ ଠାରୁ ନିରାଶ ହେବା ପରେ ଯେତେବେଳେ ମମତା ବାନାର୍ଜୀ ଇଣ୍ଡିଆ ମେଣ୍ଟା ନେତା ହେବେ ବୋଲି ଇଛା ପ୍ରକାଶ କଲେ ସେତେବେଳେ ମେଣ୍ଟର ଅନେକ ନେତା ତାଙ୍କୁ ସମର୍ଥନ କଲେ। ମମତାଙ୍କୁ ଲାଲୁଯାଦବ, ଶରଦ ପାଓ୍ୱାର, ଅରବିନ୍ଦ କେଜରିଓ୍ୱାଲ, ଉଦ୍ଧବ ଠାକ୍‌ରେ ସମର୍ଥନ କଲେ। ଏହା କଂଗ୍ରେସ ପ୍ରତି ବଢୁଥିବା ଅବିଶ୍ୱସର ସୂଚନା ନିଶ୍ଚୟ। ଲାଲୁଯାଦବ ଗାନ୍ଧୀ ପରିବାରର ଜଣେ କଠୋର ସମର୍ଥକ। ବିହାରରେ ଆଉ କିଛିଦିନ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ କଂଗ୍ରେସର ସହାୟତା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ପଶ୍ଚିମବଂଗରେ ନିର୍ବାଚନ ହେବ ଏବଂ ମମତା ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢିବ। ମମତାଙ୍କୁ ଅନ୍ୟ ଆଞ୍ଚଳିକ ଦଳମାନେ ସମର୍ଥନ କରିବାର କାରଣ ହେଉଛି ସେମାନଙ୍କ ପାଇଁ ମମତା ବିପଦ ନୁହଁନ୍ତି କିନ୍ତୁ ଯେହେତୁ କଂଗ୍ରେସ ଏକ ସର୍ବ ଭାରତୀୟ ରାଷ୍ଟ୍ରୀୟ ଦଳ ତେଣୁ କଂଗ୍ରେସ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାର।

ବିରୋଧି ମେଣ୍ଟର ନେତା ଭୂମିକା ପାଇଁ କଂଗ୍ରେସ ନେତୃତ୍ୱକୁ ଉଦାର ହେବା ସହ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମାନସିକତା ରଖିବା ଆବଶ୍ୟକ। ଏବେ କଂଗ୍ରେସର ନେତୃତ୍ୱଙ୍କ ପାଖରେ ଏ ଦୁଇଟିଯାକ କଥା ନାହିଁ। ଆସନ୍ତା ବର୍ଷ କେରଳ, ଆସାମ, ପଶ୍ଚିମବଂଗ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ପାଇଁ ନିର୍ବାଚନ ହେବ। ଆଞ୍ଚଳିକ ଦଳ (ବିଜେପି ବିରୋଧି) କଂଗ୍ରେସ ଠାରୁ ଦୁରେଇ ଯିବାକୁ ଚାହୁଁଛନ୍ତି। ଯଦି ଅଲଗା ଅଲଗା ନିର୍ବାଚନ ଲଢନ୍ତି ତେବେ ବିଜେପିକୁ ଫାଇଦା ମିଳିବ । ଏବେ ଭୋଟର ମଧ ଭ୍ରମିତ ହେଉଛନ୍ତି ଯେ ଏମାନେ ଏକାଠି ନା ଅଲଗା? ବିରୋଧି ଦଳ ମାନଙ୍କ ମଧ ଏକତାର ଆବଶ୍ୟକତା ରହିଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶକ୍ତିଶାଳୀ ବିରୋଧିଦଳ ମଧ ଦରକାର। ଗତ ଲୋକସଭା ନିର୍ବାଚନରେ ଏକ ମଜଭୁତ ବିପକ୍ଷ ପାଇଁ ଲୋଭେ ଭୋଟ ଦେଇଛନ୍ତି ଏବଂ ବିପକ୍ଷ କେବଳ କଂଗ୍ରେସର ଚାରିପଟେ ଏକାଠି ହୋଇ ପାରିବେ। ଏକଥା ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ ସ୍ୱୀକାର କରିଛନ୍ତି। କିନ୍ତୁ ଏଥିପାଇଁ କଂଗ୍ରେସ ନେତୃତ୍ୱକୁ ଦୂରଦର୍ଶୀ ହେବାକୁ ପଡିବ। ଏବେର ରାଜନୈତିକ ଅବସ୍ଥା ଯେଭଳି ମୋଡ଼ ନେବାକୁ ଯାଉଛି ସେଇ ପରିସ୍ଥିରେ ରାହୁଲ କ'ଣ ନେତୃତ୍ୱ ଦେଇପାରିବେ?


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲଇ: ୯୪୩୮୪୮୫୦୯୪**


# ଅଦିନରେ ହୋଲି




**କିଶୋର ଚନ୍ଦ୍ର ବେହେରା**


ରଙ୍ଗ ଓ ଭାଇ ଚାରାର ପର୍ବ ହେଉଛି ହୋଲି। ହୋଲି ରଙ୍ଗ ଭରିଦିଏ ପରସ୍ପର ମଧରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। କୁହାଯାଏ ଏହି ଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ। ହୋଲି ଦିନ ଟିକେ ଅବିର ରଙ୍ଗୀନ କରିଦିଏ ଜୀବନକୁ ଆଉ ସୁଧୂର କରିଦିଏ ସମ୍ପର୍କକୁ। ଆମକୁ ମନେ ରଖିବାକୁ ହେବ ସବୁଠାରୁ ବଡ଼ ଆନନ୍ଦ ଆମେ ପାଇଁ ଅନ୍ୟକୁ ଟିକିଏ ସୁଖ ଦେଇପାରିଲେ ଓ ଅନ୍ୟର କିଞ୍ଚିତ ଉପକାର କରିପାରିଲେ। ଆମ ପରିସରର ଲୋକଟିକୁ ଅସୁବିଧାରେ ପକାଇଲେ ବା ତା' ଲାଗି ଅସୁବିଧା ସୃଷ୍ଟିକଲେ ଆମ ଭିତରେ ଆମେ କେବେ ଖୁସି ପାଇପାରିବା ନାହିଁ। ଜୀବନର ଅସଲ ରଙ୍ଗ ରହିଛି ଅନ୍ୟର ଓଠରେ ଝଲସି ଉଠୁଥିବା ଆତ୍ମତୃପ୍ତିର କ୍ଷଣିକ ହସରେ। ସେ ରଙ୍ଗକୁ ଅନୁଭବ କରିବା ଶିଖିଲେ ମଣିଷ ଜୀବନ ଧନ୍ୟ ହୋଇଯିବ। ରଙ୍ଗ ଓ ଆନନ୍ଦର ପର୍ବ ହୋଲି ଆମକୁ ଏହି ବାର୍ତ୍ତା ଦେଇଥାଏ। ହୋଲି ପାଳନର ଅନେକ କାରଣ ରହିଥିଲେ ଏହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିହେବ। ପ୍ରଥମଟି ହେଲା ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ଏବଂ ଦ୍ୱିତୀୟଟି ସ୍‌ବାସ୍ଥ୍ୟ। ହୋଲି ପାଳନ ଦ୍‌ବାରା ଏକ ଭାଇ ଚାରାର ବାତାବରଣ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ତେବେ ଯଦି ବୈଜ୍ଞାନିକ ସମ୍ବନ୍ଧିତ କାରଣ ଖୋଜନ୍ତି ତେବେ ଜାଣି ହେବ ଯେ ବିଗତ ଦିନରେ ଫୁଲ ଓ ପତ୍ର ରୁ ପ୍ରସ୍ତୁତ ରଙ୍ଗରେ ଲୋକ ମାନେ ହୋଲି ଖେଳୁଥିଲେ। ଯେଉଁଥିରେ ଅନେକ ଆଣ୍ଟି ବ୍ୟାକ୍ଟେରିଆ ଓ ଆଣ୍ଟି ଭାଇରଲ ଗୁଣ ରହୁଥିଲା। ଏହା ହୋଲି ପରେ ପରେ ବ୍ୟାପୁଥିବା ବସନ୍ତ ଓ ମିଳିମିଳା ଭଳି ଭାଇରାଲ୍ ରୋଗକୁ ପ୍ରତିହତ କରିବାରେ ସହାୟକ ହେଉଥିଲା। ସେହିଭଳି ରୂପେ ପାଣି ଖେଳ ଦ୍‌ବାରା ଆଗାମୀ ଦିନରେ ଆସିବାକୁ ଥିବା ଗ୍ରୀଷ୍ମ ପ୍ରଭାବରୁ ନିଜକୁ ରକ୍ଷା କରିବାର ଏକ ବାର୍ତ୍ତା ଦିଆଯାଉଥିଲା ବୋଲି ମତ ଦିଅନ୍ତି ବିଶେଷଜ୍ଞ। ଅନେକ ସ୍‌ବଛାସେବୀ ଅନୁଷ୍ଠାନ ତରଫରୁ ହୋଲି ପର୍ବକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି। ସଚେତନତା ନାଗରିକ ଗୋଶାଳାରେ ଥିବା ଗୋମାତାଙ୍କୁ ପୂଜା କରି ଫୁଲମାଳ ପିନ୍ଧାଇ, ଖାଦ୍ୟ ଖୁଆଇ, ଦେହରେ ଅବିର ବୋଳି ହୋଲି ଉତ୍ସବ ପାଳନ କରିଥିଲା ବେଳେ ସହରରେ ବସ୍ତିରେ ବସବାସ କରୁଥିବା ଛୋଟ ଛୋଟ ପିଲା ମାନଙ୍କ ହୋଲି ପାଳନକରି ସେମାନଙ୍କ ମନରେ ଆନନ୍ଦ ଭରି ଦେଇଥାନ୍ତି।

ଋତୁରାଜ ବସନ୍ତରେ ପାଳିତ ହୁଏ ଦୋଳ ପୂର୍ଣ୍ଣିମା। ଏହି ପର୍ବ ହିନ୍ଦୁ ମାସର ଫାଲଗୁନ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମୀ ତିଥିରେ ପାଳିତ ହୋଇଥାଏ। କିନ୍ତୁ ଦୋଳ ଉତ୍ସବ ଶୁକ୍ଳ ଦଶମୀ ଠାରୁ ଆରମ୍ଭ ହୋଇଯାଇଥାଏ। ସାଧାରଣତଃ ହୋଲି ପର୍ବ , ଦୋଳ ଉତ୍ସବ, ବସନ୍ତ ରାସ ଉତ୍ସବ ଭାବରେ ଜଣାଶୁଣା। ଭାରତ ବର୍ଷର ପୂର୍ବ ମଧ ଭାଗରେ ଏହି ଉତ୍ସବ ସୂଚାରୁରୂପେ ପାଳିତ ହୋଇଥାଏ। ସାଧାରଣତଃ ଆସାମ, ବିହାର, ଉତ୍ତରପ୍ରଦେଶ, ଓଡ଼ିଶା ଓ ବଙ୍ଗ ପ୍ରଦେଶର ମୁଖ୍ୟ ଉତ୍ସବ ଅଟେ। ସଂପ୍ରତି ସମୟରେ ଅଦିନରେ ହୋଲି ଖେଳ ବିଦ୍ୟାର୍ଥୀଙ୍କ ଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମ ଓ ରାଜନୈତିକ ଦଳ ମାନଙ୍କରେ ଦେଖିବାକୁ ମିଳିଥାଏ। ବିଶେଷ କରି ଏହି ହୋଲି ଖେଳ ବିଭନ୍ନ ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳୁଛି। ଫେବୃଆରୀ ଦିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ସମସ୍ତ ବାର୍ଷିକ ପରୀକ୍ଷା ସରିଯାଇଥିବା ବେଳେ ବର୍ତମାନ ପରିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ ଆରମ୍ଭ ହୋଇଗଲାଣି। ଜଣେ ବିଦ୍ୟାର୍ଥୀ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସଦାସର୍ବଦା ଚେଷ୍ଟା କରିଥାଏ। ଗଣଶିକ୍ଷା ବିଭାଗ ଅଧିନରେ ଦଶମ ଓ ଦ୍‌ବାଦଶ ଶ୍ରେଣୀର ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଥାଏ ପରବର୍ତ୍ତୀ ଅଧ୍ୟୟନ ନିମନ୍ତେ ଭଲ ଶିକ୍ଷାନୁଷ୍ଠାନ ପାଇଁ। ଉଚ୍ଚଶିକ୍ଷା ବିଭାଗ ଅଧିନରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ସ୍ନାତକୋତ୍ତର ଶିକ୍ଷା କିମ୍ବା କର୍ମନିଯୁକ୍ତି ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ସ୍ନାତକ ଶିକ୍ଷା ଅଧିକ ଗୁରୁତ୍ୱ ବହନ କରିଥାଏ। ସମସ୍ତ ବିଦ୍ୟାର୍ଥୀ ଦଶମ ଠାରୁ ଆରମ୍ଭ କରି ସ୍ନାତକ ଶିକ୍ଷା ପର୍ଯ୍ୟନ୍ତ ପରୀକ୍ଷା ଶେଷ ଦିନରେ ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳୁଛି ରଙ୍ଗାରଙ୍ଗ ପରିବେଶ। ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ସାମିଲ ହୋଇ ଉପଭୋଗ କରୁଥିବାର ମଧ ଦେଖିବାକୁ ମିଳିଥାଏ। କିଛି ସମୟ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଖୁସିର ଲହରୀ ଦେଖିବାକୁ ମିଳିଥାଏ। ଶିକ୍ଷାନୁଷ୍ଠାନ ଫାଟକ ସମ୍ମୁଖରେ ସହପାଠୀଙ୍କ ସହିତ ଶେଷ ଚିତ୍ରୋଳନ ପରଷ୍ପର ମଧରେ ସମାଳି ହୋଇଥାନ୍ତି।

ସଂପ୍ରତି ସମୟରେ ସାମାଜିକ ଗଣମାଧମର ପ୍ରଭାବରେ ପ୍ରଭାବିତ ଯୁବ ବର୍ଗ। ରଙ୍ଗ ବୋଳା ଶରୀରରେ ସଙ୍ଗୀତର ତାଳରେ ତାଳମେଳର ସାମଞ୍ଜସ୍ୟ ରଖି ଭିଡିଓ ଚିତ୍ର ଉତ୍ତୋଳନ କରି ଫେସବୁକ୍, ହ୍ୱାଟସପ ଗ୍ରୁପ କିମ୍ବା ଷ୍ଟଟସ୍, ଇନଷ୍ଟାଗ୍ରାମ, ଟେଲି ଗ୍ରାମ ଓ ଟିୟୁଟର ଆଦି ବୈଦିତିକ ସାମାଜିକ ଗଣମାଧମ ଦ୍‌ବାରା ପ୍ରଚାର ପ୍ରସାର କରି ସେଥିରୁ ଆନନ୍ଦ ଲାଭ କରିଥାନ୍ତି। ଏହା କେତେଦୂର ଯୁବ ସମାଜ ଓ ସାମାଜିକ ପରିବେଶକୁ ପ୍ରଭାବିତ କରୁଛି ଯୁବ ନେତୃତ୍ୱକୁ ନେଇ ଗବେଷଣା କରୁଥିବା ଗବେଷକ ହିଁ ସଠିକ୍ ତଥ୍ୟ ରଖିପାରିବେ। "ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍" ଅଟୋଗ୍ରାଫ୍ ହେଉଛି ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ହସ୍ତଲିଖନ ସ୍‌ବାକ୍ଷର ଯାହା ପ୍ରାୟତଃ ସଂଗ୍ରହକାରୀ ଏବଂ ପ୍ରଶଂସକମାନଙ୍କ ଦ୍ୱାରା ଖୋଜାଯାଏ। ଫଟୋ, ବହି, ପୋଷ୍ଟର, ଏବଂ ସ୍ମାରକପତ୍ର ଭଳି ବିଭିନ୍ନ ଜିନିଷ ଉପରେ ଅଟୋଗ୍ରାଫ୍ ମିଳିପାରିବ ଏବଂ ଯେଉଁମାନେ ସେମାନଙ୍କ ଦସ୍ତଖତ କରିଥିବା ବ୍ୟକ୍ତିଙ୍କୁ ପ୍ରଶଂସା କରନ୍ତି ସେମାନଙ୍କ ପାଇଁ ଅନ୍ତର୍ନିହିତ ମୂଲ୍ୟ ଧାରଣ କରିଥାଏ। ଅଟୋଗ୍ରାଫ୍ ସଂଗ୍ରହ କରିବା ଉତ୍ସାହୀମାନଙ୍କ ମଧରେ ଏକ ଲୋକପ୍ରିୟ ଅଭ୍ୟାସ, ଯେଉଁମାନେ ଏହି ସ୍‌ବାକ୍ଷରିତ କଳାକୃତିର ବ୍ୟକ୍ତିଗତ ସଂଯୋଗ ଏବଂ ଐତିହାସିକ ମହତ୍‌ବକୁ ଗୁରୁତ୍ୱ ଦିଅନ୍ତି। ସର୍ବସାଧାରଣ ଇଭେଣ୍ଟ, ମିଟ୍-ଏବଂ-ଗ୍ରୀଟ୍ କିମ୍ବା ସେଲିବ୍ରିଟି କିମ୍ବା ଜନସାଧାରଣଙ୍କୁ ମେଲ୍ ଅନୁରୋଧ ମାଧମରେ ବ୍ୟକ୍ତିଗତ ଭାବରେ ଅଟୋଗ୍ରାଫ୍ ମଧ ମିଳିପାରିବ। ପରୀକ୍ଷାର ଶେଷ ଦିନରେ ଛାତ୍ରଛାତ୍ରୀମାନେ ନିଜର ଗଣ ପୋଷାକ ଉପରେ ପରଷ୍ପର ମଧରେ ଦସ୍ତଖତ କରିଥାନ୍ତି କାରଣ ସେମାନେ ଭଲଭାବରେ ଜାଣିଥାନ୍ତି ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ପୁନଃ ଗଣ ପୋଷାକର ଆବଶ୍ୟକତା ପଡ଼ିଥାଏ। ତେଣୁ ଏହି ପୋଷାକଟିର ମୂଲ୍ୟବୋଧ ପରବର୍ତ୍ତୀ ସମୟରେ ମୂଲ୍ୟହୀନ ବୋଲି ଅନୁଭବ କରିଥାନ୍ତି। ଏଭଳି ଅନେକ ସ୍ଥାନରେ ଦେଖିବାକୁ ମିଳେ ଅନେକ ଛାତ୍ର ନିଜର ଗଣ ପୋଷାକକୁ ପରଷ୍ପର ମଧରେ ଚିରାଚିରି କରି ରାସ୍ତାରେ ପକାଇ ଥିବାର ଦେଖିବାକୁ ମିଳେ, ଯେପରି ଅନୁଭୂତ ହୁଏ ସତେକି ଦୂଘଟଣା ଘଟିଯାଇଛି। ବିଦ୍ୟାର୍ଥୀଙ୍କ ଏଭଳି ଆଚରଣ ସମାଜର ପରବର୍ତ୍ତୀ ପିଢ଼ି ଉପରେ କୁସଂସ୍କାରର ପ୍ରଭାବ ପକାଇଥାଏ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍: ୯୪୩୭୯୫୫୫୬୮**

## ୱାକଫ ସମ୍ପତ୍ତି ଦକ୍ଷ ପରିଚାଳନା ସୁନିଶ୍ଚିତ କରିବ ୱାକଫ୍ ସଂଶୋଧନ ବିଲ୍

**ନୂଆଦିଲ୍ଲୀ,୧।୪:** କେନ୍ଦ୍ର ସରକାର ୱକଫ ବୋର୍ଡର କାର୍ଯ୍ୟକୁ ବ୍ୟବସ୍ଥିତ କରିବା ସହିତ ୱକଫ ସମ୍ପତ୍ତିର ଦକ୍ଷ ସୁପାରିଚାଳନା ପାଇଁ ୱକଫ ସଂଶୋଧନ ବିଲ୍ ୨୦୨୪ ଏବଂ ମୁସଲମାନ ୱକଫ୍ (ପ୍ରତ୍ୟାହାର) ବିଲ୍ ୨୦୨୪ ଆଗତ କରିଛନ୍ତି। ଏହି ବିଲ୍ ୮ ଅଗଷ୍ଟ ୨୦୨୪ରେ ଲୋକସଭାରେ ଆଗତ କରାଯାଇଥିଲା। ପରେ ବିଲ୍ ଉପରେ ଅଧିକ ଆଲୋଚନା ପାଇଁ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଥିଲା। ୱକଫ (ସଂଶୋଧନ) ବିଲ୍, ୨୦୨୪ର ଉଦ୍ଦେଶ୍ୟ ହେଉଛି ୱକଫ ସମ୍ପତ୍ତି ନିୟନ୍ତ୍ରଣ ଏବଂ ପରିଚାଳନା ସମ୍ବନ୍ଧୀୟ ସମସ୍ୟା ଓ ଆହ୍ୱାନର ସମାଧାନ ପାଇଁ ୱକଫ ଅଧିନିୟମ, ୧୯୯୫ ରେ ସଂଶୋଧନ କରିବା। ଏହି ସଂଶୋଧନ ବିଲ୍ ଭାରତରେ ୱକଫ୍ ସମ୍ପତ୍ତିର ପ୍ରଶାସନ ଏବଂ ପରିଚାଳନାରେ ଉନ୍ନତି ଆଣିବାକୁ ଚାହୁଁଛି। ବିଲର ଲକ୍ଷ୍ୟ ହେଉଛି, ପୂର୍ବ ଆଇନର ତ୍ରୁଟିଗୁଡ଼ିକୁ ଦୂର କରିବା ଏବଂ ଆଇନର ସଞ୍ଜ୍ଞା ପରିବର୍ତ୍ତନ କରିବା ଭଳି ପରିବର୍ତ୍ତନ କାର୍ଯ୍ୟକାରୀ କରି ୱକଫ ବୋର୍ଡଗୁଡ଼ିକର ଦକ୍ଷତା ବୃଦ୍ଧି କରିବା। ୱକଫର ପରିଭାଷାରେ ସଂଶୋଧନ କରିବା। ପଞ୍ଜୀକରଣ ପ୍ରକ୍ରିୟାରେ ଉନ୍ନତି ଆଣିବା। ୱକଫ ରେକର୍ଡ ପରିଚାଳନା କରିବାରେ ପ୍ରଯୁକ୍ତିର ଭୂମିକା ବୃଦ୍ଧି କରିବା। ଭାରତରେ ୱକଫ ସମ୍ପତ୍ତିର ପ୍ରଶାସନ ବର୍ତ୍ତମାନ ୱକଫ ଅଧିନିୟମ, ୧୯୯୫ ଦ୍ୱାରା ପରିଚାଳିତ, ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ଆଇନରେ ପରିଣତ ଏବଂ ନିୟନ୍ତ୍ରିତ ହୋଇଛି। ମୁଖ୍ୟ ପ୍ରଶାସନିକ ସଂସ୍ଥାଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ୱକଫ ପରିଷଦ (ସିଡବ୍ଲ୍ୟୁସି) ସରକାର ଏବଂ ରାଜ୍ୟ ୱକଫ ବୋର୍ଡକୁ ନୀତି ଉପରେ ପରାମର୍ଶ ଦେଇଥାଏ କିନ୍ତୁ ୱକଫ ସମ୍ପତ୍ତିକୁ ସିଧାସଳଖ ନିୟନ୍ତ୍ରଣ କରେ ନାହିଁ। ରାଜ୍ୟ ୱକଫ ବୋର୍ଡ (ଏସଡବ୍ଲ୍ୟୁବି) ପ୍ରତ୍ୟେକ ରାଜ୍ୟରେ ୱକଫ ସମ୍ପତ୍ତିର ପରିଚାଳନା ଏବଂ ସୁରକ୍ଷା ଦେଇଥାଏ। ୱକଫ ଟ୍ରିବ୍ୟୁନାଲ-ସ୍ୱତନ୍ତ୍ର ନ୍ୟାୟିକ ସଂସ୍ଥା ଯାହା ୱକଫ ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ପରିଚାଳନା କରେ। ଏହି ବ୍ୟବସ୍ଥା ଉନ୍ନତ ପରିଚାଳନା ଏବଂ ସମସ୍ୟାଗୁଡ଼ିକର ଦ୍ରୁତ ସମାଧାନ ସୁନିଶ୍ଚିତ କରିଥାଏ। ବର୍ଷ ବର୍ଷ ଧରି, ଆଇନଗତ ପରିବର୍ତ୍ତନ ୱକଫ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ କରିଛି।

## ରାସ୍ତା ମଝିରେ ରିଲ୍ କରି ଟ୍ରାଫିକ୍‌ରେ ବାଧା ସୃଷ୍ଟି କଲେ ସ୍ତ୍ରୀ, କନଷ୍ଟେବଳ ନିଲମ୍ବିତ



**ଚଣ୍ଡିଗଡ଼,୧।୪:** ରାସ୍ତା ମଝିରେ ରିଲ୍ କଲେ ସ୍ତ୍ରୀ, ସ୍ୱାମୀଙ୍କ ଉପରେ ହେଲା କାର୍ଯ୍ୟାନୁଷ୍ଠାନ। ଚଣ୍ଡିଗଡ଼ ସହରସ୍ଥିତ ଏକ ଛକରେ ଥିବା ଜେବ୍ରା କ୍ରସିଂରେ ସ୍ତ୍ରୀ' ନାଚୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚଣ୍ଡିଗଡ଼ ପୋଲିସ ଜଣେ ବରିଷ୍ଠ କନଷ୍ଟେବଳ ଅଜୟ କୁଣ୍ଡୁଙ୍କୁ ନିଲମ୍ବିତ କରିଛି। ୨୦ ମାର୍ଚ୍ଚ ଅପରାହ୍ନ ପ୍ରାୟ ଅପରାହ୍ନ ସମୟରେ ଘଟିଥିବା ଏହି ଘଟଣା ଟ୍ରାଫିକ୍ ବାଧା ସୃଷ୍ଟି କରିଥିଲା ଏବଂ ବିବାଦ ସୃଷ୍ଟି କରିଥିଲା। ଉଲ୍ଲେଖଯୋଗ୍ୟ, ସେକ୍ଟର ୩୨ରେ ଏକ ମନ୍ଦିର ଦର୍ଶନ କରିବା ପରେ ଜ୍ୟୋତି ତାଙ୍କ ଭାଉଜ ପୂଜାଙ୍କ ସହାୟତାରେ ଏହି ରିଲ୍ ସୁଟିଂ କରିଥିଲେ। ଭାଇରାଲ ହୋଇଥିବା ଭିଡିଓରେ ଜ୍ୟୋତି ଏକ ଲୋକପ୍ରିୟ ହରିୟାଣଭି ଗୀତରେ ନାଚୁଥିଲେ, ଯେତେବେଳେ କି ଏହା ଟ୍ରାଫିକ୍ ଜାମ୍ ସୃଷ୍ଟି କରିଥିଲା। ଭିଡିଓ ଭାଇରାଲ ହେବା ପରେ, ହେଡ୍ କନଷ୍ଟେବଳ ଜସବୀର ଚଣ୍ଡିଗଡ଼ର ସେକ୍ଟର ୩୪ ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଛନ୍ତି। ଚଣ୍ଡିଗଡ଼ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି, ଆଇଏସ୍‌ଇଜିତ ସିଂହଙ୍କ ନେତୃତ୍ୱରେ ଏକ ଦଳ ସେକ୍ଟର ୨୦ ର ଗୁରୁଦ୍ୱାର ଛକ ଏବଂ ସେକ୍ଟର ୧୭ ର ପୋଲିସ ଷ୍ଟେସନରେ ସ୍ଥାପିତ କ୍ୟାମେରାରୁ ସିସି ଟିଭି ଫୁଟେଜ୍ ସମୀକ୍ଷା କରିଛି। ଏହା ଫଳରେ ଟ୍ରାଫିକ୍ ବାଧା ସୃଷ୍ଟି କରିବା ଏବଂ ସାଧାରଣ ସୁରକ୍ଷାକୁ ବିପଦରେ ପକାଇବା ପାଇଁ ବିଏନ୍ଏସ୍ ଧାରା ୧୨୫, ୨୯୨ ଏବଂ ୩(୫) ଅନୁଯାୟୀ ମହିଳାଙ୍କ ବିରୁଦ୍ଧରେ ଏଫଆଇଆର୍ ରୁଜୁ ହୋଇଥିଲା।

## ସ୍ୱାମୀଙ୍କ ସାମ୍ନାରେ ମହିଳାଙ୍କୁ ଗଣବଳାତ୍କାର

**ନାଳନ୍ଦା,୧।୪:** ବିହାରରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହିତ ଏକ ବାଇକରେ ଜଣେ ସମ୍ପର୍କୀୟଙ୍କ ଘରୁ ଫେରୁଥିଲେ। ବାଟରେ ଦୁଇଜଣ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଥିଲେ। ସମ୍ପୂର୍ଣ୍ଣ ମାମଲାଟି ନାଳନ୍ଦାର ଇସଲାମପୁର ଥାନା ଅଞ୍ଚଳର। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ଦ୍ୱିତୀୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବାବେଳେ, ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ବାଇକରେ ଦମ୍ପତି ଏକାଙ୍ଗରାସରାଇରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଘେରିଗଲେ। ଦୁର୍ବୃତ୍ତ ପ୍ରଥମେ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ୫୦,୦୦୦ ଟଙ୍କା ସହିତ କିଛି ଅଳଙ୍କାର ମଧ୍ୟ ଲୁଟ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏହା ପରେ ତାଙ୍କୁ ଗଣବଳାତ୍କାର ମଧ୍ୟ କରାଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ସକ୍ରିୟ ହୋଇ ଉଠିଥିଲା। ଡିଏସ୍‌ପି ଗୋପାଳ କୃଷ୍ଣ ଏବଂ ଇସଲାମପୁର ଥାନା ମୁଖ୍ୟ ଅନିଲ କୁମାର ପାଣ୍ଡେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୀଡ଼ିତ ଦମ୍ପତିଙ୍କୁ ତୁରନ୍ତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନିଲ କୁମାର ପାଣ୍ଡେ କହିଛନ୍ତି, ଏହି ମାମଲାରେ ବଳାତ୍କାର ଏବଂ ଡକାୟତି ମାମଲା ରୁଜୁ କରାଯାଇଛି। ଡାକ୍ତରୀ ପରୀକ୍ଷା ପାଇଁ ମହିଳାଙ୍କୁ ମହିଳା ପୋଲିସ ହେପାଜତରେ ସରକାରୀ ଡାକ୍ତରଖାନାକୁ ପଠାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ଶୋଭା ବିଘା ଗାଁର ବାସିନ୍ଦା କୌଶଲେନ୍ଦ୍ର କୁମାର ଓରଫ ସନି। ଦ୍ୱିତୀୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢାଉ ଜାରି ରହିଛି।

## ୧୪୦ କିମି ଲମ୍ବା ପଦଯାତ୍ରାରେ ବାହାରିଲେ ଅନନ୍ତ ଅମ୍ବାନୀ



**ମୁମ୍ବାଇ,୧।୪:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ବର୍ତ୍ତମାନ ଦ୍ୱାରକାଧୀଶ ତୀର୍ଥଯାତ୍ରାରେ ଅଛନ୍ତି। ଅନନ୍ତ ଅମ୍ବାନୀ ୧୪୦ କିଲୋମିଟର ଲମ୍ବା ପଦଯାତ୍ରା ଆରମ୍ଭ କରିଛନ୍ତି। ଆଜି ଏହି ଯାତ୍ରାର ପଞ୍ଚମ ଦିନ। ସେ ନିଷ୍ପତ୍ତି ନେଇଛନ୍ତି ଯେ ସେ ଏପ୍ରିଲ ୯ ତାରିଖରେ ଦ୍ୱାରକାରେ ଭଗବାନ ଦ୍ୱାରକାଧୀଶଙ୍କ ଦର୍ଶନ କରି ତାଙ୍କର ଜନ୍ମଦିନ ପାଳନ କରିବେ। ଅନନ୍ତ ଅମ୍ବାନୀ କଡ଼ା ସୁରକ୍ଷା ମଧ୍ୟରେ ରାତିରେ ବୁଲୁଛନ୍ତି। ଅନନ୍ତ ଅମ୍ବାନୀ ଏବଂ ସମଗ୍ର ଅମ୍ବାନୀ ପରିବାରଙ୍କର ଭଗବାନ ଦ୍ୱାରକାଧୀଶଙ୍କ ଉପରେ ବିଶ୍ୱାସ ଅଛି ଏବଂ ସେମାନେ ସମୟ ସମୟରେ ସେଠାକୁ ଯାଆନ୍ତି। ଅନନ୍ତ ଅମ୍ବାନୀଙ୍କ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ, ଅନନ୍ତ ଭକ୍ତିରେ ବୁଡ଼ି ରହିଥିବାର ଦେଖାଯାଉଛି। ଏହା ସହିତ ଅନନ୍ତ ଭିଡିଓରେ ହନୁମାନ ଚାଳିଶା ଜପ କରୁଥିବାର ମଧ୍ୟ ଦେଖାଯାଉଛି। ତାଙ୍କର ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି।ଏହି ପଦଯାତ୍ରା ବିଷୟରେ ଅନନ୍ତ ଅମ୍ବାନୀ କହିଛନ୍ତି, 'ପଦଯାତ୍ରା ଜାମନଗରରେ ଥିବା ଆମ ଘରୁ ଦ୍ୱାରକା ପର୍ଯ୍ୟନ୍ତ ଏହା ଗତ ୫ଦିନ ଧରି ଚାଲିଛି ଏବଂ ଆମେ ଆଗାମୀ ୨-୪ ଦିନ ମଧ୍ୟରେ ପହଞ୍ଚିବୁ ମୋର ପଦଯାତ୍ରା ଜାରି ରହିଛି। ପ୍ରଭୁ ଦ୍ୱାରକାଧିଶ ଆମକୁ ଆଶୀର୍ବାଦ କରନ୍ତୁ ମୁଁ ଯୁବପିଢ଼ିଙ୍କୁ କହିବାକୁ ଚାହୁଁଛି ଯେ ଭଗବାନ ଦ୍ୱାରକାଧିଶଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ କୌଣସି କାମ କରିବା ପୂର୍ବରୁ ଭଗବାନ ଦ୍ୱାରକାଧିଶଙ୍କୁ ସ୍ମରଣ କରନ୍ତୁ, ସେହି କାମ ନିଶ୍ଚିତ ଭାବରେ କୌଣସି ବାଧା ବିନା ସମାପ୍ତ ହେବ ଏବଂ ଯେତେବେଳେ ଭଗବାନ ଉପସ୍ଥିତ ଥିବେ, ସେତେବେଳେ ଚିନ୍ତା କରିବାର କିଛି ନାହିଁ।'

## ୩୦ ଦିନରେ ୨୨୦୦୦ ସୈନିକ ନିହତ, ୧୧୦୦ ଯୁଦ୍ଧବାହନ ଧ୍ୱଂସ

# ୟୁକ୍ରେନ ଉପରେ ଭାରୀ ରୁଷ ସୈନିକ

**ନୂଆଦିଲ୍ଲୀ,୧।୪:** ରୁଷ ଓ ୟୁକ୍ରେନ୍ ମଧ୍ୟରେ ଜାରି ସଂଘର୍ଷରେ ମାର୍ଚ୍ଚ ୟୁକ୍ରେନ ସେନା ଉପରେ ଭାରୀ ପଡ଼ିଛି ।

ରୁଷ ସଶସ୍ତ୍ର ସେନା ଲୁହାନସ୍କ ପିପୁଲ୍ସ ରିପବ୍ଲିକର ସୀମାରେ ଯୁଦ୍ଧ ବେଳେ ୨୨୦୦୦ ୟୁକ୍ରେନୀ ସୈନିକ ଓ ଭଡ଼ାରେ ଥିବା ବିଦେଶୀ ସୈନିକଙ୍କୁ ମାରିବାରେ ସକ୍ଷମ ହୋଇଛି । ଏହି ସଂଖ୍ୟା ଫେବ୍ରୁଆରୀ ତୁଳନାରେ ୧୩ ଗୁଣା ଅଧିକ। ଫେବ୍ରୁଆରୀରେ ଯୁଦ୍ଧରେ ୟୁକ୍ରେନର ୧୮୦୦ ସୈନିକଙ୍କ ଜୀବନ ଯାଇଥିଲା ।

ରୁଷର ସରକାରୀ ସମାଚାର ଏଜେନ୍ସି ସୈନ୍ୟ ବିଶେଷଜ୍ଞଙ୍କ ବୟାନକୁ ନେଇ ଉଲ୍ଲେଖ କରିଛି ଯେ ମାର୍ଚ୍ଚରେ ୟୁକ୍ରେନ ସେନା ଗତିରୋଧ ଜାରି ରଖିଥିଲା। କେବଳ ଏତିକି ନୁହେଁ ୟୁକ୍ରେନ ସେନା ରୁଷ ସୀମା ଭିତରେ ବି ପ୍ରବେଶ ଉଦ୍ୟମ କରିଛି।



କିନ୍ତୁ ରୁଷ ସେନା ପାଲଟା ଜବାବରେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ମୁକୁଳାଇବାରେ ସକ୍ଷମ ହୋଇଛି । ତେବେ ଆଲୋଚ୍ୟ ମାସରେ ରୁଷର କେତେ ସୈନିକ ନିହତ ହୋଇଛନ୍ତି, ସେନେଇ କୌଣସି ଉଲ୍ଲେଖ ନାହିଁ । ରୁଷ ବିଶେଷଜ୍ଞ ମାରୋଚକୋଙ୍କ ଅନୁସାରେ ମାର୍ଚ୍ଚରେ ରୁଷ ସୈନିକ ୟୁକ୍ରେନର ପ୍ରତିରକ୍ଷା ପ୍ରଣାଳୀକୁ ଭେଦି ଅତି ଗଭୀର ଯାଏ ପ୍ରବେଶ କରିଛି ଓ ସମ୍ପର୍କ ରେଖା ଉପରେ ନିଜ ସ୍ଥିତି ମଜଭୁତ କରିଛି । ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟର ଡାଟାକୁ ବିଶ୍ଳେଷଣ କରି ସେ କହିଛନ୍ତି ଯେ ମାର୍ଚ୍ଚରେ ରୁଷର ବେଟାଲଗ୍ରୁପ୍ ଉତ୍ତରରେ ସବୁଠୁ ଅଧିକ ଶତ୍ରୁଙ୍କୁ ନିପାତ କରିଛି । ରୁଷ ସେନା ମାର୍ଚ୍ଚ ୟୁକ୍ରେନର ୫୨ ଟ୍ୟାଙ୍କ, ୨ ଆର୍ଏକେ-ଏସ୍ଏ-୧୨ ମଲ୍ଟିପଲ୍ ଲଞ୍ଚ୍ ରକେଟ୍ ସିଷ୍ଟମ, ୩୩୮ ଫିଲ୍ଡ ଆର୍ଟିଲରୀ ଗନ୍, ୬୩ ଇଲେକ୍ଟ୍ରନିକ୍ ଏବଂ କାଉଣ୍ଟର-ବ୍ୟାଟେରି ଯୁଦ୍ଧ ଷ୍ଟେସନ, ୯୪ ଗୋଳା-ବାରୁଦ ଓ ୨ ଇନ୍ଧନ ଡିପୋକୁ ନଷ୍ଟ କରିଛି । ଏହା ବ୍ୟତୀତ ୧୧୦୦ରୁ ଅଧିକ ବିଭିନ୍ନ ଯୁଦ୍ଧବାହାନକୁ ମଧ୍ୟ ଧ୍ୱଂସ କରିଛି ।

## ମିଆଁମାରରେ ପୁଣି ଭୂମିକମ୍ପ
## ୪.୭ ତୀବ୍ର ଝଟ୍‌କାରେ ଥରିଲା ବର୍ମା



**ନୂଆଦିଲ୍ଲୀ,୧।୪:** ଶୁକ୍ରବାର(୨୮.୩.୨୫) ମିଆଁମାରରେ ହୋଇଥିବା ୭.୭ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ଦେଶକୁ ଧ୍ୱଂଶପ୍ରାୟ କରିଦେଇଥିବା ବେଳେ ମଙ୍ଗଳବାର ପୁଣି ଏକ ଭୂମିକମ୍ପ ଅନୁଭୂତ ହୋଇଛି। ମଙ୍ଗଳବାର ଅପରାହ୍ନ ୪.୩୧ ସମୟରେ ମିଆଁମାରରେ ୪.୭ ତୀବ୍ରତର ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ଆଜି ହୋଇଥିବା ଭୂମିକମ୍ପରେ ପୂର୍ବରୁ ଭୁଶୁଡ଼ି ପଡ଼ିଥିବା କୋଠା ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଅନ୍ୟ କିଛି ବଡ଼ ଦୁର୍ଘଟଣା ଘଟିଥିବା ନେଇ ଖବର ଆସିପାରି ନାହିଁ। ଗତ ଶୁକ୍ରବାର ହୋଇଥିବା ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୩,୦୦୦ ପହଞ୍ଚିବା ଆଶଙ୍କା କରାଯାଉଛି। କାରଣ ବିପର୍ଯ୍ୟୟର ଧ୍ୱଂସାବଶେଷରୁ ଆହୁରି ମୃତଦେହ ଉଦ୍ଧାର ହେବା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୨,୭୦୦ ଅତିକ୍ରମ କରିସାରିଛି। ବଡ଼ ଭୂମିକମ୍ପ ପରେ ମିଆଁମାରରେ କିଛିଦିନ ହେବା ୪ କିମ୍ବା ଏବଂ ତା'ଠାରୁ ତୀବ୍ରତର ଛୋଟବଡ଼ ଭୂମିକମ୍ପ ହେଲାଣି। ମିଆଁମାର ବାରମ୍ବାର ଏଭଳି ଭୂମିକମ୍ପର ସାମ୍ନା କରିଛି। ଶୁକ୍ରବାର ଦିନ ମିଆଁମାର ମାଣ୍ଡାଲେ ନିକଟରେ ୭.୭ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା। ଏହାର କିଛି ସମୟ ପରେ ୬.୭ ତୀବ୍ରତାର ପୁଣି ଏକ ଝଟକା ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପ ଯୋଗୁ ମିଆଁମାରରୁ ବ୍ୟାଙ୍ଗକକ୍ ପର୍ଯ୍ୟନ୍ତ ବହୁ ଉଚ୍ଚ ଅଟ୍ଟାଳିକ ଭୁଶୁଡ଼ି ପଡ଼ିଛି। ପୋଲ ଭାଙ୍ଗି ଯିବା ସହିତ ରାସ୍ତାଘାଟରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ବିଶେଷକରି ୧୭ ଲକ୍ଷରୁ ଅଧିକ ଲୋକଙ୍କ ଲୋକେ ରହୁଥିବା ମାଣ୍ଡାଲେ ସହର ଏବଂ ଥାଇଲ୍ୟାଣ୍ଡର କିଛି ଅଂଶରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏବେ ଏବି ଅନେକ ସ୍ଥାନରେ ଯୋଗାଯୋଗରେ ସୁଧାର ଅଣାଯାଇପାରି ନାହିଁ। ମିଆଁମାରରେ ସାମରିକ ଶାସନ ରହିଥିବାରୁ ଏହାର ସଠିକ ପରିଚାଳନା ହୋଇପାରୁ ନାହିଁ। ଗଣତାନ୍ତ୍ରିକ ସରକାରଙ୍କୁ ବିତାଡ଼ିତ କରି ଦେଶର ଶାସନ କରୁଥିବା ଜୁଣ୍ଟା ଲିଡର ମିନ୍ ଅଙ୍ଗ ହ୍ଲାଇଙ୍ଗ ଅନ୍ତର୍ଜାତୀୟ ସ୍ତରରେ ସହଯୋଗ ମାଗିଛନ୍ତି। ଯାହା ମିଆଁମାର ସେନା ମୁଖ୍ୟଙ୍କର ଏକ ବଡ଼ ପରିବର୍ତ୍ତନ ବୋଲି କୁହାଯାଇପାରେ। କାରଣ ଏହା ପୂର୍ବର ସାମରିକ ସରକାରଗୁଡ଼ିକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ପରେ ମଧ୍ୟ ବିଦେଶୀ ସହାୟତାକୁ ପ୍ରତ୍ୟାଖ୍ୟାନ କରିଥିଲେ।

## ଉଦ୍ଧାର ବଦଳରେ ବୋମାମାଡ଼ କରୁଛି ସେନା !

## ଜାତୀୟ ଶିକ୍ଷାନୀତିକୁ ନିନ୍ଦାକଲେ ସୋନିଆ



**ନୂଆଦିଲ୍ଲୀ,୧।୪:** କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ ନିନ୍ଦା କରିଛନ୍ତି। କ୍ଷମତାର କେନ୍ଦ୍ରୀକରଣ, ବ୍ୟବସାୟୀକରଣ, ଘରୋଇ ସେକ୍ଟରରେ ପୁଞ୍ଜିନିବେଶର ଆଉଟ୍‌ସୋର୍ସିଂ ଏବଂ ପାଠ୍ୟପୁସ୍ତକଗୁଡ଼ିକର ସାମ୍ପ୍ରଦାୟୀକରଣ ଉକ୍ତ ଶିକ୍ଷାନୀତିର ମୁଖ୍ୟ ଏଜେଣ୍ଡା। ଉପରୋକ୍ତ ୩ 'ସି' ଏବେ ଭାରତୀୟ ଶିକ୍ଷାକୁ ଘାରିଥିବା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା କହିଛନ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାର 'ହତ୍ୟା' ବନ୍ଦ ହେବା ଜରୁରୀ ବୋଲି ସେ ଏକ ପ୍ରବନ୍ଧରେ ଲେଖିଛନ୍ତି। ଏଥିରେ ସୋନିଆ କହିଛନ୍ତି, ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ ଆଣିବା ପଛରେ ସରକାରଙ୍କ ବାସ୍ତବତା ଲୁଚି ରହିଛି, ଯାହା ଭାରତର ପିଲା ଓ ଯୁବବର୍ଗଙ୍କ ଶିକ୍ଷା ପାଇଁ ସମ୍ପୂର୍ଣ୍ଣ ଉଦାସୀନ। କେନ୍ଦ୍ର ସରକାରଙ୍କ ଗତ ଦଶନ୍ଧିର ଟ୍ରାକ୍ ରେକର୍ଡ ଦେଖିଲେ ଜଣାଯାଏ, ଏହା କେବଳ ତିନୋଟି ମୁଖ୍ୟ ଏଜେଣ୍ଡାର ସଫଳ କାର୍ଯ୍ୟକାରିତା ପାଇଁ ଚିନ୍ତିତ। ସେଗୁଡ଼ିକ ହେଲା କେନ୍ଦ୍ର ସରକାରଙ୍କ ସହ କ୍ଷମତା କେନ୍ଦ୍ରୀକରଣ, ବ୍ୟବସାୟୀକରଣ ଏବଂ ଘରୋଇ କ୍ଷେତ୍ରରେ ଶିକ୍ଷାରେ ନିବେଶର ଆଉଟ୍‌ସୋର୍ସିଂ, ପାଠ୍ୟପୁସ୍ତକ, ପାଠ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର ସାମ୍ପ୍ରଦାୟୀକରଣ ବୋଲି ସୋନିଆ ଲେଖିଛନ୍ତି।

## ଭୂକମ୍ପରେ ଥରିଲା ପାକିସ୍ତାନ
## ଦୋହଲିଲା ବେଲୁଚିସ୍ତାନ

**କରାଚି,୧।୪:** ମଙ୍ଗଳବାର (ଏପ୍ରିଲ୧) ପାକିସ୍ତାନର ବେଲୁଚିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଇଦ ଦିନ କରାଚୀରେ ହୋଇଥିବା ଭୂମିକମ୍ପର କିଛି ଘଣ୍ଟା ପରେ ଏହି ଭୂମିକମ୍ପ ଆସିଥିଲା, ଯାହା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ତଥାପି, ଏପର୍ଯ୍ୟନ୍ତ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ହୋଇନାହିଁ। ଆମେରିକାର ଭୂତତ୍ତ୍ୱ ସର୍ଭେ (ୟୁଏସ୍‌ଜିଏସ୍) ଅନୁଯାୟୀ, ବେଲୁଚିସ୍ତାନର ବାରଖାନ ଜିଲାରେ ଘଟିଥିବା ଭୂମିକମ୍ପର ତୀବ୍ରତା ୩.୯ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଭୂମିରୁ ୧୨ କିଲୋମିଟର ଗଭୀରରେ ଅବସ୍ଥିତ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ବାରଖାନରୁ ଉତ୍ତର-ପଶ୍ଚିମରେ ୫୯ କିଲୋମିଟର ଦୂରରେ ଥିଲା। ତଥାପି, ଭୂମିକମ୍ପଗୁଡ଼ିକ ମୃଦୁ ଥିବାରୁ କୌଣସି କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ। ପୂର୍ବରୁ, ଇଦ ଦିନ, ପାକିସ୍ତାନର ସବୁଠାରୁ ବଡ଼ ସହର କରାଚୀରେ ଅପରାହ୍ନ ପ୍ରାୟ ୪ଟାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ପାଣିପାଗ ବିଭାଗ ଅନୁଯାୟୀ, କରାଚୀରେ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ୪.୭ ମାପ କରାଯାଇଥିଲା। ଏହାର କେନ୍ଦ୍ର ସହରରୁ ୭୫ କିଲୋମିଟର ଉତ୍ତରରେ ଅବସ୍ଥିତ ଥିଲା। ୟୁଏସ୍‌ଜିଏସ୍ ଅନୁଯାୟୀ, ଏହି ଭୂମିକମ୍ପର ପ୍ରକୃତ ତୀବ୍ରତା ୪.୬ ଥିଲା। ଏହାର କେନ୍ଦ୍ରସ୍ଥଳ ବେଲୁଚିସ୍ତାନର ପୂର୍ବ-ଦକ୍ଷିଣପୂର୍ବରେ ୬୫ କିଲୋମିଟର ଦୂରରେ ୧୦ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା।

● ଇୟୁ ପାଣ୍ଠି ହେରଫେର ମାମଲା
## ଫ୍ରାନ୍ସ ନେତ୍ରୀ ଲି ପେନ୍ ଦୋଷୀ



**ପ୍ୟାରିସ୍,୧।୪:** ୟୁରୋପୀୟ ସଂଘ ପାଣ୍ଠି ହେରଫେର ମାମଲାରେ ଫ୍ରାନ୍ସର ଫାର୍-ରାଇଟ୍ ନେତ୍ରୀ ମାରିନ୍ ଲି ପେନ୍ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସେ ଉଚ୍ଚ ପଦବୀ ପାଇଁ ଲଢ଼ିପାରିବେ ନାହିଁ ବୋଲି ସୋମବାର ପ୍ରଧାନ ବିଚାରପତି କଟକଣା ଲଗାଇବା ପରେ ଲି ପେନ୍ ତୁରନ୍ତ କୋର୍ଟ ରୁମ୍‌ରୁ ବାହାରି ଚାଲିଯାଇଥିଲେ। ଏପରିକି ସେ ଗଣମାଧ୍ୟମକୁ କିଛି କହିବା ପାଇଁ ଅଟକି ନ ଥିଲେ। ପବ୍ଲିକ୍ ଅଫିସ୍ ପାଇଁ ନିର୍ବାଚନ ଲଢ଼ିବାକୁ ସେ କିପରି ଅଯୋଗ୍ୟ ହେବେ, ସେ ନେଇ ବିଚାରପତି କିଛି କହିନାହାନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ଆଇନଜୀବୀ ତଥା ରାଜନେତା ଲି ପେନ୍‌ଙ୍କ କ୍ୟାରିୟରକୁ କକ୍ଷଚ୍ୟୁତ କରିପାରେ, ଯାହା ଲକ୍ଷାଧିକ ସମର୍ଥକଙ୍କୁ କ୍ଷୁବ୍ଧ କରିଛି।

## ନିଶା ସେବନକୁ ବିରୋଧ କରିବାରୁ ସ୍ତ୍ରୀ, ୫ବର୍ଷର ପୁଅଙ୍କୁ ହତ୍ୟା

**ଷଢ଼େଇକଳା,୧।୪:** ନିଶା ସେବନ କରିବା ନିଜର କ୍ଷତି ସହ ଅନେକ ସମୟରେ ବହୁ ପରିବାରରେ ଅଶାନ୍ତି ସୃଷ୍ଟିର ମୂଳ କାରଣ ପାଲଟିଥାଏ। ଏପରି କି ନିଶା ସେବନ କରୁଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ଭୁଲିଯାଇ ବଡ଼ ଅଘଟଣ ମଧ୍ୟ ଘଟାଇଥାନ୍ତି। ଏଭଳି ଏକ ଘଟଣା ଝାଡ଼ଖଣ୍ଡ ଷଢ଼େଇକଳା ଅଞ୍ଚଳରେ ଘଟିଛି। ନିଶା ସେବନକୁ ବିରୋଧ କରିବାରୁ ସ୍ତ୍ରୀଙ୍କ ସହ ଝଗଡ଼ା କରିବା ଏବଂ ପରେ ସ୍ତ୍ରୀ ଏବଂ ୫ବର୍ଷର ପୁଅକୁ ଲୁହା ତାୱାରେ ପିଟି ହତ୍ୟା କରିଛନ୍ତି ଜଣେ ଯୁବକ। ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସୁଖରାମ ମୁଣ୍ଡାଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଷଢ଼େଇକଳାର କପାଳି ଫାଣ୍ଡି ଅଞ୍ଚଳରେ ଅଭିଯୁକ୍ତ ସୁଖରାମ ସ୍ତ୍ରୀ ପାର୍ବତୀ ଦେବୀ ଏବଂ ୫ବର୍ଷର ପୁଅ ଗଣେଶ ମୁଣ୍ଡାଙ୍କ ସହ ରୁହନ୍ତି। ସୁଖରାମ୍ ଅନେକ ସମୟରେ ନିଶାସେବନ କରନ୍ତି, ଯାହାକୁ ନେଇ ପରିବାରରେ କଳହ ସୃଷ୍ଟି ହୋଇଥାଏ। ସୋମବାର ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ କୌଣସି ଏକ କଥାକୁ କେନ୍ଦ୍ରକରି ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ରରୂପ ନେବାରୁ ସୁଖରାମ ଉତ୍କ୍ଷିପ୍ତ ହୋଇ ଲୁହା ତାୱାରେ ସ୍ତ୍ରୀ ପାର୍ବତୀ ଏବଂ ପୁଅ ଗଣେଶଙ୍କୁ ପିଟି ପିଟି ହତ୍ୟା କରିଥିଲେ।

## ଦିଲ୍ଲୀ ସରକାରୀ କ୍ୟାଲେଣ୍ଡରରେ ଓଡ଼ିଶା ଦିବସ



**ଭୁବନେଶ୍ୱର, ୧।୪(ସଂଚାର ବ୍ୟୁରୋ):** ଉତ୍କଳ ଦିବସରେ ବଡ଼ ଘୋଷଣା କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା। ଦିଲ୍ଲୀରେ ଓଡ଼ିଶା ପର୍ବ ଧୂମଧାମରେ ପାଳନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍କଳ ଦିବସ ଅବସରରେ ଦିଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିର ଦର୍ଶନ କରି ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହସହ ସେ ସମସ୍ତ ଓଡ଼ିଆ ଏବଂ ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଭଉଣୀଭାଇଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଦିଲ୍ଲୀରେ ରହୁଥିବା ଓଡ଼ିଆମାନଙ୍କର ବିକାଶ ଓ ସମୃଦ୍ଧି କାମନା କରିଛନ୍ତି । ପ୍ରଥମ ଥର ପାଇଁ ଓଡ଼ିଶା ବ୍ୟତୀତ ଅନ୍ୟ କୌଣସି ରାଜ୍ୟର ସରକାରୀ କ୍ୟାଲେଣ୍ଡରରେ ସ୍ଥାନ ପାଇବାକୁ ଯାଉଛି ଏପ୍ରିଲ ୧ ଓଡ଼ିଶା ଦିବସ। ଆସନ୍ତା ବର୍ଷରୁ ଦିଲ୍ଲୀ ସରକାର ମଧ୍ୟ ଓଡିଶା ଦିବସ ପାଳନ କରିବେ। ଓଡ଼ିଶା ଦିବସ ଅବସରରେ ଏହି ଘୋଷଣା କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା। ଓଡ଼ିଶାବାସୀଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇବା ସହ ତାଙ୍କ ସରକାର ଦିଲ୍ଲୀର ବାସକରୁଥିବା ଓଡ଼ିଆଙ୍କ ସୁଖଦୁଃଖର ସବୁବେଳେ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ।

## କପିଲଙ୍କୁ ବଡ଼ ଝଟକା
## ଦଙ୍ଗାରେ ସଂପୃକ୍ତି,ତଦନ୍ତ ଆଦେଶ ଦେଲେ କୋର୍ଟ

**ନୂଆଦିଲ୍ଲୀ,୧।୪:** ଦିଲ୍ଲୀର ଆଇନ ମନ୍ତ୍ରୀ କପିଲ୍ ମିଶ୍ରଙ୍କୁ ଲାଗିଲା ବଡ଼ ଝଟକା। ଦିଲ୍ଲୀ ଦଙ୍ଗା ସଂପର୍କିତ ଏକ ମାମଲାରେ ଅଦାଲତ ମିଶ୍ରଙ୍କ ବିରୋଧରେ ତଦନ୍ତ ଆଦେଶ ଦେଇଛନ୍ତି। ୨୦୨୦ରେ ଉତ୍ତର ପୂର୍ବ ଦିଲ୍ଲୀରେ ଘଟିଥିବା ସାଂପ୍ରଦାୟିକ ଦଙ୍ଗାରେ କପିଲ ମିଶ୍ରଙ୍କ ଭୂମିକା ରହିଛି। ତେଣୁ ତାଙ୍କ ବିରୋଧରେ ତଦନ୍ତ କରାଯିବା



ଦାବିରେ କୋର୍ଟରେ ଯାଚିକା ଦାୟର ହୋଇଥିଲା। ଏହା ଉପରେ ଶୁଣାଣି କରି ଆଜି ରାଉଜ ଏଭେନ୍ୟୁ କୋର୍ଟ କପିଲ ମିଶ୍ରଙ୍କ ବିରୋଧରେ ତଦନ୍ତ ଆଦେଶ ଦେଇଛନ୍ତି। ଉତ୍ତର-ପୂର୍ବ ଦିଲ୍ଲୀରେ ୨୦୨୦ ଫେବୃଆରୀ ୨୪ରେ ଦଙ୍ଗା ଘଟିଥିଲା। ଏଥିରେ ୫୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ଅଦାଲତ କହିଛନ୍ତି, ଦିଲ୍ଲୀ ପୋଲିସ ପକ୍ଷରୁ ଉପଲବ୍ଧ ରିପୋର୍ଟରୁ ଜଣା ପଡୁଛି ଯେ, ଦଙ୍ଗା ଘଟିଥିବା ଅଞ୍ଚଳରେ କପିଲ ମିଶ୍ରଙ୍କ ଉପସ୍ଥିତି ଖୁବ୍ ଥିଲା। ତେଣୁ ତାଙ୍କ ବିରୋଧରେ ତଦନ୍ତର ଆବଶ୍ୟକତା ରହିଛି। କପିଲ ବର୍ତ୍ତମାନ କରାବଲ ନଗରରୁ ବିଧାୟକ ଅଛନ୍ତି। ଦିଲ୍ଲୀ ବିଜେପି ସରକାରରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଇନ ମନ୍ତ୍ରଣାଳୟ ମିଳିଛି। ମିଶ୍ର ଆଇନ ଓ ରୋଜଗାର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳୁଛନ୍ତି।

## ଖୁବ ସୁନ୍ଦର ଥିଲା ହିମାଳୟର ଦୃଶ୍ୟ:ସୁନୀତା

**ନୂଆଦିଲ୍ଲୀ,୧।୪:** ମହାକାଶରୁ ଭାରତର ପ୍ରାକୃତିକ ସୁନ୍ଦରତାକୁ ମନଭରି ଉପଭୋଗ କରୁଥିଲି । ଭାରତ ଏକ ସୁନ୍ଦର ରାଷ୍ଟ୍ର। ମହାକାଶ ଯାତ୍ରା କଷ୍ଟକର ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିଜକୁ ଆହୁରି ଉନ୍ନତ କରିବା ଅଧିକ କଠିନ। ମହାକାଶ ଗବେଷଣାରେ ଭାରତର ବର୍ଦ୍ଧିତ ଭୂମିକା ପ୍ରଶଂସନୀୟ । ଦୀର୍ଘ ୯ ମାସ ପରେ ମହାକାଶରୁ ଫେରିବା



ପରେ କ୍ୟାମେରା ଆଗରେ ଅଭିଜ୍ଞତା ବଖାଣିଛନ୍ତି ନାସା ମହାକାଶଚାରୀ ତଥା ଭାରତୀୟ ବଂଶୋଦ୍ଭବ ସୁନୀତା ୱିଲିୟମ୍ସ। ମହାକାଶରେ ରହିବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖା ଦେଇଥିବା ସ୍ୱୀକାର କରିଛନ୍ତି ସୁନୀତା । ମହାକାଶରୁ ଭାରତ କିପରି ଲାଗୁଥିଲା ? କ୍ୟାମେରା ସାମ୍ନାରେ ଭାରତ ବିଷୟରେ କହି ସୁନୀତା କହିଛନ୍ତି, 'ଏହା ଭାରତ ଏକ ସୁନ୍ଦର ରାଷ୍ଟ୍ର ।

## ଉଦ୍‌ଘାଟନ ଅପେକ୍ଷାରେ ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ବ୍ରିଜ୍

**ନୂଆଦିଲ୍ଲୀ,୧।୪:** ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ବ୍ରିଜ୍‌ର ନିର୍ମାଣ ଶେଷ । ସମୁଦ୍ର ଭିତରେ ଏହି ବ୍ରିଜ୍ ତିଆରି ହୋଇଛି । ଆସନ୍ତା ଏପ୍ରିଲ ୬ ତାରିଖ ଅର୍ଥାତ୍ ରାମନବମୀରେ ପମ୍ବନ ବ୍ରିଜ୍‌କୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସମୁଦ୍ର ଭିତରେ ନିର୍ମାଣ ହୋଇଥିବା ଏହି ଭର୍ଟିକାଲ୍ ଲିଫ୍ଟ ବ୍ରିଜ୍‌ର ଦୈର୍ଘ୍ୟ ୨.୦୮ କିଲୋମିଟର । ଏହି ପୋଲ ଭାରତର ମୁଖ୍ୟଭୂମିକୁ ରାମେଶ୍ୱରମ୍ ଦ୍ୱୀପ ସହିତ ଯୋଡ଼ିବ। ଏହି ପୋଲ ଉପରେ ଟ୍ରେନ୍ ଗଡ଼ିବ ଏବଂ ତଳେ ଜାହାଜ ଯାଇପାରିବ । କେମିତି କାମ କରିବ ପମ୍ବନ ବ୍ରିଜ୍: ସମୁଦ୍ର ଯାତାୟାତକୁ ସୁଗମ କରିବା ପାଇଁ ପୋଲ ଉପରେ ରେଲଓ୍ୱେ ଟ୍ରାକ୍‌ର ଗୋଟିଏ ଅଂଶ ଅର୍ଥାତ୍ ୧୭ ମିଟର ଉପରକୁ ଉଠିପାରିବ । ଫଳରେ ଜାହାଜ ଗୁଡ଼ିକ ସହଜରେ ଯାଆସ କରିପାରିବେ । ଏହି ବ୍ରିଜ୍ ବ୍ରିଟିଶ୍ ଶାସନ ବେଳେ ତିଆର ହୋଇଥିବା ପମ୍ବନ ପୋଲର ସମାନ୍ତରାଳ ଭାବେ ତିଆରି କରାଯାଇଛି । ୧୧୦ ବର୍ଷ ପୁରୁଣା ପୋଲରେ ଜଙ୍କ ଲାଗିଯିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇରହିନାହିଁ । ତେଣୁ ଏହାକୁ ୨୦୨୨ରେ ବନ୍ଦ କରାଯାଇଛି ।



# ହକିରୁ ବନ୍ଦନା କଟାରିଆଙ୍କ ଅବସର ଘୋଷଣା

## ୧୫ ବର୍ଷର କ୍ୟାରିୟରରେ ୩୨୦ ମ୍ୟାଚ, ୧୫୮ ଗୋଲ୍



ଭାରତୀୟ ମହିଳା ହକି ଟିମରୁ ବିଦାୟ ନେଇଛନ୍ତି ଅଭିଜ୍ଞ ଖେଳାଳି ବନ୍ଦନା କଟାରିଆ। ଅର୍ନ୍ତଜାତୀୟ ହକିରୁ ସନ୍ନ୍ୟାସ ନେଇଛନ୍ତି ବନ୍ଦନା। ୧୫ ବର୍ଷ ଧରି ହକି ମ୍ୟାଚ୍ ଖେଳିଆସୁଥିଲେ ବନ୍ଦନା। ୩୨ ବର୍ଷୀୟ ଷ୍ଟ୍ରାଇକର ଭାରତ ପାଇଁ ୩୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିଛନ୍ତି। ୧୫୮ ଗୋଲ ନିଜ ନାମରେ କରିଛନ୍ତି। ଭାରତୀୟ ମହିଳା ଟିମ୍ ପାଇଁ ସର୍ବାଧିକ ମ୍ୟାଚ୍ ଖେଳି ରେକର୍ଡ କରିଛନ୍ତି ବନ୍ଦନା। ତାଙ୍କ ଅବଦାନ ଟିମକୁ ଆଗକୁ ବଢ଼ିବାର ପ୍ରେରଣା ଦେଇଛି।

ବନ୍ଦନା କହିଛନ୍ତି, ତାଙ୍କ ବିଦାୟ କୌଣସି ଥକାପଣ ନୁହେଁ ବରଂ ହକି ଟିମର ନିଷ୍ପତ୍ତି। ଗର୍ବର ସହିତ ଏମିତି ପଦକ୍ଷେପ ନେଇଛି। ଦର୍ଶକଙ୍କ ଗର୍ଜନ, ଗୌରବ ଏବଂ ଭଲପାଇବା ତାଙ୍କ ସହିତ ସବୁବେଳେ ରହିବ ବୋଲି ମଧ କହିଛନ୍ତି। ଅବସର ସମୟରେ ବନ୍ଦନା ତାଙ୍କ ଟିମ୍, କୋଚ୍ ଏବଂ ମେଣ୍ଟରଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିଜ କ୍ୟାରିୟରରେ ଟିମ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାରେ ସଫଳ ହୋଇପାରିଛନ୍ତି। ଏହି ବିଶ୍ୱାସ ତାଙ୍କ ପ୍ରତ୍ୟେକ କଷ୍ଟକୁ ଦୂର କରି ଶକ୍ତି ଯୋଗାଇବାରେ ସାହାଯ୍ୟ କରେ ବୋଲି କହିଛନ୍ତି। ବନ୍ଦନା କଟାରିଆ ସୋସିଆଲ ମିଡିଆରେ ତାଙ୍କ ସ୍ୱର୍ଗତ ବାପା ଦେଇଥିବା ପ୍ରେରଣାକୁ ବର୍ଣ୍ଣନା କରିଛନ୍ତି। ତାଙ୍କ ବାପାଙ୍କ ବିନା ହକି ଖେଳିବାର ସ୍ୱପ୍ନ ପୂରଣ ସମ୍ଭବ ନୁହେଁ ବୋଲି କହିଛନ୍ତି। କ୍ୟାରିୟରର ଉନ୍ନତିରେ ବନ୍ଦନାଙ୍କ ବାପା ତାଙ୍କ ମାଧମ। ବନ୍ଦନାଙ୍କ ବାପା ତାଙ୍କ ମୂଳଦୁଆ ବୋଲି ମଧ ସୋସିଆଲ ମିଡିଆରେ ସେୟାର କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ବନ୍ଦନା ଭାରତୀୟ ଟିମ୍ ପାଇଁ ଖେଳିଥିଲେ। ୨୦୨୦ରେ ଅଲମ୍ପିକ୍ ଖେଳି ୪ର୍ଥ ସ୍ଥାନ ହାସଲ କରି ଇତିହାସ ରଚିଥିଲେ। ଅବସର ପରେ ସେ ଖେଳଠୁ ଦୂରେଇବେ ନାହିଁ ବୋଲି କହିଛନ୍ତି ବନ୍ଦନା। ସେ ହକି ଇଣ୍ଡିଆ ଲିଗ ସହିତ ଅନ୍ୟ ସ୍ତରରେ ମଧ ଖେଳିବେ। କେବଳ ଇଣ୍ଟରନ୍ୟାସନାଲ ହକିରୁ ବିଦା ହୋଇଛନ୍ତି, କିନ୍ତୁ ଖେଳ ସହିତ ସବୁବେଳେ ଜଡିତ ରହିବେ।

## କଳାହାଣ୍ଡି କପ୍

# ଭୁବନେଶ୍ୱର-ଏ’, ଅନୁଗୁଳ, ରାଉରକେଲା, କଟକ-ବି’, ଗଞ୍ଜାମ ବିଜୟୀ



**ରଘୁନାଥ, ଶୁଭଙ୍କରଙ୍କ ଶତକ ; ଜାକିଙ୍କୁ ୫ ୱିକେଟ୍**

**କଟକ, ୧୪(ସଂଚାର ବ୍ୟୁରୋ):** କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ଭୁବନେଶ୍ୱର-ଏ’, ଅନୁଗୁଳ, ରାଉରକେଲା, ମାଲକାନଗିରି, ସମ୍ବଲପୁର-ଏ’, ଝାରସୁଗୁଡ଼ା, ଭଦ୍ରକ, କଟକ-ବି, ଗଞ୍ଜାମ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର-ଏ’ର ରଘୁନାଥ ମଲ୍ଲ (୧୨୪ ରନ୍), ରାଉରକେଲାର ଶୁଭଙ୍କର ବିଶ୍ୱାସ (୧୨୨* ରନ୍) ଶତକ ଅର୍ଜନ କରିଥିଲା ବେଳେ ବରଗଡ଼ର ସୟଦ ଜାକି ୫ ୱିକେଟ୍ ସଫଳତା ପାଇଛନ୍ତି। ରେଭେନ୍ସା ପଡ଼ିଆ-୨ରେ ଭୁବନେଶ୍ୱର-ବି’ ୧୪୪ ରନ୍‌ରେ ଦେବଗଡ଼କୁ, ପଡ଼ିଆ-୧ରେ ଅନୁଗୁଳ ୨୬ ରନ୍‌ରେ ବଲାଙ୍ଗୀରକୁ , ଖୋର୍ଦ୍ଧା ପଡ଼ିଆରେ ରାଉରକେଲା-ଏ’ ୧୬୫ ରନ୍‌ରେ ପୁରୀକୁ, ଜଟଣୀ ରେଳବାଇ ପଡ଼ିଆରେ ମାଲକାନଗିରି ୫ ୱିକେଟ୍‌ରେ ବାଲେଶ୍ୱରକୁ, ସନସାଇନ୍ ପଡ଼ିଆରେ ସମ୍ବଲପୁର-ଏ’ ୧୫୬ ରନ୍‌ରେ ବରଗଡ଼କୁ, ଏମ୍‌ଜିଏମ୍ ପଡ଼ିଆରେ ଝାରସୁଗୁଡ଼ା ୬ ୱିକେଟ୍‌ରେ ସୋନପୁରକୁ, ଅଡ଼ଶପୁର ପଡ଼ିଆରେ ଭଦ୍ରକ ୬ ୱିକେଟ୍‌ରେ ରାୟଗଡ଼ାକୁ, ରେଳବାଇ ପଡ଼ିଆରେ କଟକ-ବି ୨୪ ରନ୍‌ରେ କିଟ୍‌କୁ, ଡ୍ରିମ୍ସ ପଡ଼ିଆରେ ଗଞ୍ଜାମ ୫ ୱିକେଟ୍‌ରେ ଢେଙ୍କାନାଳକୁ ପରାସ୍ତ କରିଛି।

# ଉଇକେଟ କିପିଂ ଲାଗି ଅନୁମତି ମାଗିଲେ ସଞ୍ଜୁ

**ନୂଆଦିଲ୍ଲୀ,୧୪:** ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଅଧିନାୟକ ସଞ୍ଜୁ ସାମସନ ଆଇପିଏଲ୍‌ରେ ଉଇକେଟ କିପିଂ ଦାୟିତ୍ୱ ତୁଲାଇବା ଲାଗି ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ଠାରୁ ଅନୁମତି ମାଗିଛନ୍ତି। ଡାହାଣ ହାତ ବିଶି ଆଙ୍ଗୁଠିରେ ଅସ୍ତ୍ରୋପଚାର ପରେ ତାଙ୍କୁ କେବଳ ଖେଳିବା ପାଇଁ ସାମୟିକ ଅନୁମତି ମିଳିଥିଲା। ତାଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଗତ ୩ ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ। ସାମସନ ଜଣେ ବ୍ୟାଟର ଭାବେ ଖେଳିଥିବା ବେଳେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ।

କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ସିଓଇଠାରେ ସ୍ପୋର୍ଟ୍‌ସ ସାଇନ୍ସ ଡିଭିଜନ ଦ୍ୱାରା ସାମସନଙ୍କର ଆଙ୍ଗୁଠି ଅବସ୍ଥାର ମୂଲ୍ୟାଙ୍କନ କରାଯିବ। ଯଦି ତାଙ୍କୁ ଅନୁମତି ମିଳେ, ସେ ଦଳର ନେତୃତ୍ୱ ଭାର ସମ୍ଭାଳିବେ।



### ଡେବ୍ୟୁ ମ୍ୟାଚ୍‌ରେ ଚମକିଲେ ନୂଆ ତାରକା

# ଅଶ୍ୱିନୀଙ୍କ ଘାତକ ବୋଲିଂରେ ମାଟି କାମୁଡିଲେ ସିନିୟର

**ମୁମ୍ବାଇ, ୧୪:** ମୁମ୍ବାଇ ଇଣ୍ଡିଆନ୍ସର ଆଉ ଜଣେ ବିସ୍ମୟ ହେଉଛନ୍ତି ଅଶ୍ୱିନୀ କୁମାର। ଘରୋଇ କ୍ରିକେଟରେ ସେମିତି ବିଶେଷ ଅଭିଜ୍ଞତା ନାହିଁ। ପଞ୍ଜାବ ଦଳରୁ ପ୍ରତିନିଧିତ୍ୱ କରି ଘରୋଇ କ୍ରିକେଟ୍‌ରେ ୨ଟି ରଣଜୀ, ୪ଟି ଲିଷ୍ଟ୍ ଏ’ ଏବଂ ୫ଟି-ଟ୍ୱେଣ୍ଟି ଖେଳିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଗତ ନିଲାମୀରେ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଥିଲା। ପୂର୍ବ ଦୁଇ ମ୍ୟାଚ୍‌ରେ ଅଶ୍ୱିନୀ ଖେଳିବାର ସୁଯୋଗ ପାଇନଥିଲେ। ହଠାତ କୋଲକାତା ବିପକ୍ଷରେ ଅଧିନାୟକ ପାଣ୍ଡ୍ୟା ତାଙ୍କୁ ଦଳରେ ସାମିଲ କରିଥିଲେ। ପଦାର୍ପଣରେ ହିଁ ଘାତକ ବୋଲିଂ କଲେ ୨୩ ବର୍ଷୀୟ ବାମହାତୀ ପେସର ଅଶ୍ୱିନୀ। ମାତ୍ର ୨୪ ରନ୍ ଦେଇ ସେ ନେଇଥିଲେ ୪ଟି ୱିକେଟ୍। ନିଜ ପ୍ରଥମ ଓଭରର ପ୍ରଥମ ବଲରେ ହିଁ ପାଇଥିଲେ ୱିକେଟ୍। ମୁମ୍ବାଇ ଏହି ମ୍ୟାଚ୍ ୮ ୱିକେଟ୍‌ରେ ବିଜୟୀ ହେଲା ଏବଂ ସେ ହେଲେ ପ୍ଲେୟାର ଅଫ୍ ଦ ମ୍ୟାଚ୍। ଅଶ୍ୱିନୀଙ୍କ ଘର ପଞ୍ଜାବ। ସେ କହିଛନ୍ତି, ‘ମୁଁ ଯେତେବେଳେ ଜାଣିଲି କୋଲକାତା ବିପକ୍ଷରେ ଖେଳିବି, ଖୁସିରେ ବିଭୋର ହୋଇପଡ଼ିଥିଲି। ମଧ୍ୟାହ୍ନଭୋଜନ କରିନଥିଲି। କେବଳ ଗୋଟିଏ କଦଳୀ ଖାଇ ରହିଥିଲି। ମୋ ପରିବାର ଏବଂ ମୋର ଗାଁ ଲୋକ ଆଇପିଏଲରେ ମୋର ପଦାର୍ପଣକୁ ଅପେକ୍ଷା କରି ରହିଥିଲେ। ଭଗବାନଙ୍କ କୃପାରୁ ପଦାର୍ପଣରେ ଭଲ ପ୍ରଦର୍ଶନ କରିପାରିଛି। ମ୍ୟାଚ୍ ଶେଷ ହେବା ପରେ ଘର ଲୋକଙ୍କ ସହ କଥା ହେବି।



## ଅସ୍ମିତା ରାଜ୍ୟ ହକି ପ୍ରତିଯୋଗିତା

# ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ଖୋର୍ଦ୍ଧା ଚାମ୍ପିଅନ୍




**ରାଉରକେଲା, ୧୪(ସଂଚାର ବ୍ୟୁରୋ):** ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ରାଜ୍ୟ ବାଳିକା ହକି ପ୍ରତିଯୋଗିତାର ଉପକନିଷ୍ଠ ବର୍ଗରେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ କନିଷ୍ଠ ବର୍ଗରେ ଖୋର୍ଦ୍ଧା ଦଳ ବିଜୟ ମୁକୁଟ ପିନ୍ଧିଛନ୍ତି। ସୋମବାର ଅପରାହ୍ନରେ ଉଭୟ ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଖେଳାଯାଇଥିବା ଉପକନିଷ୍ଠ ବର୍ଗର ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା।

ମ୍ୟାଚ୍‌ସାରା ଉଭୟ ଦଳର ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ମ୍ୟାଚ୍ ଶେଷ ସୁଦ୍ଧା ସ୍କୋର୍ ୧-୧ ଗୋଲ ରହିବାରୁ ସୁଟ୍‌ଆଉଟ୍ ହୋଇଥିଲା। ଏଥିରେ ପାନପୋଷ କ୍ରୀଡ଼ାଛାତ୍ରାବାସ ୨-୧ ଗୋଲ୍‌ରେ ବାଜି ମାରିନେଇଥିଲା। ଖୋର୍ଦ୍ଧା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ହକି ସଂଘକୁ ପରାସ୍ତକରି ତୃତୀୟ ସ୍ଥାନରେ ରହିଥିଲା। ସେହିଭଳି କନିଷ୍ଠ ବର୍ଗରେ ଖୋର୍ଦ୍ଧା ଜିଲ୍ଲା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ଜିଲ୍ଲା ହକି ସଂଘକୁ ପରାସ୍ତକରି ଚାମ୍ପିଅନ୍ ହୋଇଛି।ଏହି ବର୍ଗରେ ଦେବଗଡ଼ ଜିଲ୍ଲା ହକି ସଂଘ ୫-୦ ଗୋଲ୍‌ରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀ (ସମ୍ବଲପୁର)କୁ ହରାଇ ତୃତୀୟ ସ୍ଥାନ ଦଖଲ କରିଛି। ଉପକନିଷ୍ଠ ବର୍ଗରେ ଇତି ନାଏକ (ପାନପୋଷ କ୍ରୀଡ଼ା ଛାତ୍ରାବାସ) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ରିତିକା ଟିଗ୍ଗା (ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ନୀକିତା ତିର୍କି (ସୁନ୍ଦରଗଡ଼) ଶ୍ରେଷ୍ଠ ଗୋଲ୍‌କିପର, ସ୍ମିତା ଏକ୍କା (ସୁନ୍ଦରଗଡ଼) ଶ୍ରେଷ୍ଠ ମଧଭାଗ, ନିହାରିକା ଟପ୍ପୋ (ଖୋର୍ଦ୍ଧା) ଶ୍ରେଷ୍ଠ ରକ୍ଷଣଭାଗ, ଅଞ୍ଜଳି ବାରୱା(ପାନପୋଷ କ୍ରୀଡ଼ା ଛାତ୍ରାବାସ) ଶ୍ରେଷ୍ଠ ଅଗ୍ରଭାଗ ଖେଳାଳି ଓ ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ଖୋର୍ଦ୍ଧାର ପରମେଶ୍ୱର ମାରାଣ୍ଡି ପୁରସ୍କୃତ ହୋଇଥିଲେ। ସେହିଭଳି କନିଷ୍ଠ ବର୍ଗରେ ଆନନ୍ଦିତା ଟପ୍ପୋ (ଖୋର୍ଦ୍ଧା) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଅଞ୍ଜଳି ଖାଖା(ସୁନ୍ଦରଗଡ଼) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ପ୍ରଜ୍ଞା ପାରମିତା ପଣ୍ଡା(ଯାଜପୁର) ଶ୍ରେଷ୍ଠ ଗୋଲରକ୍ଷକ, ସୋନିଆ ଡୁଙ୍ଗଡୁଙ୍ଗ(ଏସ୍‌ଏମ୍‌ଏସ୍ ହକି ଏକାଡେମୀ) ଶ୍ରେଷ୍ଠ ମଧଭାଗ, ସୀମା ଏକ୍କା (ଦେବଗଡ଼) ଶ୍ରେଷ୍ଠ ରକ୍ଷଣଭାଗ, ଡଲି ଭୋଇ (ଖୋର୍ଦ୍ଧା) ଶ୍ରେଷ୍ଠ ପୁରୋଭାଗ ଓ ସୁଧୀର କୁମାର କୁଜୁର (ଦେବଗଡ଼) ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର ପାଇଛନ୍ତି। ଉଭୟ ବର୍ଗର ବିଜେତା ଦଳକୁ ୨ ଲକ୍ଷ ଟଙ୍କା, ଉପବିଜେତାକୁ ୧.୫ ଲକ୍ଷ ଓ ତୃତୀୟ ସ୍ଥାନ ପାଇଥିବା ଦଳକୁ ୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ତଥା ସମସ୍ତ ବ୍ୟକ୍ତିଗତ ପୁରସ୍କାର ବିଜୟିନୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରା ଯାଇଥିଲଶ। ପୁରସ୍କାର ବିତରଣୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଉପବାଚସ୍ପତିଙ୍କ ପ୍ରତିନିଧି ଗୁରୁବିନ୍ଦର ସିଂହ, ପୂର୍ବତନଖେଳାଳି ପିଟର ତିର୍କି, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ପାନପୋଷ କ୍ରୀଡ଼ା ଛାତ୍ରାବାସର ନିର୍ଦ୍ଦେଶକ ବିଜେ. କାରିଆପ୍ପା, ବରିଷ୍ଠ ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ, ରାକେଶ ମହାନ୍ତି, ଓଡ଼ିଶା ହକି ସଂଘ ସମ୍ପାଦକ ସନାତନ ସାହୁ, କୋଷାଧକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧୁବାବୁଙ୍କ...

ସେନାପତି। ଏପରିକି ମଧୁବାବୁ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଲେଖନୀ ଚାଳନା କରୁଥିଲେ। ତାଙ୍କ ରଚିତ ‘ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ କେତେ ଦିନେ; ପୂରୁବ ଗୌରବ ପୂରୁବ ସାହସ, ପଡ଼ିବ କି କେବେ ମନେ!’’ ଲକ୍ଷ ଲକ୍ଷ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲା। ମଧୁବାବୁଙ୍କ ଡାକରେ ସାରା ଓଡ଼ିଆ ଜାତି ଏକତ୍ରିତ ହୋଇଥିଲା ଓ ୮୯ ବର୍ଷ ପୂର୍ବେ ଆଜିର ଦିନରେ ଆମେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ କରିଥିଲୁ, ଯାହା ସାରା ଭାରତରେ ଥିଲା ପ୍ରଥମ ଘଟଣା। ମହାନ୍ ଭାରତବର୍ଷରେ ରାଜ୍ୟ ଗଠନ ପାଇଁ ଓଡ଼ିଶାର ସଂଗ୍ରାମ ଥିଲା ଏକ ମାର୍ଗଦର୍ଶକ। ଏହାପରେ ଦେଶର ଅଧିକାଂଶ ରାଜ୍ୟ ଭାଷା ଭିତ୍ତିରେ ହିଁ ନିଜସ୍ୱ ପରିଚିତି ପାଇଥିଲେ। ଏହି ଅବସରରେ ଓଡ଼ିଶା ଭୂଖଣ୍ଡକୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ କରିବା ପାଇଁ ଯେଉଁ ମହାନ ବରପୁତ୍ରମାନେ ସାରା ଜୀବନ ସଂଗ୍ରାମ କରିଥିଲେ ସେମାନଙ୍କୁ ମୁଁ ପ୍ରଣାମ କରୁଛି। ଏକ ‘‘ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ’’ ଗଠନ କରିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୦୩ରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଉତ୍କଳ ସମ୍ମିଳନୀର ନିରନ୍ତର ଉଦ୍ୟମ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ପକାଇଥିଲା। ମଧୁବାବୁଙ୍କ ସହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ଅନେକ ବରପୁତ୍ରଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଦେଶୀୟ ରାଜ୍ୟଗୁଡ଼ିକ ଓଡ଼ିଶାରେ ମିଶିଥିଲେ ଓ ଓଡ଼ିଶା ତା’ର ବର୍ତ୍ତମାନର ସ୍ୱରୂପ ପାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପାଇକ ବିଦ୍ରୋହ, ସ୍ୱତନ୍ତ୍ର ପ୍ରଦେଶ ଗଠ ସମ୍ପର୍କରେ କହିବା ସହ ରାଜ୍ୟର ନୂଆ ଲକ୍ଷ୍ୟ ଓ ନୂଆ ସ୍ୱପ୍ନ ବିଷୟରେ କହିଥିଲେ। ସେ କହିଥିଲେ ଯେ ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୯ ବର୍ଷ ପୂରି ୯୦ତମ ବର୍ଷ ଆରମ୍ଭ ହୋଇଛି। ଉତ୍କଳ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଭିତରୁ ଏକ ସ୍ୱତନ୍ତ୍ର ଓଡ଼ିଶାର ସର୍ବାଙ୍ଗୀନ ବିକାଶ କରିବା ଥିଲା ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ। କିନ୍ତୁ ଦୁର୍ଭାଗ୍ୟବଶତଃ ସ୍ୱାଧୀନତାର ୭୭ ବର୍ଷ ବିତିଯାଇଥିଲେ ସୁଦ୍ଧା ଓଡ଼ିଶା ତାର ସାମର୍ଥ୍ୟକୁ ପୂର୍ଣ୍ଣ ରୂପେ ବିନିଯୋଗ କରି ରାଜ୍ୟବାସୀଙ୍କ ଉନ୍ନତି ଦିଗରେ ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ। କିନ୍ତୁ, ଓଡ଼ିଆ ଜାତି ଭାବରେ ଆମର ସ୍ୱପ୍ନ ଅସୀମ, ଅସୁମାରୀ। ଆମର ଲକ୍ଷ୍ୟ ଖୁବ୍ ବିଶାଳ। ସେହି ବିଶାଳ ଲକ୍ଷ୍ୟ ପୂରଣ ପାଇଁ ଆମର ଓଡ଼ିଆ ଭାଇଭଉଣୀମାନେ ରାଜ୍ୟରେ ଆଣିଛନ୍ତି ପରିବର୍ତ୍ତନ। ଆପଣମାନଙ୍କ ପରିବର୍ତ୍ତନର ସ୍ୱପ୍ନ ଓ ବିଶାଳ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆପଣଙ୍କ ନୂଆ ସରକାର ଦୃଢ଼ ସଂକଳ୍ପ ଓ ଉତ୍ସାହର ସହ ଉଦ୍ୟମ ଆରମ୍ଭ କରିଛନ୍ତି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବୁ। ଆହୁରି ଆଗକୁ ଯାଇ ୨୦୪୭ରେ ଆମର ଓଡ଼ିଶାକୁ ଆମେ ବିକଶିତ ଭାରତର ଏକ ଗ୍ରୋଥ୍ ଇଞ୍ଜିନ୍ କରିବୁ। ସମୃଦ୍ଧ ଓଡ଼ିଶାର ପ୍ରତ୍ୟେକଟି ସ୍ତମ୍ଭ ଓଡ଼ିଶାବାସୀ ହିଁ ନିର୍ମାଣ କରିବେ ଓ ଓଡ଼ିଶାବାସୀ ହିଁ ପୁଣି ଥରେ ଲେଖିବେ ସେମାନଙ୍କ ଗୌରବମୟ ଇତିହାସ। ସମୃଦ୍ଧ ଓଡ଼ିଶା ଗଠନର ତିନିଟି ଆଧାର ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ। ଏହି ତିନୋଟି ଶକ୍ତିକୁ ଆଧାର କରି ଆଗାମୀ ଦିନରେ ଆମେ ବିକଶିତ ଓଡ଼ିଶା ଗଠନ କରିବୁ । ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ତ୍ୟାଗ ଓ ପରିଶ୍ରମ ଜରିଆରେ ଓଡ଼ିଶା, ଦେଶର ଏକ ଶ୍ରେଷ୍ଠ ରାଜ୍ୟ ଭାବେ ସାରା ଭାରତ ପାଇଁ ଆଲୋକ ବର୍ତ୍ତିକା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଓଡିଆ ଜାତି ପୂଜ୍ୟପୂଜାର ପରମ୍ପରାର ବିଶ୍ୱାସ ରଖେ। ଏ ଜାତି ପାଇଁ ଓ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କୁ ସମ୍ମାନ ଦେବା ଆମ ସରକାରର ପ୍ରଥମ ପ୍ରାଥମିକତା । ମଧୁବାବୁ ଜୀବନୀରୁ ଆମକୁ ବହୁତ କିଛି ଶିଖିବାର ଅଛି । ଆମ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜ୍ୟପୂଜା ପରମ୍ପରା ସବୁଦିନ ପାଇଁ ଅବ୍ୟାହତ ରହିବ। ସେହିପରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମମାଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡିଆ ସ୍ୱାଭିମାନ, ଓଡିଶା ଓ ଓଡିଆ ଭାଷାକୁ ଭଲ ପାଇବାର କାର୍ଯ୍ୟକ୍ରମ। ଏ ଜାତିକୁ ମହାନ କରିଥିବା ବରପୁତ୍ରମାନଙ୍କ ନୀତି ଓ ଆଦର୍ଶକୁ ଆମେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଆମେ ଯଦି ଲଗେଇପାରିବା ତେବେ ତାହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଓଡିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ପଠନ କରାଯାଇଥିଲା। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହେବା ସହ କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ଇଂ. ସୋଫିଆ ଫିର୍ଦ୍ଦୋସ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ସାରଦା ପ୍ରଧାନ, ବିଜୟ କୁମାର ଦଳବେହେରା ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ଆର୍‌ଡିସି ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଦେଇଥିଲେ।

### ୧୩ ମାଓବାଦୀ...

ମାଓବାଦୀଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିଥିଲେ। ସେହିପରି ବାସାଗୁଡ଼ା ଥାନା ଅଞ୍ଚଳରେ ଦୁଇ ଜଣ ଗ୍ରାମବାସୀଙ୍କୁ ହତ୍ୟା ଅଭିଯୋଗରେ ୬ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ଡିଆର୍‌ଜି, କୋବ୍ରା, ସିଆର୍‌ପିଏଫ୍ ବାହିନୀର ମିଳିତ ଅପରେସନ ସମୟରେ ଏହି ଗିରଫଦାରୀ ହୋଇଛି। ଗିରଫ ମାଓବାଦୀଙ୍କ ମଧ୍ୟରେ ଜଣଙ୍କ ମୁଣ୍ଡରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ତା’ର ନାମ ରାଜେଶ ଯାଦବ ଓ ସେ ବିହାରର ଗୟା ଜିଲ୍ଲା ନିବାସୀ ବୋଲି ଜଣାପଡ଼ିଛି। ତା’ ବିରୋଧରେ ଗୟା ଥାନାରେ ଏକାଧିକ ମାମଲା ରହିଛି।

### ଆସୁଛି...

ଟଙ୍କାର ପେନସନ ନିଅଣ୍ଟ ପଡୁଛି। ସେମାନେ ଅତି କଷ୍ଟରେ ଅଛନ୍ତି। ଅନ୍ୟ ବହୁ ରାଜ୍ୟରେ ବିଧାୟକମାନେ ଓଡିଶା ତୁଳନାରେ ଅଧିକ ବେତନ ପାଉଥିବା ବେଳେ ଏଠାରେ ଆମେ ବାବୁଙ୍କଠାରୁ କମ ଦରମା ପାଉଛୁ। ତେଣୁ ଦରମା ଓ ପେନସନକୁ ସରକାର ତୁରନ୍ତ ବୃଦ୍ଧି କରନ୍ତୁ। ବିଧାୟକମାନେ ଦରବୃଦ୍ଧିକୁ ନେଇ କରିଥିବା ଯୁକ୍ତିକୁ ଗୃହ ବାହାରେ ସାଧାରଣ ଲୋକ ସମାଲୋଚନା କରୁଛନ୍ତି। ସେମାନଙ୍କ କହିବା କଥା, ଲମ୍ବା ଓ ଉଚ୍ଚା ଗାଡ଼ିରେ ଦାମୀ ପୋଷାକ ସହ ସୁନା ଚେନ ଓ ମୋଟା ମୋଟା ବଳା ପିନ୍ଧି ବୁଲୁଥିବା ବିଧାୟକଙ୍କୁ ଯଦି ଦରବୃଦ୍ଧି ବାଧୁଛି, ସାଧାରଣ ଲୋକ ଓ ଭତ୍ତାକୁ ଅନେଇ ବଞ୍ଚୁଥିବା ଗରିବଗୁରୁବାଙ୍କ ଅବସ୍ଥା କଣ ହେଉଥିବ, ଏହା ସହଜେ ଅନୁମେୟ। ଓଡ଼ିଶା ବିଧାନସଭାରେ ୧୪୭ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ ଅର୍ଥାତ ପ୍ରାୟ ୭୩ ପ୍ରତିଶତ ହେଉଛନ୍ତି କୋଟିପତି। ଏମାନଙ୍କ ମଧ୍ୟରେ ବିଜେପିର ୭୮ ଜଣଙ୍କ ମଧ୍ୟରୁ ୫୨, ବିଜେଡିର ୫୧ଙ୍କ ମଧ୍ୟରୁ ୪୩ ଓ କଂଗ୍ରେସର ୧୪ ବିଧାୟକଙ୍କ ମଧ୍ୟରୁ ୯ ଜଣ କୋଟିପତି। ଦୁଇ ସ୍ୱାଧୀନ ବିଧାୟକ ବି କୋଟିପତି ତାଲିକାରେ ଅଛନ୍ତି। ଓଡ଼ିଶା ବିଧାନସଭାକୁ ଆସିଥିବା ବିଧାୟକଙ୍କ ହାରାହାରି ସମ୍ପତ୍ତି ହେଉଛି ୭ କୋଟି ୩୭ ଲକ୍ଷ ଟଙ୍କା।

ତେବେ ରାଜ୍ୟ ସରକାର ଇତି ମଧ୍ୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଭତ୍ତାକୁ ହଜାରେରୁ ୩୫୦୦ ଟଙ୍କାକୁ ବଢାଇଥିବା ବେଳେ ଘୋଷଣା ମୁତାବକ ୮୦ ବର୍ଷରୁ କମ ଲୋକଙ୍କ ହଜାରେ ଟଙ୍କିଆ ଭତ୍ତାକୁ ୩୦୦୦ ଟଙ୍କାକୁ ବଢ଼ାଇନାହାଁନ୍ତି। ଏନେଇ ବାରମ୍ବାର ଦାବି ଉଠୁଥିବା ବେଳେ ବର୍ତ୍ତମାନ ବିଧାୟକଙ୍କ ଦରମା ବୃଦ୍ଧି ପ୍ରକ୍ରିୟା ଜୋର ଧରିଥିବାରୁ ୧୦୦୦ ଟଙ୍କିଆ ଭତ୍ତା ନିଶ୍ଚିତ ଭାବେ ୩୦୦୦କୁ ବଢ଼ିବ ବୋଲି ଗରିବଗୁରୁବା ଆଶା ବାନ୍ଧି ବସିଛନ୍ତି।

### ୧୮ ଶ୍ରମିକ...

ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସ୍ପଷ୍ଟ ହୋଇଛି। ବିସ୍ଫୋରଣ ପରେ ଏକ ବିରାଟକାୟ ସ୍ଲାବ୍ ଖସିପଡ଼ିବା ଫଳରେ ସେଠାରେ କାମ କରୁଥିବା ଶ୍ରମିକମାନେ ମୃତାହତ ହୋଇଥିବା ସ୍ଥାନୀୟ ଏସ୍‌ପି ଅକ୍ଷୟରାଜ ମକୱାନା କହିଛନ୍ତି। ଦୁର୍ଘଟଣା ପରେ ଦିଶା ପୌରପାଳିକାର ଦମକଳ ବାହିନୀ, ୧୦୮ ଆମ୍ବୁଲାନ୍ସ ଓ ଏସଡିଆର୍‌ଏଫ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସମସ୍ତ ମୃତାହତଙ୍କୁ ନିକଟସ୍ଥ ଦିଶା ସିଭିଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସେମାନେ ମଧ୍ୟପ୍ରଦେଶ ନିବାସୀ ବୋଲି ବନସକାନ୍ତ ଜିଲ୍ଲାପାଳ ମିହିର ପଟେଲ୍ ସୂଚନା ଦେଇଛନ୍ତି। ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଅଘଟଣ ନେଇ ଦୁଃଖ ପ୍ରକାଶ କରିବା ସହ ମୃତାହତ ଶ୍ରମିକଙ୍କ ପରିବାରକୁ ଯଥାସାଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏଥିସହ ସେ ଏନେଇ ନିୟମିତ ଭାବେ ଗୁଜରାଟ ସରକାରଙ୍କ ଯୋଗାଯୋଗରେ ରହିଥିବା ମଧ୍ୟ ଶ୍ରୀ ଯାଦବ କହିଛନ୍ତି।

### ପୁଣି କିଟ୍...

ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ ଯେ ଗତ ମାସରେ କିଟ୍‌ରେ ଜନୈକା ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ତେବେ ଏହି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଚରଣ ବ୍ୟାପକ ସନ୍ଦେହ ସୃଷ୍ଟି କରିଥିଲା। ନେପାଳର ସମସ୍ତ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ୍‌ରୁ ତଞ୍ଚକତାପୂର୍ଣ୍ଣ ଉପରେ ତଡ଼ିଦିଆଯିବା ସହ ସେମାନଙ୍କୁ କଟକ ରେଳଷ୍ଟେସନ୍‌ରେ ଛାଡ଼ିଦିଆଯାଇଥିଲା। ଏହାକୁ ନେଇ ରାଜ୍ୟଠାରୁ ଆରମ୍ଭ କରି ଜାତୀୟ ଏବଂ ଶେଷରେ ନେପାଳ ସରକାରଙ୍କ ପାଖରେ କଥା ପହଞ୍ଚିଥିଲା। ଫଳସ୍ୱରୂପ କିଟ୍ କାଣ୍ଡ ପାଇଁ ରାଜ୍ୟ ଅନ୍ତର୍ଜାତୀୟ ସ୍ତରରେ ଅପମାନିତ ହୋଇଥିଲା।

### ସମବାୟ ବାବୁଙ୍କୁ...

ଆଦାୟକୁ ଆଇନ୍‌ସିଦ୍ଧ ବୋଲି ସମବାୟ ବିଭାଗ ଦର୍ଶାଇ ପାରିଲାନାହିଁ, ସମବାୟ ବାବୁମାନେ ଏବେ ସେହି ବିଭାକୁ କାଠଗଡାକୁ ଟାଣିଛନ୍ତି । ଏବେ ସମବାୟ ବିଭାଗ ଅଦାଲତରେ କି ଯୁକ୍ତ ରଖି ତାହା ଉପରେ ସମସ୍ତଙ୍କ ନଜର । ତେବେ ସମବାୟ ବାବୁମାନେ ଏଭଳି ମାମଲା ରୁଜୁ ପାଇଁ ବିଭାଗରୁ ଅନୁମତି ନେଇଛନ୍ତି କି ନାହିଁ ଏବଂ ଯଦି ନେଇଛନ୍ତି ତେବେ ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶ ବିରୁଦ୍ଧରେ ମାମଲା ଲଢିବାକୁ ସମବାୟ ବିଭାଗ କିଭଳି ନିର୍ଦ୍ଦେଶ ଦେଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି ।

ଉଲ୍ଲେଖନୀୟ ଯେ ଓଡିଶା ଏବେ କୁକୁଡାମାଂସ ଉତ୍ପାଦନରେ ଆତ୍ମନିର୍ଭର ହେବା ସହିତ ପଡୋଶୀ ରାଜ୍ୟ ବିଶେଷକରି ପଶ୍ଚିମବଙ୍ଗକୁ କୁକୁଡା ରପ୍ତାନି କରିବାରେ ଲାଗିଛି । କୁକୁଡା ପରିବହନ ଯାନଗୁଡିକ ବାଲେଶ୍ୱର ସୀମା ମଧ୍ୟରେ ଏକାଧିକ ସ୍ଥାନରେ ନିୟନ୍ତ୍ରିତ ବଜାର କମିଟି ଜୁଲମର ଶିକାର ହେଉଛନ୍ତି। ଟିକସ ଆଦାୟ ନାଁରେ କୁକୁଡା ପରିବହନ ଯାନକୁ ଘଣ୍ଟା ଘଣ୍ଟା ଅଟକ କରାଯାଉଥିବାରୁ ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହୁଥିଲେ । ହାଇକୋର୍ଟଙ୍କ ଅନ୍ତରୀଣ ନ୍ୟାୟପରେ ଏବେ ଓଡିଶାରୁ କୁକୁଡା ରପ୍ତାନି ସହଜ ହୋଇଥିବାବେଳେ ସେଥିରେ ବାଧା ଦେବାପାଇଁ କିନ୍ତୁ କିଛି ବ୍ୟକ୍ତି ଆଇନ୍ ଅଦାଲତଙ୍କ ଦ୍ୱାରସ୍ଥ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

### ୨୦୨୪- ୨୫ ଆର୍ଥିକ ବର୍ଷ

# ନନ୍ଦନକାନନର ଆୟ ୨୫ କୋଟି, ଆସିଛନ୍ତି ୭୯୩ ବିଦେଶୀ ପର୍ଯ୍ୟଟକ

**ଭୁବନେଶ୍ୱର,୧୪ (ସଂଚାର ବ୍ୟୁରୋ):** ୨୦୨୪ -୨୫ ଆର୍ଥିକ ବର୍ଷରେ ନନ୍ଦନକାନନରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ପରିଦର୍ଶନ କରିଛନ୍ତି । ୩୯ ଲକ୍ଷ ୫୨ ହଜାର ୯୭ ଜଣ ପର୍ଯ୍ୟଟକ ନନ୍ଦନକାନନ ଆସିଛନ୍ତି। ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୭୯୩ ଜଣ ବିଦେଶୀ ନାଗରିକ । ବିଭିନ୍ନ ଉତ୍ସରୁ ୨୫.୩୭ କୋଟି ଟଙ୍କା ଆୟ ହୋଇଛି ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ସୂଚନା ମିଳିଛି ।ନନ୍ଦନକାନନ ୨୦୨୪-୨୫ରେ ରେକର୍ଡ ପର୍ଯ୍ୟଟକଙ୍କ ସଂଖ୍ୟା ଏବଂ ରାଜସ୍ୱ ହାସଲ କରିଛି। ନନ୍ଦନକାନନ ୨୦୨୪- ୨୫ ଆର୍ଥିକ ବର୍ଷରେ ରେକର୍ଡ ଭାଙ୍ଗି ୩୯ ଲକ୍ଷ ୫୨ ହଜାର ୯୭ ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲା । ଯାହା ସମସ୍ତ ଉତ୍ସରୁ ମୋଟ ୨୫.୩୭ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଇତିହାସରେ ଏହା ସର୍ବାଧିକ ଅଟେ। ମୋଟ ପରିଦର୍ଶକଙ୍କ ମଧ୍ୟରୁ ୩୭ ଲକ୍ଷ ୭୧ ହଜାର ୯୮୦ ଜଣ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିଦର୍ଶନ କରିଛନ୍ତି । ଏହା ସହିତ ୧ ଲକ୍ଷ ୮୦ ହଜାର ୧୧୭ ଜଣ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଛନ୍ତି । ଆର୍ଥିକ ବର୍ଷର ପରିଦର୍ଶକଙ୍କ ମଧ୍ୟରେ ୩୨ ଲକ୍ଷ ୩୨ ହଜାର ୧୨୬ ଜଣ ବୟସ୍କ ରହିଥିବା ବେଳେ ୭ ଲକ୍ଷ ୧୯ ହଜାର ୧୭୮ ଜଣ ପିଲା ଏବଂ ୭୯୩ ଜଣ ବିଦେଶୀ ନାଗରିକ ନନ୍ଦନକାନନ ପରିଦର୍ଶନ କରିଛନ୍ତି । ପରିଦର୍ଶକଙ୍କ ପ୍ରବେଶ ଶୁଳ୍କ, ପାର୍କିଂ, କ୍ୟାମେରା ଶୁଳ୍କ ଇତ୍ୟାଦିରୁ ୧୬.୩୫ କୋଟି ଟଙ୍କା, ବାହ୍ୟ ସୁବିଧାରୁ ୫.୮୭ କୋଟି ଟଙ୍କା ଆୟ କରିଥିବା ବେଳେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବିଶେଷ ଭାବରେ ପ୍ରାଣୀ ପୋଷ୍ୟ ଗ୍ରହଣ କାର୍ଯ୍ୟକ୍ରମରୁ ୩.୧୫ କୋଟି ଟଙ୍କା ଆୟ କରିଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨୦୧୯ ମସିହା ନଭେମ୍ବର ମାସରୁ ପ୍ରାଣୀ ମାନଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତେବେ ଆଜି ପର୍ଯ୍ୟନ୍ତ ୯୦୯ ଜଣ ପ୍ରାଣୀ ମାନଙ୍କୁ ପୋଷ୍ୟ ଗ୍ରହଣ କରିଛନ୍ତି। ୨୦୨୪-୨୫ ମସିହା ଆର୍ଥିକ ବର୍ଷ ଦେଖିଲେ ମୋଟ ୧୫୧ ଜଣ ବିଭିନ୍ନ ପ୍ରାଣୀଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରିଛନ୍ତି।

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୭୩ ପ୍ରଜାତିର ପଶୁପକ୍ଷୀ ରହିଥିବା ବେଳେ ୩୯୮୦ ଟି ବନ୍ୟଜନ୍ତୁ ରହିଛନ୍ତି। ଏମାନଙ୍କର ସୁରକ୍ଷା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ସବୁବେଳେ ସଜାଗ ଓ ସୁରକ୍ଷା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନେଉଛନ୍ତି।



## ନାବାଳିକା ଅପହରଣ, ଜଣେ ଗିରଫ

● ଅଭିଯୁକ୍ତ ସହ ଅପହୃତାଙ୍କୁ ବାଙ୍ଗାଲୋରରୁ ଧରିଲା ପୁଲିସ



**କାକଟପୁର/ଅସ୍ତରଙ୍ଗ, ୧।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳରୁ ନାବାଳିକା ଅପହରଣ ମାମଲାରେ ଅସ୍ତରଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ୨୦୨୪ ଫେବୃଆରୀ ୪ତାରିଖ ରେ ଅସ୍ତରଙ୍ଗ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ନାବାଳିକାଙ୍କ ଜେଜେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅସ୍ତରଙ୍ଗ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଅପହରଣ ହୋଇଥିବା ନାବାଳିକାକୁ ବାଙ୍ଗାଲୋର ଅଂଚଳରୁ ପୁଲିସ ଉଦ୍ଧାର କରିଥିଲା। ଏହା ସହ ଅପହରଣ କରିଥିବା ଯୁବକ ଜନତ କାଣ୍ଡି (୨୪)ଙ୍କୁ ବାଙ୍ଗାଲୋରରୁ ଧରି ଅସ୍ତରଙ୍ଗ ଥାନାରେ ମଙ୍ଗଳବାର ପୂର୍ବାହ୍ନ ରେ ପହଂଚିଥିଲେ। ଯାହା ସୂଚନା ମିଳିଛି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଓ ନାବାଳିକାକୁ ଥାନାରେ ପଚରାଉଚରା ପରେ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଅଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି।

## ୧୨ ଟ୍ରାକ୍ଟର ସହ ୨୦ ଲକ୍ଷ ଟଙ୍କାର ଶାଳଗଣ୍ଡି ଜବତ



**ଉମରକୋଟ, ୧।୪ (ସଂଚାର ବ୍ୟୁରୋ) :** ଉମରକୋଟ ଓ ଝରିଗାଁ ବନ ବିଭାଗକୁ ମିଳିଛି ବଡ଼ ସଫଳତା। ସ୍ଥାନୀୟ ବେହେଡ଼ା ସଂରକ୍ଷିତ ଜଙ୍ଗଲରୁ ଚୋରା ଚାଲାଣ ବେଳେ ୧୨ଟି ଟ୍ରାକ୍ଟର ସହ ବଡ଼ ବଡ଼ ୨୧ଟି ଶାଳଗଣ୍ଡି ଜବତ କରାଯାଇଛି। ମାଫିଆମାନେ ସଂରକ୍ଷିତ ଜଙ୍ଗଲରୁ ଶାଳଗଛ କାଟି ଚାଲାଣ କରୁଥିବା ଖବରପାଇ ବନ ବିଭାଗର ମିଳିତ ଚଢାଉ କରାଯାଇଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷେ ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଚାଳକମାନେ ଫେରାର୍ ହୋଇଯାଇଥିବାରୁ କାହାରିକୁ ଗିରଫ କରାଯାଇ ନାହିଁ। ଉମରକୋଟ ରେଞ୍ଜ ବେହେଡା ସଂରକ୍ଷିତ ଜଙ୍ଗଲରୁ ରବିବାର ରାତିରେ ଟ୍ରାକ୍ଟର ମାଧ୍ୟମରେ ବିରାଟ ଶାଳ ଗଣ୍ଡି ଚୋରା ଚାଲାଣ ହେଉଥିଲା। ବିଶ୍ୱସ୍ତସୂତ୍ରରୁ ଖବରପାଇ ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଆକଡସିଲ ଗାଁ ନିକଟରେ ଉଭୟ ରେଞ୍ଜ ର କର୍ମଚାରୀମାନେ ଚଢଉ କରିଥିଲେ। କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଚାଳକମାନେ ଫେରାର୍ ହୋଇଯାଇଥିଲେ। ବନ ବିଭାଗ ସମସ୍ତ ୧୨ ଟି ଟ୍ରାକ୍ଟର ସହ ୨୧ଖଣ୍ଡ ବଡ଼ ବଡ଼ ଶାଳ ଗଣ୍ଡି ଜବତ କରିଥିଲା। କାଠଗଣ୍ଡି ଗୁଡିକ ଚନ୍ଦାହାଣ୍ଡି ଅଞ୍ଚଳକୁ ଚାଲାଣ ହେଉଥିବା ବନ ବିଭାଗ କହିଛି।

## ପରମ୍ପରା ନାଁରେ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ: ଏସପି



**ବ୍ରହ୍ମପୁର, ୧।୪ (ସଂଚାର ବ୍ୟୁରୋ) :** ଗଞ୍ଜାମର ପ୍ରସିଦ୍ଧ ଦଣ୍ଡ ନାଚ ପାଇଁ ଚଳଚଞ୍ଚଳ ହୋଇପଡିଛି ସାରା ଜିଲ୍ଲା। ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ନାଚ ଗୀତ ପୂଜା ପାଠରେ ପରିବେଶ ପ୍ରକମ୍ପିତ ହେଉଛି। ଚଳିତ ବର୍ଷ ଦଣ୍ଡ ନାଚରେ କେତେବେଳେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ତ ଆଉ କେତେବେଳେ ହତ୍ୟାକାଣ୍ଡ ଭଳି ଘଟଣା ସାମ୍ନାକୁ ଆସିବା ପରେ ଏବେ ବ୍ରହ୍ମପୁର ପୋଲିସ୍ ଆକ୍ସନ୍ ମୁଡ୍ କୁ ଆସିଛି। ଏନେଇ ବ୍ରହ୍ମପୁର ଏସପି କହିଛନ୍ତି, ଦଣ୍ଡ ନାଚ ସମୟରେ ଯେଉଁଭଳି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି ଏହାକୁ ନେଇ ପୋଲିସ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏଥିପାଇଁ ସୁପ୍ରିମକୋର୍ଟ ଗାଇଡଲାଇନକୁ ଅନୁକରଣ କରି ନାଚ କରିବାକୁ ଦଣ୍ଡ ନାଚ କମିଟିକୁ ପରାମର୍ଶ ଦେଇଛି ପୋଲିସ। ଏହାର ବ୍ୟତିକ୍ରମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଦଣ୍ଡନାଚ ପାଇଁ ମାନସିକଧାରୀ ଦଣ୍ଡୁଆମାନେ ବିଭିନ୍ନ ଦଣ୍ଡ ପ୍ରଦର୍ଶନ କରୁଥିବା ବେଳେ ରାତିରେ ଅନିଦ୍ରା ରହିବା ବିଧି ରହିଛି। ଅନିଦ୍ରା ସମୟକୁ ଅତିବାହିତ କରିବା ପାଇଁ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନାଚ ମାଧ୍ୟମରେ ପ୍ରଦର୍ଶନ କରିବା ପରମ୍ପରା ରହିଛି। ହେଲେ ଏହି ପରମ୍ପରାର ବ୍ୟତିକ୍ରମ ଘଟିଥିବା ଦେଖିବାକୁ ମିଳିଛି। ସାମାଜିକ ନାଟକ, ରେକର୍ଡ ଡ୍ୟାନ୍ସ, ଆଧୁନିକ ନାଚ ଗୀତ ମଧ୍ୟରେ ଅଶ୍ଳୀଳତା ଛାପ ଦେଖିବାକୁ ମିଳିଥିବା ନଜିର ରହିଛି। ଗତ ୨୭ ତାରିଖରେ ଗାନ୍ଧିନଗର ଅଞ୍ଚଳରେ ରାତିରେ ନାଚରେ ଅଶ୍ଳୀଳତା ପ୍ରଦର୍ଶନ କରିବାବେଳେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଣି ୩୦ ତାରିଖରେ ମଧ୍ୟ ଜେନା ସାହିରେ ହତ୍ୟାକାଣ୍ଡ ଘଟିଥିଲା।

### ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପୋଷଣଯୁକ୍ତ ମଧ୍ୟାହ୍ନଭୋଜନର ଶୁଭାରମ୍ଭ

# ମାଣ୍ଡିଆରେ ପ୍ରସ୍ତୁତ ଲଡୁ ବାଣ୍ଟିଲେ ଗଣଶିକ୍ଷା ମନ୍ତ୍ରୀ



**ଉମରକୋଟ, ୧।୪ (ସଂଚାର ବ୍ୟୁରୋ) :** ପ୍ରତ୍ୟେକ ସ୍କୁଲ ପିଲାଙ୍କ ମାନସିକ ଓ ବୌଦ୍ଧିକ ଚିନ୍ତାର ବିକାଶ ପାଇଁ ପୋଷଣକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ବଣ୍ଟନର ଶୁଭାରମ୍ଭ ହୋଇଛି। ଏଥି ସହ ଆଜିଠାରୁ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଉମରକୋଟ ଠାରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଉଭୟ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ଲଡୁ ପ୍ରଦାନ କରିଛନ୍ତି। ବିଧାୟକ ଗୌରୀ ଶଙ୍କର ମାଝୀ ମଧ୍ୟ ନବରଙ୍ଗପୁର ସହର ମଧ୍ୟରେ ଥିବା ସରକାରୀ ପୌରପାଳିକା ଉଚ୍ଚ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଓ ମଧ୍ୟାହ୍ନ ଭୋଜନ ବଣ୍ଟନ କରିଥିଲେ। ନବରଙ୍ଗପୁର ଜିଲ୍ଲାରେ ଡ୍ରପ ଆଉଟ ଙ୍କ ସଂଖ୍ୟା ସବୁଠାରୁ ଅଧିକା ରହୁଥିବା ବେଳେ ଏହି ଯୋଜନା ଯୋଗୁଁ ଜିଲ୍ଲାରେ ଡ୍ରପ ଆଉଟ ଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ପୂର୍ବରୁ ପ୍ରଥମରୁ ଅଷ୍ଟମ ଯାଏ ମଧ୍ୟାହ୍ନ ଭୋଜନ ଦିଆ ଯାଉଥିବା ବେଳେ ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଘରକୁ ଖାଇବାକୁ ଯାଉଥିଲେ କିମ୍ବା ବିଦ୍ୟାଳୟରେ ଉପାସ ରହୁଥିଲେ। ଅତି ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ଅଷ୍ଟମ ପରେ ପାଠ ମଧ୍ୟ ଛାଡି ଦେଉଥିଲେ କିନ୍ତୁ ଆଜି ଠାରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହାର ଲାଭ ଉଠାଇ ପାରିବେ। ଏହା ସହ ମାଣ୍ଡିଆ ଲଡୁ ସପ୍ତାହକୁ ତିନି ଦିନ ବଣ୍ଟନ କରାଯିବ। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଖୁସି ପ୍ରକଟ କରିଛନ୍ତି। ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିଜେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ସହ ମାଣ୍ଡିଆ ଲଡୁ ଦେବା ସହ ପିଲାଙ୍କ ସହ ମିଶି ଭୋଜନ କରିଥିଲେ ଯାହା ପିଲାଙ୍କୁ ବେଶ ଉତ୍ସାହିତ କରିଛି।

ସମସ୍ତ ବିଦ୍ୟାଳୟ ଯରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯିବ। ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଏହି ଲଡୁ ଦିଆଯିବ। ଏଥିସହ ସପ୍ତାହକୁ ଅତିରିକ୍ତ ଗୋଟିଏ ଲେଖାଏଁ ଅଣ୍ଡା ପିଲାଙ୍କୁ ଦିଆଯିବ। ଅର୍ଥାତ୍ ଆଗରୁ ୨ ଦିନ ଅଣ୍ଡା ଦିଆଯାଉଥିଲା, ଏବେ ସପ୍ତାହକୁ ୩ ଦିନ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

### ଖୋର୍ଦ୍ଧା ପୁଲିସ ପକ୍ଷରୁ ୯୦ତମ ପ୍ରତିଷ୍ଠା ଦିବସ

## ସମ୍ବର୍ଦ୍ଧିତ ହେଲେ ୬ ପୁଲିସ ଅଧିକାରୀ



**ଖୋର୍ଦ୍ଧା, ୧।୪ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ତରତୁଆସ୍ଥିତ ରିଜର୍ଭ ପଡିଆ ଠାରେ ଖୋର୍ଦ୍ଧା ପୁଲିସ ପକ୍ଷରୁ ୯୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଅଧିକ୍ଷକ କହିଥିଲେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ଏବଂ ସେହିଦିନ ଠାରୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡିଶା ପୁଲିସ ଏହାର ଦାୟିତ୍ୱ ତୁଲାଇବା ଆରମ୍ଭ କରିଥିଲା। ସେହିଦିନ ଠାରୁ ଉତ୍କଳ ଦିବସ ସମଗ୍ର ଓଡିଶା ପାଇଁ ଗୌରବର ଦିବସ ଅଟେ। ବର୍ତ୍ତମାନର ଗଣତାନ୍ତ୍ରିକ ରାଷ୍ଟ୍ରର ଆଇନଶୃଙ୍ଖଳା ଦିଗରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତିବଦ୍ଧତା, ନିଷ୍ଠା ପରିଶ୍ରମ ଦ୍ୱାରା ନିଜ ପ୍ରତିଷ୍ଠା ବଜାଏ ରଖିଛି । ସେହିପରି ପୁଲିସର ଏହି ଗୁରୁ ଦାୟିତ୍ୱ ଓ ସାଧାରଣ ଲୋକଙ୍କ ଭରସା ଯେ ଭଳି ସବୁଦିନ ପାଇଁ ରହିବ ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ବାଲୁଗାଁ ଥାନା ଏସଆଇ ଶ୍ରୀନିବାସ ସାମନ୍ତ, ବୋଲଗଡ ଥାନାର ଏଏସ୍ଆଇ ତୁଷାରକାନ୍ତ ନାୟକ, ହାବିଲଦାର ରାମଦାସ ମାଝୀ, ରୀନା କୁଜୁର, ଅର୍ଜୁନ କୁମାର ପ୍ରହରାଜ ଓ ମନୋରଞ୍ଜନ ବେହେରା ଙ୍କୁ ଉତ୍କୃଷ୍ଟ ସେବା ପାଇଁ ଏସ୍ପି ଅର୍ଥରାଶି, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ପି ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍ପି ଅମ୍ରିତ ପାଲ ସିଂ, ଅନାଦି ସେଠୀ, ଡିଏସ୍ପି ଯୁଗୋଳ ମଲ୍ଲିକ, ଡିଏସ୍ପି ଜ୍ୟୋସ୍ନା କାଉଁରୀ, ଡିଏସ୍ପି ସ୍ମିତାମଞ୍ଜରୀ ମଲ୍ଲିକ, ଡିଏସ୍ପି ଅନୀଲ ମହାନ୍ତି, ଏସଡିପିଓ (ସଦର) ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କଲେ ଗଣଶିକ୍ଷା ମନ୍ତ୍ରୀ



**ଉମରକୋଟ, ୧।୪ (ସଂଚାର ବ୍ୟୁରୋ) :** ୧୯୩୬ ମସିହା ଏପ୍ରିଲ ଏକ ତାରିଖରେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଆଜି ଏହି ଅବସରରେ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓଡିଶାର ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍କଳ ଦିବସ ପାଳନ କରିଛନ୍ତି।

ଆଜି ଉତ୍କଳ ଦିବସ ଅବସରରେ ମାନନୀୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡିକୁ ଦେଖିବାକୁ ବୁଲୁ ଥିବା ବେଳେ ଉମରକୋଟ ଝରୀଗାଁ ରୋଡ଼ ଛକ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚି ଥିଲେ କିନ୍ତୁ ଯେଉଁ ଦୃଶ୍ୟ ଦେଖିଲେ ତାଯୁବ ହୋଇ ଗଲେ। ରବି ସିଂ ମାଝୀଙ୍କ ପ୍ରତିମୂର୍ତ୍ତିକୁ ଦୀର୍ଘ ଦିନ ହେଲା ସଫା କରା ଯାଇ ନଥିଲା, ପିଣ୍ଡି ଠାରୁ ଆରମ୍ଭ କରି ମୂର୍ତ୍ତି ପର୍ଯ୍ୟନ୍ତ ପରସ୍ତେ ଧୂଳି ଜମା ହୋଇ ରହିଛି। ଏଣୁ ମନ୍ତ୍ରୀ ନିଜେ ପ୍ରତିମୂର୍ତ୍ତିକୁ ପ୍ରଥମେ କପଡା ଦ୍ୱାରା ସଫା କରି ପରେ ପାଣି ଆଣି ସଫା କରିବା ପରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିକୁ ଉମରକୋଟ ନଗରପାଳିକା ପ୍ରଶାସନ ସମ୍ମାନ ଦେବାରେ ସବୁବେଳେ ଅବହେଳା କରିଥାନ୍ତି। ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଏହି ଭଳି ଅବହେଳା କରି ଅପମାନିତ କରିବା ଘଟଣା ଏହା ପ୍ରଥମେ ନୁହଁ ଏହା ପୂର୍ବରୁ ଉମରକୋଟ ନଗରପାଳିକା ବହୁଥର ମହାପୁରୁଷ ମାନଙ୍କ ଜନ୍ମ ଦିନ ଶ୍ରଦ୍ଧାଞ୍ଜଳି ଦିବସରେ ଏହିପରି ଅସଫା ରଖିବା ସହ ଫୁଲଟିଏ ମଧ୍ୟ ନ ଦେବା ଅନେକ ନଜିର ରହିଛି।



## ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଓଡ଼ିଶା ଦିବସ ପାଳିତ

**ନବରଙ୍ଗପୁର, ୧।୪ (ସଂଚାର ବ୍ୟୁରୋ) :** ସ୍ଥାନୀୟ ମେଦ୍ରିସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଉତ୍କଳ ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଛୋଟ ଛୋଟ ଶିଶୁ ଭାଇ ଭଉଣୀ ମାନେ ଗୋପବନ୍ଧୁ, ଉତ୍କଳ ମାତା, ବାଜିରାଉତ, ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ଦେବ,ମଧୁବାବୁ, ବିର୍ସାମୁଣ୍ଡା, ସୁଭାଷ ଚନ୍ଦ୍ର ବୋଷ, ସହିଦ୍ ଲକ୍ଷ୍ମଣ ନାୟକଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ବିଶେଷ କରି ବିଦ୍ୟାଳୟର ଘୋଷ୍ ବାଦ୍ୟ ସମସ୍ତଙ୍କ ଚିର୍ତ୍ତାକର୍ଷକ କେନ୍ଦ୍ର ଥିଲା। ସହରର ସମସ୍ତ ବୁଦ୍ଧିଜିବୀ,ଅଭିଭାବକ ଦର୍ଶକ ଘୋଷ ବଦ୍ୟକୁ ପ୍ରଶଂସା କରିଥିଲେ। ପ୍ରଥମରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ ଡ଼ଃ ଶୁଭକାନ୍ତ ମହାପାତ୍ର,ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ଉପସ୍ଥିତ ରହି ଉତ୍କଳ ଦିବସର ମହତ୍ତ୍ୱ ଉପରେ ବୁଝାଇଥିଲେ। ପରେ ପରେ ସମବେତ କଣ୍ଠରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଗୁରୁଜୀ ଶ୍ରୀ ରବିଶଙ୍କର ସାହୁ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତତପ୍ରେ ରାଜା ଚୈତନ୍ୟ ଦେବ ହାଇସ୍କୁଲ, ଗାନ୍ଧୀଛକ,, ଶାସ୍ତ୍ରୀଛକ, ମଧୁବାବୁ ଛକ ଓ ସୁବାଷ ମାର୍ଗରେ ଥିବା ଓଡ଼ିଶାର ବୀରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ସମ୍ବିଧାନ ସୁରକ୍ଷା ମଞ୍ଚର ରକ୍ତଦାନ ଶିବିର



**ବାଲିଅନ୍ତା, ୧।୪ (ସଂଚାର ବ୍ୟୁରୋ) :** ଆଜି ଉତ୍କଳ ଦିବସ ଉପଲକ୍ଷେ ସମ୍ବିଧାନ ସୁରକ୍ଷା ମଞ୍ଚ ଓଡ଼ିଶା ତରଫରୁ ଏକ ରକ୍ତଦାନ ଶିବିର ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସଂଗଠନର ରାଜ୍ୟ ସଭାପତି ପିତବାସ ନାୟକଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । ଏହି ରକ୍ତଦାନ ଶିବିର ବିରଳ ଥାଲାସେମିଆ ରୋଗରେ ଆକ୍ରାନ୍ତ ଶିଶୁ ମାନଙ୍କ ପାଇଁ ମୁଖ୍ୟତଃ ଆୟୋଜିତ ହୋଇଥିଲା ଏହି ଶିବିରକୁ ମୁଖ୍ୟ ଅତିଥି ରୂପେ କ୍ୟାପିଟାଲ ହସ୍ପିଟାଲ ବ୍ଲଡ଼ ବ୍ୟାଙ୍କର ଅଧିକାରୀ ଦେବାଶିଷ ମିଶ୍ର ଓ ସମ୍ମାନିତ ଅତିଥି ରୂପେ ବାଲକାଟି ମେଡିକାଲର ସୁପରିଟେଣ୍ଡ୍ ତନମୟ ତ୍ରିପାଠୀ ମିଳିତ ଭାବରେ ଫିତାକାଟି ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ପ୍ରତି ଭ୍ରାନ୍ତ ଧାରଣା ବିଷୟରେ ସଚେତନ କରିଥିଲେ ଏହି ଶିବିର ରେ ସଂଗଠନର ଉପ-ସଭାପତି ଦେବାଶିଷ ବେହେରା, ରାଜ୍ୟ ମହାସଚିବ ପ୍ରକାଶ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଧ୍ରୁବ ଚରଣ ଭୋଇ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ ସିନିଅର ସିଟିଜେନ ସନ୍ତୋଷ କୁମାର ପଟ୍ଟନାୟକ, ରାଜ୍ୟର ଫାଇନାନ୍ସ ମୁଖ୍ୟ ପଦ୍ମଚରଣ ପ୍ରଧାନ, ଅଜେୟ ନାୟକ, ମହିଳା ସଭାନେତ୍ରୀ ବନଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା

## ସୁନା ଚୋର ଗ୍ୟାଙ୍ଗକୁ ଧରିଲା ଯାଜପୁର ରୋଡ଼ ପୁଲିସ



**ଯାଜପୁର ରୋଡ଼, ୧।୪ (ସଂଚାର ବ୍ୟୁରୋ) :** ଯାଜପୁର ରୋଡ଼ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ପୁଲିସ ଟିମ୍ ସହରର ଚୋର ଗ୍ୟାଙ୍ଗ ଗୁଡିକର ଡେଣା କାଟିବା କ୍ଷେତ୍ରରେ ଗୋଟେ ପରେ ଗୋଟେ ସଫଳତା ସାଉଁଟୁଥିବା ଦେଖିବାକୁ ମିଳିଛି। ଏହି ଥାନା ଅନ୍ତର୍ଗତ ସୋବାରା ଗ୍ରାମର ଏକ କଲୋନୀ ଠାରେ ହୋଇଥିବା ଏକ ବଡ଼ ଧରଣର ଲୁଟ ଘଟଣାର ପର୍ଦ୍ଦାଫାଶ କରିବା କ୍ଷେତ୍ରରେ ସକ୍ଷମ ହୋଇଛି ଯାଜପୁର ରୋଡ଼ ପୁଲିସ। ଉକ୍ତ ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପୁଲିସ। ସେମାନଙ୍କ ନିକଟରୁ ୩୩୦ ଗ୍ରାମ ସୁନା ଓ ୪୦୦ ଗ୍ରାମ ରୁପା ଅଳଙ୍କାର ସହ ୫ଟି ମୋବାଇଲ ଫୋନ, ଲୁଟରେ ବ୍ୟବହୃତ ସରଞ୍ଜାମ ଏବଂ ୨ଟି ବାଇକ୍ ଜବତ କରାଯାଇଛି।

ସୂଚନା ମୁତାବକ ସୋବରା ଅଂଚଳର ଚନ୍ଦ୍ରମଣି କର, ଗତ ମାର୍ଚ୍ଚ ୧୭ ତାରିଖ ଦିନ ସପରିବାର ପୁରୀ ଯାଇଥିବା ବେଳେ ସେହିଦିନ ବିଳମ୍ବିତ ରାତିରେ ତାଙ୍କ ଘରୁ ସୁନା ରୁପା ଅଳଙ୍କାର ସମେତ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ସେ ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି।

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ପାଳନ

## ଓଡ଼ିଶାର ଘରେ ଘରେ ଓଡ଼ିଆ ଭାଷା ଅସୁରକ୍ଷିତ



**ଖୋର୍ଦ୍ଧା, ୧।୪ (ସଂଚାର ବ୍ୟୁରୋ) :** ବରିଷ୍ଠ ନାଗରିକ ମଂଚ ଖୋର୍ଦ୍ଧା ପକ୍ଷରୁ ସ୍ଥାନୀୟ ବ୍ୟାଙ୍କ ଛକ ଠାରେ ଉତ୍କଳ ଦିବସ ପାଳନ କରାଯାଇଥିଲା । ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ସ୍ୱୀକାର କରିଥିବା ସମସ୍ତ ବରପୁତ୍ର ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓ ରାଜ୍ୟ ସଙ୍ଗୀତ ରୂପେ ଓଡ଼ିଶା ସରକାରଙ୍କ ଦ୍ୱାରା ଗୃହୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସଂଘର ସଦସ୍ୟମାନେ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ବ୍ୟବହାର କରିବା ବାର୍ତ୍ତା ନେଇ ବ୍ୟାନର୍ ଏବଂ ବୋଉ, ମାଆ ବାପା, ମାମୁଁ ମାଇଁ, ମଉସା-ମାଉସୀ, ପିଇସା-ପିଇସୀ, ଜନ୍ମଦିନ, ନିର୍ବନ୍ଧ, ବିବାହ ଓ ବ୍ରତଘର ଶବ୍ଦକୁ ବ୍ୟବହାର କରିବା ନେଇ ପ୍ଲାକ୍ କାର୍ଡ଼ ସହ ପଦଯାତ୍ରା କରିଥିଲେ।

## ୪୦ ପ୍ରତିଶତ ଭାରତୀୟଙ୍କ ଶରୀରରେ ଟିବି ଜୀବାଣୁ: ବିଶେଷଜ୍ଞ



**ଭୁବନେଶ୍ୱର, ୧।୪ (ସଂଚାର ବ୍ୟୁରୋ) :** ଭାରତୀୟ ଲୋକସଂଖ୍ୟାର ୪୦ ପ୍ରତିଶତ ବ୍ୟକ୍ତିଙ୍କ ଶରୀରରେ ଟ୍ୟୁବରକ୍ୟୁଲୋସିସ୍ ବା ଯକ୍ଷ୍ମା ରୋଗର ଜୀବାଣୁ ରହିଛି ଯଦିଓ ସେମାନଙ୍କର ମାଇକ୍ରୋବାୟୋଲଜିକାଲ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଦର୍ଶାଇଥାଏ। ଏହା ସତ୍ତ୍ୱେ ମଧ୍ୟ ଏହି ୪୦ ପ୍ରତିଶତ ବ୍ୟକ୍ତି ଟିବି ଜୀବାଣୁ ଦ୍ୱାରା ସଂକ୍ରମିତ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି। ଯଦିଓ ସେମାନେ ଏହି ଜୀବାଣୁ ବହନ କରିଥାନ୍ତି ତଥାପି ଏହି ବ୍ୟାଧିଜନିତ ସମସ୍ୟା ପ୍ରାଥମିକ ସ୍ତରରେ ଦେଖାଦେଇ ନଥାଏ ଏବଂ ପରବର୍ତ୍ତୀ ସମୟରେ ଏହି ରୋଗ ପ୍ରାୟ ୧୦ ପ୍ରତିଶତ ଲୋକଙ୍କ ଠାରେ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏହି ଲକ୍ଷଣବିହୀନ ଟିବି ରୋଗୀମାନେ ଏହି ରୋଗକୁ ଅଧିକ ସଂକ୍ରମିତ କରିଥାନ୍ତି ବୋଲି କହିଛନ୍ତି ପୁରୀର ଶ୍ରୀ ଜଗନ୍ନାଥ ମେଡିକାଲ୍ କଲେଜ ଏବଂ ହସ୍ପିଟାଲର ପ୍ରଫେସର (ଡାକ୍ତର) ସୁଦର୍ଶନ ପୋଥାଳ। ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ଟିବି ସପ୍ତାହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଫେସର ପୋଥାଳ।

ଟିବି ଜୀବାଣୁ ଶରୀରରେ ଧାରଣ କରି ନୀରବରେ ସଂକ୍ରମିତ କରୁଥିବା ବ୍ୟକ୍ତିମାନଙ୍କର ସ୍କ୍ରିନିଂ ଦ୍ୱାରା ହିଁ ଅଧିକ ସଂକ୍ରମଣକୁ ରୋକାଯାଇ ପାରିବ ବୋଲି ସେ କହିଛନ୍ତି। ଟିବିର ମୁକାବିଲା କରିବା ପାଇଁ ନୂତନ ବିପାମ (ବିପିଏଏଲ୍ଏମ୍) ଚିକିତ୍ସା ଖୁବ୍ ସୁରକ୍ଷିତ ଏବଂ ଫଳପ୍ରଦ ଅଟେ। ଏହା ଦ୍ୱାରା ଖୁବ୍ ଶୀଘ୍ର ଚିକିତ୍ସା ସମ୍ଭବ ହୋଇପାରେ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଗୁରୁଗ୍ରାମ ସ୍ଥିତ ମେଦାନ୍ତ-ଦ ମେଡ଼ସିଟିର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଚେଷ୍ଟ ସର୍ଜରୀ, ଚେଷ୍ଟ ଅଙ୍କୋ ସର୍ଜରୀ ଆଣ୍ଡ ଲଙ୍ଗ ଟ୍ରାନ୍ସପ୍ଲାନ୍ଟେସନର କନ୍ସଲଟାଂଟ ଥୋରାସିକ୍ ସର୍ଜନ ଡାକ୍ତର ମୋହନ ଭେଙ୍କଟେଶ ପୁଲେ, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଓ ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ତଥା ଓଡ଼ିଶା ଚେଷ୍ଟ ସୋସାଇଟିର ସଭାପତି ପ୍ରଫେସର (ଡାକ୍ତର) ବନାନୀ ଜେନା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ରେସ୍ପିରେଟୋରୀ ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ରାକ୍ଷୀ ଲୁଦାମ୍ ଏବଂ ଡାକ୍ତର ପ୍ରିୟଦର୍ଶିନୀ ବେହେରା ଉପସ୍ଥିତ ଥିଲେ।

## ଜୟଦେବ ଗଣଦୌଡ଼ରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



**ବାଲିଅନ୍ତା, ୧।୪ (ସଂଚାର ବ୍ୟୁରୋ) :** ଉତ୍କଳ ଦିବସ ଅବସରରେ ଜୟଦେବ ଅଂଚଳର ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ଓ ପ୍ରସାର ପ୍ରଚାରର ସଂକଳ୍ପ ନେଇ ଆୟୋଜିତ ହୋଇଛି ଜୟଦେବ ଗଣଦୌଡ ୨୦୨୫ । ନିର୍ଭିକ ଖବର ଓ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଗଣଦୌଡ଼ରେ ସ୍କୁଲ , କଲେଜ ଛାତ୍ର ଛାତ୍ରୀ , ଅଂଚଳର ଯୁବ ପିଢୀ, ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ସମେତ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ, ବରିଷ୍ଠ ଶିକ୍ଷାବିତ୍ ବିଦ୍ୟୁଭୂଷଣ ପଟ୍ଟନାୟକ, ସଂଳାପକାର ଡଃ ରଜନୀ ରଞ୍ଜନ ଦାସ, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ପ୍ରମୋଦ ପାଢୀ, ସୁଚିସ୍ମିତା ପୃଷ୍ଟି , ରଞ୍ଜନ କୁମାର ମହାପାତ୍ର, ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ରେଣୁକା ସେଠୀ, ତନୟା ଦାସ ଗୋସ୍ୱାମୀ, ମେଡିକାଲ ଅଫିସର ତନ୍ମୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜୟଦେବ ଅଂଚଳର ଐତିହ୍ୟ, ପର୍ଯ୍ୟଟନ କ୍ଷେତ୍ରର ପ୍ରସାର ପ୍ରଚାର ଓ ସୁରକ୍ଷା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଗଣଦୌଡ ବାଲକାଟି ସ୍ଥିତ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ବିଶ୍ୱ ପ୍ରସିଦ୍ଧ ଚଉଷଠି ଯୋଗିନୀ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏହି ପ୍ରତିଯୋଗିତାରେ ଦୋଳମଣୀ ଚିରଗୁନ୍ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ଶୁଭମ ବେହେରାଙ୍କୁ ୭ ହଜାର ଟଙ୍କା, ତୃତୀୟ ବିଜେତା ଜାମିନୀ ସାହୁଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ୪ ବିଜେତା ରୂପେ ନନ୍ଦିନୀ ଶବରଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ନିର୍ଭିକ ଖବରର ସହ ସମ୍ପାଦକ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ , ଲକ୍ଷ୍ମଣ ଜେନା, ପ୍ରିୟବ୍ରତ ପାତ୍ର, ଦୀପକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



# ଲୋକଙ୍କୁ ନ୍ୟାୟ ପ୍ରଦାନରେ ତତ୍ପରତା ପାଇଁ ଆହ୍ୱାନ

**କଟକ,୧୪ (ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସର ମୂଳ ମନ୍ତ୍ର ହେଉଛି 'ସେବା ଓ ସୁରକ୍ଷା'। ସମାଜର ଦୁର୍ବଳ ଶ୍ରେଣୀ, ଅବହେଳିତ, ନିଷ୍ପେସିତ, ମହିଳା ଓ ଶିଶୁଙ୍କୁ ଉପଯୁକ୍ତ ପୁଲିସ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ୯୦ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି ।

ଆଜି ପୂର୍ବାହ୍ନରେ ସ୍ଥାନୀୟ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ଆୟୋଜିତ ଏହି ସମାରୋହରେ ଡିଜିପି ଶ୍ରୀ ଖୁରାନିଆ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ପୁଲିସ ସେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହା ପୂର୍ବରୁ ସେ ଶହୀଦ ପୁଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରଦ୍ଧା ଓ ସମବେଦନା ଜ୍ଞାପନ କରିଥିଲେ।

୧୯୩୬ ଏପ୍ରିଲ୍ ୧ରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୁଲିସ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ୯୦ ବର୍ଷର ଅତିକ୍ରମ ପଥରେ ଓଡ଼ିଶା ପୁଲିସ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହୋଇଆସିଥିଲେ ମଧ୍ୟ ପ୍ରତିଥର ସଫଳତାର ସହ ଏହାର ମୁକାବିଲା କରି ଲୋକଙ୍କୁ ନିରନ୍ତର ସେବା ପ୍ରଦାନ କରିବାରେ ସଫଳ ହୋଇଛି ବୋଲି ଡିଜିପି ଶ୍ରୀ ଖୁରାନିଆ ତାଙ୍କ ଅଭିଭାଷଣରେ କହିଛନ୍ତି।

ଏହି ଅବସରରେ ଡିଜିପି ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରିବା ସହ କେନ୍ଦ୍ର ଗୃହ ମନ୍ତ୍ରୀ ଓ କେନ୍ଦ୍ର ଗୃହ ସଚିବଙ୍କ ଦସ୍ତଖତ ସମ୍ବଳିତ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ତଦନ୍ତ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଅତିରିକ୍ତ ଏସପି ପ୍ରଭାତ କୁମାର ବିଶ୍ୱାଳ, ଏସଡିପିଓ ପ୍ରଶାନ୍ତ କୁମାର ସାହୁ, ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ମହାନ୍ତି, ଡିଏସପି ମାନସ ରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ପଦକ ପ୍ରଦାନ କରାଯାଇଥିଲା।

ଏହାପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୁଲିସ ସେବା ପାଇଁ ଶ୍ରେଷ୍ଠ ଇନ୍ସପେକ୍ଟର ରଶ୍ମିରଞ୍ଜନ ମହାପାତ୍ର , ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ରୀନା ବେହେରା, ଶ୍ରେଷ୍ଠ ଇନ୍ସପେକ୍ଟର ସ୍ପେଶାଲ ବ୍ରାଞ୍ଚ ଅରୁଣ କୁମାର ବେହେରା, ଶ୍ରେଷ୍ଠ ସବଇନ୍ସପେକ୍ଟର ଦେବଦତ୍ତ ସାମନ୍ତରାୟ , ଏସଓଜିର ଶ୍ରେଷ୍ଠ ଟିମ ଲିଡର ଏସଆଇ (ସଶସ୍ତ୍ର) ଦେବଜ୍ୟୋତି ପାତାଳସିଂ, ଶ୍ରେଷ୍ଠ ଏଏସଆଇ ଲାଲୁ ହାଁସଦା, ଶ୍ରେଷ୍ଠ ହାବିଲଦାର କୃଷ୍ଣଚନ୍ଦ୍ର ନାୟକ, ଶ୍ରେଷ୍ଠ ଓଆର କନେଷ୍ଟବଳ ଦୀପକ କୁମାର ତ୍ରିପାଠୀ, ଶ୍ରେଷ୍ଠ ଏପିଆର କନେଷ୍ଟବଳ ଭକ୍ତବତ୍ସଳ ବେହେରା, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ଲୀଳାବତୀ ମୁଣ୍ଡା , ଶ୍ରେଷ୍ଠ ଇନ୍ସପେକ୍ଟର (ସଶସ୍ତ୍ର) ଏସକେ ରହିମ ତୁଲ୍ଲା, ଶ୍ରେଷ୍ଠ ଏସଆଇ (ସଶସ୍ତ୍ର) ଅମିୟ କୁମାର ନାୟକ, ଶ୍ରେଷ୍ଠ ଏଏସଆଇ (ସଶସ୍ତ୍ର) ତେଜ ବାହାଦୁର ଗୁରୁଙ୍ଗ, ଶ୍ରେଷ୍ଠ ହାବିଲଦାର (ସଶସ୍ତ୍ର) ଶ୍ୟାମ ବାହାଦୁର ରାଣା, ଶ୍ରେଷ୍ଠ ସିପାହୀ ଭାବେ ଅନିରୁଦ୍ଧ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ଆନୁଷ୍ଠାନିକ ପ୍ୟାରେଡରେ ଏସ୍ଓଜି, ଚନ୍ଦକା ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏସ୍ଏଫ୍ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଶ୍ରୀ ଖୁରାନିଆଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଏକଲବ୍ୟ ପୁରସ୍କାର-୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ

**ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ):** ଇମ୍ପା ଗ୍ରୁପ ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ତରଫରୁ ସମ୍ମାନଜନକ ୩୩ତମ 'ଏକଲବ୍ୟ ପୁରସ୍କାର ୨୦୨୫' ଲାଗି ନାମାଙ୍କନ ଆହ୍ୱାନ କରାଯାଉଛି। 'ଏକଲବ୍ୟ ପୁରସ୍କାର' ଓଡ଼ିଶାର ଶ୍ରେଷ୍ଠ ଯୁବ କ୍ରୀଡ଼ାବିତଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡ଼ା ପୁରସ୍କାର, ଯେଉଁଥିରେ ନଗଦ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଆସୁଛି। ଏଥିରେ ମୁଖ୍ୟ ପୁରସ୍କାର ବାଦ୍ ଦୁଇ ଉପବିଜେତାଙ୍କୁ ପୁରସ୍କାର ରାଶି ଏକ ଲକ୍ଷ ପଚାଶ ହଜାର ଟଙ୍କା ଲେଖାଏଁ ରହିଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶାସ୍ଥିତ କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ଼/ ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନପତ୍ର ପଠାଇପାରିବେ। ଏଥିସକାଶେ ବୟସ ସୀମା ଗତ ୩୧ ମାର୍ଚ୍ଚ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଜରୁରୀ।

## ୬କୁ ଖସିଛି ସର୍ବାଧିକ ଉଗ୍ରବାଦ ପ୍ରଭାବିତ ରାଜ୍ୟ ସଂଖ୍ୟା: ଶାହ

**ନୂଆଦିଲ୍ଲୀ, ୧୪ :** କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ଏକ ବିଶାଳ ପଦକ୍ଷେପ ଗ୍ରହଣ କରି ଆମ ଦେଶ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ଜିଲ୍ଲା ସଂଖ୍ୟା ୧୨ରୁ ମାତ୍ର ୬କୁ ହ୍ରାସ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି ।



ସାମାଜିକ ଗଣମାଧ୍ୟମ ଏକ୍ସ ପୋଷ୍ଟରେ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାର ନକ୍ସଲବାଦ ପ୍ରତି କଠୋର ଆଭିମୁଖ୍ୟ ସହିତ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ କରୁଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଭାରତ ସଂକଳ୍ପବଦ୍ଧ।

ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୮ ଥିଲା। ଏମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ସମ୍ବେଦନଶୀଳ ଜିଲ୍ଲା ସଂଖ୍ୟା ମଧ୍ୟ ୯ରୁ ୬କୁ ହ୍ରାସ ପାଇଛି ଏବଂ ଅନ୍ୟାନ୍ୟ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି। ସମୁଦାୟ ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରୁ ସବୁଠୁ ଅଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ଯେଉଁଥିରେ ଛତିଶଗଡ଼ର ୪ଟି ଜିଲ୍ଲା (ବିଜାପୁର, କାଙ୍କେର, ନାରାୟଣପୁର ଏବଂ ସୁକମା), ଝାଡ଼ଖଣ୍ଡର ୧ଟି (ପଶ୍ଚିମ ସିଂହଭୂମ) ଏବଂ ମହାରାଷ୍ଟ୍ର (ଗଡ଼ଚିରୋଲି)ର ଗୋଟିଏ ଜିଲ୍ଲା ଅନ୍ତର୍ଭୁକ୍ତ।

ସେହିପରି ସମୁଦାୟ ୩୮ଟି ପ୍ରଭାବିତ ଜିଲ୍ଲା ମଧ୍ୟରୁ ଗୁରୁତର ଭାବେ ପ୍ରଭାବିତ ଜିଲ୍ଲା। ବ୍ୟୟ ତ ଅତିରିକ୍ତ ସମ୍ବଳ ଯୋଗାଇ ଦେବାକୁ ପଡୁଥିବା ଜିଲ୍ଲା ସଂଖ୍ୟା ୯ରୁ ୬କୁ ହ୍ରାସ ପାଇଛି। ଏହି ୬ଟି ଜିଲ୍ଲା ହେଲା ଆନ୍ଧ୍ରପ୍ରଦେଶ (ଅଲୁରି ସୀତାରାମ ରାଜୁ), ମଧ୍ୟପ୍ରଦେଶ (ବାଲାଘାଟ), ଓଡ଼ିଶା (କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରି) ଏବଂ ତେଲେଙ୍ଗାନା (ଭଦ୍ରାଦ୍ରି-କୋଠାଗୁଡେମ)।

ନକ୍ସଲବାଦ ବିରୋଧରେ ଲଗାତାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି। ଏଥିରେ ଛତିଶଗଡ଼ (ଦାନ୍ତେୱାଡ଼ା, ଗରିଆବନ୍ଦ ଓ ମୋହଲା-ମାନପୁର-ଆମ୍ବାଗଡ଼ ଚୌକି), ଝାଡ଼ଖଣ୍ଡ (ଲାତେହାର), ଓଡ଼ିଶା (ନୂଆପଡ଼ା) ଏବଂ ତେଲେଙ୍ଗାନା (ମୁଲୁଗୁ) ଜିଲ୍ଲା ଅନ୍ତର୍ଭୁକ୍ତ।

ସର୍ବସାଧାରଣ ଭିତ୍ତିଭୂମିରେ ଥିବା ଅଭାବକୁ ପୂରଣ କରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ) ନାମକ ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ଏବଂ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୩୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏତଦ୍ ବ୍ୟତୀତ ଆବଶ୍ୟକତା ଅନୁଯାୟୀ ଏହି ଜିଲ୍ଲାଗୁଡ଼ିକ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ମଧ୍ୟ ଯୋଗାଇ ଦିଆଯାଉଛି।

ବିଗତ ଏକ ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସ୍ଥିତିରେ ଦ୍ରୁତ ଉନ୍ନତି ମୁଖ୍ୟତଃ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା ଏବଂ ସରକାରଙ୍କ ରାସ୍ତା ସମ୍ପ୍ରସାରଣ, ପରିବହନ ସୁବିଧା, ପାଣି, ବିଜୁଳି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ତଥା ଗ୍ରାମବାସୀଙ୍କ ପାଖରେ ପହଂଚିବା ଭଳି ବିକାଶମୂଳକ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇପାରିଛି।



## ଉତ୍କଳ ଗୌରବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

### ଭିନ୍ନ ଭିନ୍ନ ସ୍ଥାନରେ ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ଛକଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିକଟରେ ଓଡ଼ିଶା ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂହ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଯୋଗଦେଇ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଡାକବାଜି ଯନ୍ତ୍ରରେ ବିଭିନ୍ନ ସ୍ଥାନରେ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଏହାଛଡ଼ା ଭୁବନେଶ୍ୱର ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ରଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଉପସଭାପତି ଉମାରାଣୀ ମହାନ୍ତି, କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ଭୁବନେଶ୍ୱର ଶାଖା ଉପସଭାପତି ନିରଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଆଇଏଏସ କ୍ଲବ ୬ ନମ୍ବରଠାରୁ ଏକ ଶୋଭାଯାତ୍ରା ବାହାରି ରାଜଭବନ ଛକରେ ପହଞ୍ଚି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗୋପବନ୍ଧୁ ଛକଠାରେ ଉତ୍କଳମଣି ଗୋପବନ୍ଧୁ, ବିଜେବି ନଗରଠାରେ ପାରଳା ରାଜା, ରସୁଲଗଡଠାରେ ସୁଭାଷ ବୋଷ, ବୀର ସୁରେନ୍ଦ୍ର ସାଏ ନଗରଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି, ବାଣୀବିହାରଠାରେ ଫକୀରମୋହନ ସେନାପତି ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କଳିଙ୍ଗ ହସ୍ପିଟାଲ ଛକରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଲକ୍ଷ୍ମଣ ନାଏକ, ଜୟଦେବ ବିହାର ଛକଠାରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବୀରେନ ମିତ୍ର ଓ ଶ୍ରୀ ଜୟଦେବ, ପାୱାର ହାଉସ ଛକଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ରାଜେନ୍ଦ୍ର ନାରାୟଣ ସିଂହଦେଓ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପଣ୍ଡିତ ଗୋଦାବରୀଶ ମିଶ୍ର, କର୍ମବୀର ଗୌରୀଶଙ୍କର ରାୟ, ନବକୃଷ୍ଣ ଚୌଧୁରୀ ଓ ଚାଖି ଖୁଣ୍ଟିଆ ଆଦି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଠାରେ କୃଷି ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏବଂ ବାଣୀବିହାର ଫାଟକଠାରେ ଫକୀର ମୋହନ ଓ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପ୍ରବଚନ ଦେଉଥିଲେ ଚାଲିଗଲା ପ୍ରାଣ



**ଭଦ୍ରକ,୧୪(ସଂଚାର ବ୍ୟୁରୋ):** ଆଜିକାଲି ହୃଦଘାତ ବା ହାର୍ଟ ଆଟାକ୍ ଏକ ସ୍ୱାଭାବିକ ଘଟଣାରେ ପରିଣତ ହେଲାଣି ବୋଲି କହିଲେ ଚଳେ। ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ପ୍ରବଚକ ପ୍ରବଚନ ଦେବା ସମୟରେ ଟଳିପଡୁଛନ୍ତି ଓ ତାଙ୍କର ପ୍ରାଣବାୟୁ ଚାଲିଯାଇଛି। କଥାରେ ଅଛି ତୋ ହରି ନାମ ମୋର ତୁଣ୍ଡରେ ଥାଉ, ଏତିକି ବେଳେ ମୋ ଜୀବନ ଯାଉ। ଭଗବାନଙ୍କ କଥା କହିବା ସମୟରେ ଭଗବାନଙ୍କ ପାଖକୁ ଚାଲିଗଲେ ପ୍ରବଚକ ଅଧ୍ୟାପକ ଗୋପାଳ ପ୍ରସାଦ ବେଜ। ସେ ରାମଚରିତ ମାନସ ପାରାୟଣରେ ମୃତ୍ୟୁବରଣ କରିଛନ୍ତି। ଶ୍ରୀ ବେଜ ଭଦ୍ରକ ବ୍ଲକ ସାହାଡା ପଞ୍ଚାୟତସ୍ଥିତ ରାମ ମନ୍ଦିରରେ ପ୍ରବଚନ ଦେଉଥିବା ସମୟରେ ହଠାତ୍ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ତିନି ଦିନ ପାଇଁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରବଚକ ଭାବେ ଯୋଗଦେଇଥିଲେ ବାସୁଦେବପୁର ବ୍ଲକ ଆଢୁଆଁ ଧାତାପୁରର ପ୍ରବଚକ ତଥା ଅଧ୍ୟାପକ ଶ୍ରୀ ବେଜ। ଗତକାଲି ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଚନ ଦେଉଥିବା ସମୟରେ ଶ୍ରୀ ବେଜ ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ଅଚାନକ ଟଳିପଡ଼ିଥିଲେ। ପରେ ତାଙ୍କ ସହଯୋଗୀମାନେ ତାଙ୍କୁ ତୁରନ୍ତ ଭଦ୍ରକ ମେଡିକାଲକୁ ନେଇଥିଲେ। ମାତ୍ର ସେଠାରେ ପହଞ୍ଚିବା ବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିସାରିଥିବା ଡାକ୍ତର ସୂଚନା ଦେଇଥିଲେ।

## ଆକାଉଣ୍ଟରୁ ଟଙ୍କା କଟିଲା, ଯୁବକ ଭାଙ୍ଗିଦେଲେ ଏଟିଏମ୍

**ଆନନ୍ଦପୁର,୧୪ (ସଂଚାର ବ୍ୟୁରୋ):** ହଠାତ୍ ଶୁଭିଲା ପ୍ରଚଣ୍ଡ ଶବ୍ଦ । କଣ ହେଲା କିଛି ସମୟ ପାଇଁ କିଏ ବୁଝିପାରିନଥିଲେ । ଛିନ୍ ଛତ୍ର ହୋଇ ପଡିଛି ଏଟିଏମ୍ ଟି। ଏଟିଏମ୍ ଟିର କାଚ ଡୋରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। ଏଟିଏମ୍ ମେସିନ୍ ଟି ଭାଙ୍ଗିରୁଜି ଚୁରମାର୍ ହୋଇଯାଇଛି । ବ୍ୟାଙ୍କରୁ କଟିଗଲା ଟଙ୍କା । ଯାହା ପାଇଁ ରାଗରେ ଏଟିଏମ୍ ଭାଙ୍ଗିଦେଲା ଯୁବକ । ଘଟଣାଟି ଦେଖିବାକୁ ମିଳିଛି ଆନନ୍ଦପୁର ଉପଖଣ୍ଡ ଘସିପୁରା ବସଷ୍ଟାଣ୍ଡ ନିକଟରେ ଥିବା ଏକ ଏଟିଏମରେ । ଏଟିଏମ୍ ଭାଙ୍ଗିଥିବା ଯୁବକ ଜଣକ ଘସିପୁରା ଥାନା ତାଳଗାଁର ସଞ୍ଜୟ କୁମାର ପାତ୍ର । ସଞ୍ଜୟର ଆକାଉଣ୍ଟରୁ ଗତକାଲି ରାତିରେ ୧୧୦ ଟଙ୍କା କୌଣସି ବାବଦକୁ କଟି ଯାଇଥିଲା। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ସଞ୍ଜୟ ଏକ ହାତୁଡି ଧରି ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କ ବନ୍ଦ ଥିବାରୁ ସେ ଏଟିଏମକୁ ଯାଇ ହାତୁଡି ସାହାଯ୍ୟରେ ଏଟିଏମର କାଚ ଓ ମେସିନକୁ ପିଟି ପିଟି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ତେବେ ଏଟିଏମ ସମ୍ମୁଖରେ ଘସିପୁରା ଥାନା ଥିବାରୁ ପୋଲିସ୍ ଘଟଣାସ୍ଥଳରେ ତୁରନ୍ତ ଆସି ପହଁଚିଥିଲା ଏବଂ ଉକ୍ତ ଯୁବକକୁ କାବୁ କରି ଚିକିତ୍ସା ପାଇଁ ମେଡିକାଲ୍ ନେବା ସହିତ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।



## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ତେଲେଙ୍ଗାନା ସାଂସଦ

**ନୂଆଦିଲ୍ଲୀ,୧୪:** ମଙ୍ଗଳବାର ତେଲେଙ୍ଗାନାର କେତେକ ସାଂସଦ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସଂସଦ ଭବନରେ ଭେଟି ହାଇଦ୍ରାବାଦର କାଞ୍ଚା ଗାଚିବୌଲିଠାରେ ପାଖାପାଖି ୪୦୦ ଏକର ଜଙ୍ଗଲ ଜମିର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବ କରିଛନ୍ତି। ହାଇଦ୍ରାବାଦ ୟୁନିଭର୍ସିଟି ନିକଟସ୍ଥ ଏହି ଜଙ୍ଗଲ ଜମି ସବୁଜିମାମୟ ଓ ବିଭିନ୍ନ ପ୍ରଜାତିର ଗଛଲତା ଓ ଜୀବଜନ୍ତୁରେ ଭରପୂର ରହିଛି। ଏହି ପ୍ରତିନିଧି ଦଳର ନେତୃତ୍ୱ କିଶନ୍ ରେଡ୍ଡୀ ଗଙ୍ଗାପ୍ପୁରମ୍ ଓ ବି. ସଞ୍ଜୟ କୁମାର ନେତୃତ୍ୱ ନେଇଥିବା ବେଳେ ସେମାନଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କୁ ସାଂସଦ ଅରବିନ୍ଦ ଧର୍ମପୁରୀ,



କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ ଓ ଏଟାଲା ରାଜେନ୍ଦର ଥିଲେ। ଏହି ଆଲୋଚନା ସମୟରେ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ଦିଗରେ ଆନୁଷଙ୍ଗିକ ପଦକ୍ଷେପ ନେବା ସକାଶେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ଜବତ ଗାଡିଗୁଡିକୁ ବେଶି ଦିନ ରଖିବା ଆଇନ ସମ୍ମତ ନୁହେଁ

**କଟକ,୧୪ (ସଂଚାର ବ୍ୟୁରୋ):** ପୁଲିସ ଥାନା, ଅବକାରୀ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଦା ଗଦା ଜବତ ଗାଡ଼ି ବର୍ଷ ବର୍ଷ ଧରି ପଡି ରହିବା ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଲିସ, ଅବକାରୀ ଓ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମାମଲାରେ ଜବତ ଗାଡ଼ି ଗୁଡ଼ିକ ଖୋଲା ସ୍ଥାନରେ ରଖାଯାଉଛି। ସିଧା ସଳଖ ଖରା ବର୍ଷାରେ ଏହି ସବୁ ଗାଡ଼ି ପଡ଼ି ରହୁଛି। ଗାଡ଼ି ଗୁଡ଼ିକ ନ ଚାଲି ଗୋଟିଏ ଜାଗାରେ ପଡ଼ି ରହିବା କାରଣରୁ ଖରାପ ହୋଇଯାଇଥାଏ।ଲିସ ହେପାଜତରେ ଜବତ ଗାଡି ଯଦି ଅନିଶ୍ଚିତ ସମୟ ପାଇଁ ପଡିରହିଥାଏ ତାହା ମାମଲାର ଅଗ୍ରଗତିରେ ସହାୟକ ହୋଇନଥାଏ। ବରଂ ଏଭଳି ସ୍ଥିତିରେ ପଞ୍ଜୀକୃତ ମାଲିକଙ୍କ ବ୍ୟାପକ କ୍ଷତି ହୋଇଥାଏ ବୋଲି ହାଇକୋର୍ଟ କହିଛନ୍ତି। ଚୋରା ଗଞ୍ଜେଇ କାରବାର ମାମଲାରେ ଜବତ ହୋଇଥିବା ଏକ ଗାଡିକୁ ଖଲାସ କରିବା ପ୍ରସଂଗରେ ରୁଜୁ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏପରି ରାୟ ପ୍ରକାଶ କରିଛନ୍ତି । ଏଥିସହ ଉକ୍ତ ଗାଡିକୁ ଆବେଦନକାରୀଙ୍କୁ ହସ୍ତାନ୍ତର ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ । ରାଜେଶ କୁମାର ସାହୁଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଥାନାରେ ଗାଡି ଖରା ବର୍ଷାରେ ପଡିରହିଲେ ଏହା ମୂଲ୍ୟ ହ୍ରାସ ହେବା ସହ ଭବିଷ୍ୟତରେ ବ୍ୟବହାର ଅନୁପଯୋଗୀ ହୋଇଯିବ । ଏଭଳି ଅନିଶ୍ଚିତ କାଳ ସମ୍ପତ୍ତିକୁ ଜବତ କରି ରଖିବାକୁ ଆଇନ ମଧ୍ୟ ଅନୁମତି ଦିଏ ନାହିଁ । ଜବତ ସମ୍ପତ୍ତି ସୁରକ୍ଷିତ ଓ ସଂରକ୍ଷିତ ହୋଇରହିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ ।

## ଆଜିଠୁ ଯୁକ୍ତ ଦୁଇ ଖାତାଦେଖା

**ଭୁବନେଶ୍ୱର,୧୪ (ସଂଚାର ବ୍ୟୁରୋ):** ବୁଧବାରଠାରୁ +୨ ଖାତାଦେଖା ଆରମ୍ଭ ହେବ। ମେ' ୧୫ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଖରାକୁ ଦୃଷ୍ଟିରେ ରଖି ଦୁଇଟି ସିଫ୍ଟରେ ଖାତା ଦେଖା ହେବ ବୋଲି ସେ କହିଛନ୍ତି। ଖାତା ଦେଖା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଏକଜାମିନରଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜ ଜିଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି। ଏଥର ମାଲ ପ୍ରାକ୍ଟିସ ବା ଏମପିରେ ବୁକ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଦିଆଯିବ ବଡ଼ ଆଶ୍ୱସ୍ତି। ଏକସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ରେଜଲ୍ଟ ବାହାରିବ। ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ଏକସଙ୍ଗେ ବାହାରିବ ବୋଲି ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।

## ଶଙ୍ଖ ଭବନରେ ଓଡ଼ିଶା ଦିବସ ପାଳିତ



**ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ):** ଦେଶାତ୍ମବୋଧ ସଂଗୀତ ଗାନ, ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ବିଶିଷ୍ଟ ଓଡ଼ିଆଙ୍କ ସମ୍ବର୍ଦ୍ଧନା ପର୍ବ ସହ ପବିତ୍ର ଓଡ଼ିଶା ଦିବସ ଆଜି ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ପାଳିତ ହୋଇଛି। ଏହି ସମାବେଶକୁ ସମ୍ବୋଧିତ କରି ବିଜେଡି ସଭାପତି ନବୀନ ପଟ୍ଟନାୟକ ସମସ୍ତଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଓଡ଼ିଶା ହେଉଛି ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଆମର ପୂର୍ବ ସୁରୀମାନଙ୍କର ସ୍ୱପ୍ନ ଥିଲା ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା। ସେହି ସ୍ୱପ୍ନ ପୂରଣ କରିବା ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ୨୦୦୦ରୁ ୨୦୨୪ ଥିଲା ଓଡ଼ିଶା ବିକାଶର ନୂଆ ଯୁଗ। ଆଜି ଦେଶର ବିକାଶ ଯାତ୍ରାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଓଡିଆମାନେ ଦେଶ ବିଦେଶରେ ଓଡ଼ିଶାର ପରିଚୟକୁ ଆଜି ଉଜ୍ଜ୍ୱଳ କରୁଛନ୍ତି। ଏହି ସମୟ ମଧ୍ୟରେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଉପରେ ଗବେଷଣା ପାଇଁ ନୂଆ ନୂଆ ଚେୟାର୍ ପ୍ରତିଷ୍ଠା ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଉ ଅଳ୍ପ କିଛି ବର୍ଷ ପରେ ସ୍ୱତନ୍ତ୍ର ଓଡ଼ିଶା ତା'ର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ମହାନ ଜନ ନାୟକ ବିଜୁବାବୁଙ୍କ ସ୍ୱପ୍ନ ଥିଲା ଓଡ଼ିଶାକୁ ଏସିଆର ଏକ ନମ୍ବର ରାଜ୍ୟ କରିବା। ସମସ୍ତଙ୍କ ସହଯୋଗ ଓ ଉଦ୍ୟମ ରହିଲେ ବିଜୁବାବୁଙ୍କ ଏହି ସ୍ୱପ୍ନ ନିଶ୍ଚୟ ପୂରଣ ହେବ ବୋଲି ଶ୍ରୀ ପଟ୍ଟନାୟକ ଆଶା କରିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଡକ୍ଟର ଦୀନେଶ ଷଡଙ୍ଗୀ, କବୟିତ୍ରୀ ଡକ୍ଟର ମିନି ଷଡ଼ଙ୍ଗୀ ଏବଂ ଏଭେରେଷ୍ଟ ବିଜୟିନୀ ମମତା ରାଉତଙ୍କୁ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସ — ଆଗକୁ ବଢ଼ିବାର ପ୍ରେରଣା ଦେଇଆସିଛି ଓଡ଼ିଶା ଇତିହାସ

**ଭୁବନେଶ୍ୱର,୧୪(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ଭିତ୍ତିରେ ୧୯୩୬ ଏପ୍ରିଲ୍ ୧ ତାରିଖରେ ଜନ୍ମଲାଭ କରିଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବାର୍ତ୍ତା ଦେଇ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସ୍ୱପ୍ନ ସାକାର ହୋଇଥିଲା। ଯେତେବେଳେ ଦେଶର କୌଣସି ରାଜ୍ୟ ଭାଷା ଭିତ୍ତିରେ ସ୍ୱତନ୍ତ୍ରତା କଥା ଭାବି ନଥିଲେ, ସେତେବେଳେ ଓଡ଼ିଶା ଦୁର୍ବାର ଆନ୍ଦୋଳନ ମାଧ୍ୟମରେ ଇତିହାସ ସୃଷ୍ଟି କରିଥିଲା ବୋଲି ବାଚସ୍ପତି ସୁରମା ପାଢ଼ୀ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ମତ ବ୍ୟକ୍ତ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ତ୍ୟାଗ, ବୀରତ୍ୱ ଏବଂ ଗୌରବୋଜ୍ଜ୍ୱଳ କାହାଣୀରେ ପରିପୂର୍ଣ୍ଣ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ପାଇଁ ଉତ୍କଳ ସମ୍ମିଳନୀର ନିରବଚ୍ଛିନ୍ନ ସଂଗ୍ରାମ ଏବଂ ପ୍ରମୁଖ ବରପୁତ୍ରଙ୍କ ତ୍ୟାଗ, ତପସ୍ୟା ଓ ସାଧନାର ଫଳସ୍ୱରୂପ ଆପେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇପାରିଛୁ। ତେଣୁ ସେମାନଙ୍କ ନୀତି, ଆଦର୍ଶ ଓ ଜାତିଭକ୍ତି ଆମ ପାଇଁ ଅନୁକରଣୀୟ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଉ



୧୧ ବର୍ଷ ପରେ ଓଡ଼ିଶା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଶତବାର୍ଷିକୀ ପାଳନ କରିବ। ଆଜିର ଦିବସରେ ଓଡ଼ିଆ ସ୍ୱାଭିମାନର ପ୍ରତିଷ୍ଠାକୁ ଊର୍ଦ୍ଧ୍ୱକୁ ନେବାରେ ପ୍ରତିଟି ଓଡ଼ିଆ ସଂକଳ୍ପବଦ୍ଧ ହେବା ଉଚିତ। ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ପ୍ରତିଟି ଓଡ଼ିଆ ନିଜର ଏକନିଷ୍ଠ କର୍ତ୍ତବ୍ୟ ସମ୍ପାଦନ କରିବା ଜରୁରୀ ବୋଲି ବାଚସ୍ପତି କହିଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ବିଧାନସଭା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓ ନିଃସ୍ୱାର୍ଥପର ନେତୃତ୍ୱ, ତ୍ୟାଗ ଓ ସାଧନାର ଫଳସ୍ୱରୂପ ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଛି ବୋଲି କହିଛନ୍ତି। ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଅଭିଭାଷଣ ଦେଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ମୁଖପତ୍ର 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଏବଂ 'ଆମେ ଓଡ଼ିଆ ଗ୍ରନ୍ଥ'ର ଦ୍ୱାଦଶ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପରେ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ବାଚସ୍ପତି ଉଦ୍‌ଘାଟନ କରିଥିଲେ। ଶେଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଦେଶ ଓ ରାଜ୍ୟରେ ଜାରି ହୋଇଛି ସୁନା ଓ ରୂପାର ନୂଆ ଦର। ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ। କେଉଁ ଦିନ ଦର କମିଥାଏ ତ କେବେ ବଢିଥାଏ ଆଉ ପୁଣି କେବେ ସମାନ ରହିଥାଏ। ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୨ ହଜାର ୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୫ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨ ହଜାର ୮୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୫, ୧୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୫,୧୦୦ ଟଙ୍କା ଓ ୯୨, ୮୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୫, ୨୫୦ ଟଙ୍କା ଓ ୯୨, ୯୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୫,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୨, ୮୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୫, ୧୦୦ ଓ ୯୨,୮୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୫,୦୦୦ ଟଙ୍କା ହୋଇଛି।

# ଏଣିକି ଇପିଏଫ୍‌ଓରୁ ଉଠାଇ ହେବ ୫ ଲକ୍ଷ

**ନୂଆଦିଲ୍ଲୀ, ୧୪:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ପକ୍ଷରୁ ଏହାର ସଦସ୍ୟମାନଙ୍କ ଲାଗି ଉଠାଣ ସୀମାରେ ୫ ଗୁଣା ବୃଦ୍ଧି କରାଯାଇଛି। ସ୍ୱୟଂକ୍ରିୟ ଉଠାଣ ସୀମାକୁ ବର୍ତ୍ତମାନର ୧ ଲକ୍ଷ ଟଙ୍କାରୁ ବଢ଼ାଇ ୫ ଲକ୍ଷ ଟଙ୍କା କରାଯାଇଛି। ଏହି ପ୍ରସ୍ତାବକୁ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ସଚିବ ସୁମିତା ଦୱାରା ଅନୁମୋଦନ ଦେଇଥିବା ସୂଚନା ମିଳିଛି। ଗତ ସପ୍ତାହରେ ଶ୍ରୀନଗରରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହେବା ସହ ତାହା ମଞ୍ଜୁର ହୋଇଥିଲା। ଇପିଏଫ୍‌ଓର ସ୍ୱୟଂକ୍ରିୟ ଉନ୍ନତ ଦାବି ସମାଧାନ ବ୍ୟବସ୍ଥା ଅଧୀନରେ ଉଠାଣ ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହା ଦ୍ୱାରା ଅନୁଷ୍ଠାନର ୭.୫ କୋଟିରୁ ଅଧିକ ସଦସ୍ୟ ଉପକୃତ ହେବେ। ଜରୁରୀକାଳୀନ ମେଡିକାଲ୍ ଖର୍ଚ୍ଚ ବହନ କରିବା ଲାଗି ୨୦୨୦ ଏପ୍ରିଲ୍‌ରେ ସ୍ୱୟଂକ୍ରିୟ




ଉଠାଣ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ସେଥିରେ ଶିକ୍ଷା, ବିବାହ ଓ ଘର ତିଆରି ଖର୍ଚ୍ଚକୁ ଯୋଡ଼ାଯାଇଥିଲା। ୨୦୨୪ ମେ'ରେ ଇପିଏଫ୍‌ଓ ପକ୍ଷରୁ ଉଠାଣ ସୀମାକୁ ୫୦ ହଜାର ଟଙ୍କାରୁ ବଢ଼ାଇ ୧ ଲକ୍ଷ ଟଙ୍କା କରାଯାଇଥିଲା। ଏବେ ସେହି ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସଦସ୍ୟମାନେ ସ୍ୱୟଂକ୍ରିୟ ଉଠାଣ ବ୍ୟବସ୍ଥା ବ୍ୟବହାର କରି ତିନି ଦିନ ଭିତରେ ଟଙ୍କା ପାଇପାରିବେ। ଏହା ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ହେଉଥିବା ଏକ ଦାବି ସମାଧାନ ବ୍ୟବସ୍ଥା, ଯେଉଁଥିରେ ମାନବ ହସ୍ତକ୍ଷେପ ରହୁନାହିଁ।

ଚଳିତ ଆର୍ଥିକ ବର୍ଷରେ ମାର୍ଚ୍ଚ ୬ ସୁଦ୍ଧା ୨.୧୬ କୋଟି ସ୍ୱୟଂକ୍ରିୟ ଦାବି ସମାଧାନ କରି ଇପିଏଫ୍‌ଓ ରେକର୍ଡ କରିଛି। ୨୦୨୩-୨୪ ଆର୍ଥିକ ବର୍ଷ ସାରାରେ ସ୍ୱୟଂକ୍ରିୟ ଦାବି ସଂଖ୍ୟା ୮୯.୫୨ ଲକ୍ଷ ଥିଲା। ଦାବି ପ୍ରତ୍ୟାଖ୍ୟାନ ହାର ମଧ ଇତି ମଧରେ ୫୦ ପ୍ରତିଶତରୁ ହ୍ରାସ ପାଇ ୩୦ ପ୍ରତିଶତ ହୋଇଛି। ଦାବି ସମାଧାନ ପ୍ରକ୍ରିୟାର ସରଳୀକରଣ କରିବା ଲାଗି ପିଏଫ୍ ଉଠାଣ ପାଇଁ ଆବଶ୍ୟକ ହେଉଥିବା ପ୍ରମାଣନ ସଂଖ୍ୟାକୁ ୨୭ରୁ ହ୍ରାସ କରି ୧୮ କରାଯାଇଛି ଏବଂ ଆଗାମୀ ଦିନରେ ତାହା ୬କୁ ହ୍ରାସ ପାଇବ।

ଖୁବ୍‌ଶୀଘ୍ର ଇପିଏଫ୍‌ଓ ଏହାର ବ୍ୟବସ୍ଥା ସହ ୟୁନିଫାଏଡ୍ ପେମେଣ୍ଟ୍‌ସ ଇଣ୍ଟରଫେସ୍ (ୟୁପିଆଇ)ର ସମନ୍ୱୟ କରିବ। ଫଳରେ ସଦସ୍ୟମାନେ ଫୋନ୍‌ପେ, ଗୁଗୁଲ୍‌ପେ ଓ ପେଟିଏମ୍ ଭଳି ୟୁପିଆଇ ଆପ୍ ଜରିଆରେ ସେମାନଙ୍କ ପିଏଫ୍ ପାଣ୍ଠି ପାଇପାରିବେ। ଏହି ପ୍ରସ୍ତାବକୁ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ମେ' କିମ୍ବା ଜୁନ୍ ସୁଦ୍ଧା ତାହା ସଦସ୍ୟମାନଙ୍କ ଲାଗି ଉପଲବ୍ଧ ହେବ। ୟୁପିଆଇ ସେବା ଆସିବା ପରେ ଦାବି ସମାଧାନ ଲାଗି ବର୍ତ୍ତମାନ ଲାଗୁ ଥିବା ୨-୩ ଦିନର ସମୟ କିଛି ମିନିଟ୍‌କୁ ହ୍ରାସ ପାଇବ।

## କମିଲା କମର୍ସିଆଲ ଏଲପିଜି ସିଲିଣ୍ଡର ଦାମ୍

**ନୂଆଦିଲ୍ଲୀ, ୧୪:** ଶସ୍ତା ହେଲା ଏଲ୍‌ପିଜି ସିଲିଣ୍ଡର। ୪୧ ଟଙ୍କା ଶସ୍ତା ହେଲା କର୍ମସିଆଲ ଗ୍ୟାସ ସିଲିଣ୍ଡର। ଆଜିଠୁ ନୂଆ ଦର ଲାଗୁ ହେବ। ଅଏଲ ମାର୍କେଟିଙ୍ଗ କମ୍ପାନୀ ଦ୍ୱାରା ୧୯କେଜି କର୍ମସିଆଲ ଗ୍ୟାସ ସିଲିଣ୍ଡର ଦାମ କମାଯାଇଛି। ଦିଲ୍ଲୀରୁ ମୁମ୍ବାଇ ଏବଂ ଚେନ୍ନାଇ ପର୍ଯ୍ୟନ୍ତ ଗ୍ୟାସ ସିଲିଣ୍ଡର ମୂଲ୍ୟ



ହ୍ରାସ ପାଇଛି। କମର୍ସିଆଲ ଗ୍ୟାସ ସିଲିଣ୍ଡରରେ ୪୧ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘୋଷଣା କରାଯାଇଛି। ଗତ ମାସରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଥିଲା। କର୍ମସିଆଲ ସିଲିଣ୍ଡର ଦାମ ୧୭୯୭ଟଙ୍କା ଥିବା ବେଳେ ବର୍ତ୍ତମାନ ୪୧ଟଙ୍କା କମି ଦିଲ୍ଲୀରେ ୧୭୬୨ ଟଙ୍କା ରହିଛି। କିନ୍ତୁ ଘରୋଇ ଗ୍ୟାସ ସିଲିଣ୍ଡରରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଇଣ୍ଡିଆନ ଅଏଲ କର୍ପୋରେସନ ଅନୁଯାୟୀ, ଜାତୀୟ ରାଜଧାନୀ ଦିଲ୍ଲୀରେ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟ ଏବେ ୧୭୬୨ ଟଙ୍କା ହୋଇଛି ଏବଂ ଏହା ୪୧ ଟଙ୍କା ହ୍ରାସ ପାଇଛି। କୋଲକାତାରେ ୪୪ ଟଙ୍କା ୫୦ ପଇସା ହ୍ରାସ ପରେ ସିଲିଣ୍ଡରର ନୂତନ ମୂଲ୍ୟ ୧୮୬୮.୫୦ ଟଙ୍କା ହୋଇଛି। ସେହିପରି ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ, ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୪୨ ଟଙ୍କା ହ୍ରାସ ପାଇଛି। ଯାହା ପରେ ଏହା ଏବେ ୧୭୧୩ ଟଙ୍କା ୪ ପଇସା ହୋଇଯାଇଛି। ସେହିପରି ଚେନ୍ନାଇ ବିଷୟରେ କହିବା, ତେବେ ୪୩.୫୦ ଟଙ୍କା ହ୍ରାସ ପରେ ସିଲିଣ୍ଡରର ନୂତନ ମୂଲ୍ୟ ୧୯୨୧.୫୦ ଟଙ୍କା ହୋଇଛି।

## ଏଣିକି ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ନ ଥିଲେ ଜରିମାନା

**ନୂଆଦିଲ୍ଲୀ ୧୪:** ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବା ଜରୁରୀ। ଏହା ନ ରହିଲେ ଗ୍ରାହକ ଜରିମାନା ଭରିବେ। କେତେକ ବ୍ୟାଙ୍କ ନିଜର ସର୍ବନିମ୍ନ ବାଲାନ୍ସ ନିୟମରେ ପରିବର୍ତ୍ତନ କରୁଛନ୍ତି। ଭିନ୍ନ ଭିନ୍ନ ପ୍ରକାର ଖାତା ତଥା ବ୍ୟାଙ୍କ ଏବଂ ଶାଖା (ଯେପରି ମେଟ୍ରୋ, ସହରାଞ୍ଚଳ ଏବଂ ଗ୍ରାମୀଣ) ପାଇଁ ସର୍ବନିମ୍ନ ବାଲାନ୍ସ ଆବଶ୍ୟକତା ଭିନ୍ନ ଭିନ୍ନ ରହିବ।

ଏସ୍‌ବିଆଇ, ପିଏନ୍‌ବି ଏବଂ କାନାରା ସମେତ ଅନେକ ବ୍ୟାଙ୍କଗୁଡ଼ିକର ଗ୍ରାହକଙ୍କୁ ଏପ୍ରିଲ ୧ରୁ ସହର, ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଭିତ୍ତିରେ ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାକୁ ପଡ଼ିବ। ଏହା ନ କଲେ ଜରିମାନା ଲାଗିବ। ଜରିମାନା ରାଶି ଖାତାର ବର୍ଗ ଅନୁସାରେ ଭିନ୍ନ ରହିବ। ସହରାଞ୍ଚଳରେ ୫୦୦୦ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୨,୦୦୦ ଟଙ୍କାର ସର୍ବନିମ୍ନ ବାଲାନ୍ସ ରଖିବାକୁ ପଡ଼ିପାରେ। ସେହିଭଳି ୟୁପିଆଇ ଟ୍ରାଞ୍ଜାକ୍‌ସନ ନିୟମରେ ବି ଏପ୍ରିଲ ପହିଲାରୁ ପରିବର୍ତ୍ତନି। ଯେଉଁ ମୋବାଇଲ ନମ୍ବରଗୁଡ଼ିକ ସହ ଜଡ଼ିତ ୟୁପିଆଇ ଲମ୍ବା ସମୟ ଧରି ବ୍ୟବହାର କରାଯାଇନାହିଁ ତାହାକୁ ବ୍ୟାଙ୍କ ରେକର୍ଡରୁ ହଟାଇ ଦିଆଯିବ। ଅର୍ଥାତ ଯଦି




ଆପଣଙ୍କ ଫୋନ୍ ନମ୍ବର ୟୁପିଆଇ ଆପ୍ ସହ ଜଡ଼ିତ ଏବଂ ଏହାକୁ ଆପଣ ଲମ୍ବା ସମୟ ଧରି ବ୍ୟବହାର କରିନାହାନ୍ତି ତେବେ ବ୍ୟାଙ୍କ ଏହାକୁ ରେକର୍ଡରୁ ହଟାଇଦେବ ଏବଂ ଆପଣଙ୍କ ଖାତା ପାଇଁ ୟୁପିଆଇ ସେବାକୁ ବନ୍ଦ କରି ଦିଆଯିବ।

## ପୁଣି ଭୁଶୁଡ଼ିଲା ଭାରତୀୟ ପୁଞ୍ଜିବଜାର

**ମୁମ୍ବାଇ, ୧୪:** ପୁଣି ଭୁଶୁଡ଼ିଲା ଭାରତୀୟ ପୁଞ୍ଜିବଜାର। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କାରବାର ଦିବସରେ କ୍ରାସ କଲା ସେନସେକ୍ସ। ବିଏସଇ ସୂଚକାଙ୍କ ସେନ୍‌ସେକ୍ସରେ ପ୍ରାୟ ୧୩୦୦ ପଏଣ୍ଟ ହ୍ରାସ। ସେହିପରି ନିଫ୍ଟି ୩୬୦

**ସେନସେକ୍ସ ପ୍ରାୟ ୧୩୦୦ ପଏଣ୍ଟ ହ୍ରାସ**

ପଏଣ୍ଟରୁ ଅଧିକ ଖସିଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଆଇଟି ସେକ୍ଟର। ବିଦେଶୀ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର ସେୟାର ମାର୍କେଟ କ୍ରାସର ବଡ଼ କାରଣ। ଆସନ୍ତାକାଲିଠୁ ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ନିଷ୍ପତ୍ତି ମଧ୍ୟ ସେୟାର ବଜାର ହ୍ରାସର କାରଣ। ଏହାପୂର୍ବରୁ ମାର୍ଚ୍ଚରେ ଆରମ୍ଭରେ ବିଏସ୍‌ଇ ସେନ୍ସେକ୍ସ ୧୧୩୧.୩୧ ପଏଣ୍ଟ (୧.୫୩%) ବୃଦ୍ଧି ପାଇ ୭୫,୩୦୧.୨୬ ପଏଣ୍ଟରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ୩୨୫.୫୫ ପଏଣ୍ଟ (୧.୪୫%) ବୃଦ୍ଧି ପାଇ ୨୨,୮୩୪.୩୦ ପଏଣ୍ଟରେ ବନ୍ଦ ହୋଇଥିଲା।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

**ଭୁବନେଶ୍ୱର ରନୱେ ୱିକ୍ ସିଜିନ୍- ୧ ୨**

# ରାମ୍ପ୍‌ରେ ଭାରତୀୟ କଳାକୃତିର ଛାପ

**ଭୁବନେଶ୍ୱର, ୧୪(ସଂଚାର ବ୍ୟୁରୋ):** ମଞ୍ଚ ଉପରେ ରଙ୍ଗିନ ଆଲୋକ। ଜଣକ ପରେ ଜଣେ ମଡେଲ୍ ଆକର୍ଷଣୀୟ ପରିପାଟୀରେ ମଞ୍ଚକୁ ଆସୁଥାନ୍ତି। ଡିଜେର ତାଳେ ତାଳେ ବିଭିନ୍ନ ଡିଜାଇନର୍ ପୋଷାକ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା ଅବସର ଥିଲା ଆଡିକ୍ସନ ଫ୍ୟାସନ୍ ମ୍ୟାନେଜମେଣ୍ଟ ରନଓ୍ୱେ ଓ୍ୱିକ ୧୨ ତମ ସଂସ୍କରଣ। ହୋଟେଲ୍ ଓ୍ୱେଲକମରେ ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ନିର୍ଦ୍ଦେଶକ ଜନ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ସଂସ୍କରଣରେ ୧୨ ଡିଜାଇନର୍ ନିଜର ଡିଜାଇନ ପ୍ରଦର୍ଶିତ କରିଥିଲେ। ପ୍ରଥମ ଦିନରେ ସଚ୍ଚଦେବ ବ୍ରାଣ୍ଡରେ ମୌହିତ୍ ସଚ୍ଚଦେବ କକ୍‌ଟେଲ୍ ଡ୍ରେସ ପରିଧାନ କରିଥିବା ବେଳେ, ଲେବେଲ୍ ସୁରିୟଲ ବ୍ରାଣ୍ଡର ଅର୍ପିତା ସାମଲ ଖରାଦିନିଆ ଡିଜାଇନର ପୋଷାକ ପିନ୍ଧିଥିଲେ। ସେହିପରି ଏନଆଇଏଫ୍ ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ପ୍ରଦର୍ଶିତ ହୋଇଥିବା ଡିଜାଇନରେ ନୂତନ ଛାପ ଦେଖିବାକୁ ମିଳିଥିଲା। ଇରାନୀ ମିତ୍ର ବ୍ରାଣ୍ଡର ଇରାନୀ ମିତ୍ରଙ୍କ ଡିଜାଇନରେ ଆଧୁନିକ ବଧୂଙ୍କ ପଶାପାଲି ପୋଷାକ ପ୍ରଦର୍ଶିତ ହୋଇଥିଲା।




ଲେବେଲ ସାକ୍ଷୀ ବିନ୍ଦ୍ରା ବ୍ରାଣ୍ଡର ସାକ୍ଷୀ ବିନ୍ଦ୍ରାଙ୍କ ଉତ୍କୃଷ୍ଟ ଗାଉନ୍, ଭିକା ବ୍ରାଣ୍ଡର ଅରବିନ୍ଦ ଆମପୁଲ୍ଲା ତାଙ୍କ ଡିଜାଇନରେ ଭାରତୀୟ କାଞ୍ଜିଭରମ୍, ପୈଠାଣୀ, ବନାରସୀ, କୋଟା, ଉପଡ଼ା, ଖଦି ଏବଂ ମସଲିନ୍ ଭଳି ପାରମ୍ପରିକ ପୋଷାକ ପ୍ରଦର୍ଶିତ କରିଥିଲେ। ୨ୟ ଦିନରେ ୱାଓମାନିଆ ହ୍ୟାଣ୍ଡଲୁମର ଡିଜାଇନର ମାନେ ଉତ୍କୃଷ୍ଟ ହସ୍ତତନ୍ତ ରେଶମ ଡିଜାଇନ୍ ମାଧ୍ୟମରେ ସମସ୍ତଙ୍କୁ ଆକର୍ଷିତ କରିଥିଲେ। ଲେବେଲ ପାରୁଲ ଖୈତାନ ବ୍ରାଣ୍ଡର ଡିଜାଇନର ପାରୁଲ ଖୈତାନଙ୍କ କଳାରଙ୍ଗର ପୋଷାକ ବେଶ ଆକର୍ଷଣୀୟ ଥିଲା। ହରୀଶ ଅକିସେଟ୍ଟୀ ବ୍ରାଣ୍ଡର ଡିଜାଇନର ହରୀଶ ଅକିସେଟ୍ଟୀଙ୍କ ଡିଜାଇନର୍ ଡ୍ରେସ୍, ଶ୍ରୁନି ରେଡ୍ଡୀ କଉଚର ବ୍ରାଣ୍ଡର ଡିଜାଇନର ଶ୍ରୁନି ରେଡ୍ଡୀଙ୍କ ଡିଜାଇନ୍, ଭୋଗି କଉଚର ବ୍ରାଣ୍ଡର ସୌମ୍ୟା ସାଲିନୀଙ୍କ ଡିଜାଇନ୍ ବେଶ ଆକର୍ଷଣୀୟ ଥିଲା। ଶେଷରେ ଦୁହିତା ଏବଂ ମାନବଙ୍କ ଡିଜାଇନ୍ ପ୍ରଦର୍ଶିତ ହୋଇଥିଲା।

## ଜିଓ ଅସୀମିତ କ୍ରିକେଟ୍ ଅଫର ଅବଧି ୧୫ ଏପ୍ରିଲ ଯାଏଁ ବୃଦ୍ଧି

**ମୁମ୍ବାଇ, ୧୪:** କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର, ଜିଓ ଏହାର ନୂତନ ଏବଂ ବର୍ତ୍ତମାନର ଗ୍ରାହକଙ୍କ ପାଇଁ ଆଣିଥିବା ସ୍ୱତନ୍ତ୍ର ଅସୀମିତ କ୍ରିକେଟ ଅଫରକୁ ୧୫ ଏପ୍ରିଲ ୨୦୨୫ଯାଏଁ ବୃଦ୍ଧି କରିଛି । ପୂର୍ବରୁ ଏହି ଅଫର ୩୧ମାର୍ଚ୍ଚରେ ଶେଷ ହେବାକୁ ଯାଉଥିଲା । ଏହି ଅଫର ଅଧୀନରେ, ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜ କରି ଜିଓ ଗ୍ରାହକମାନେ ଜିଓହଟଷ୍ଟାରରେ ମାଗଣାରେ ଆଇପିଏଲ କ୍ରିକେଟ୍ ସିଜିନ୍ ଉପଭୋଗ କରିପାରିବେ। ଏହି ଅସୀମିତ କ୍ରିକେଟ୍ ଅଫରରେ, ଗ୍ରାହକମାନେ ଟିଭି କିମ୍ବା ମୋବାଇଲରେ ୯୦ ଦିନର ମାଗଣା ଜିଓହଟଷ୍ଟାର ସବସ୍କ୍ରିପସନ୍ ପାଉଛନ୍ତି ଏବଂ ତାହା ମଧ ୪କେ ଗୁଣବତ୍ତାରେ। ଏହାର ଅର୍ଥ ହେଉଛି ଗ୍ରାହକମାନେ ଆଇପିଏଲ କ୍ରିକେଟ ସିଜିନ ମାଗଣାରେ ଉପଭୋଗ କରିପାରିବେ। ଏହା ସହିତ, ଜିଓ ଘର ପାଇଁ ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ ପ୍ରଦାନ କରିବ। ଅଲ୍ଟ୍ରା-ଫାଷ୍ଟ ଇଣ୍ଟରନେଟର ମାଗଣା ଟ୍ରାଏଲ୍ ସଂଯୋଗ ୫୦ ଦିନ ପାଇଁ ମାଗଣା ରହିବ। ଗ୍ରାହକମାନେ ୪କେ ଗୁଣବତ୍ତାରେ ଇମର୍ସିଭ୍ କ୍ରିକେଟ୍ ଦେଖିବାର ଅନୁଭୂତି ସହିତ ଶ୍ରେଷ୍ଠ ହୋମ ଏଣ୍ଟେରଟେନମେଣ୍ଟ ବା ଘରୋଇ ମନୋରଞ୍ଜନର ମଧ ମଜା ନେଇପାରିବେ। ଜିଓଫାଇବର କିମ୍ବା ଜିଓଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ସହିତ ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ମଧ ମିଳିବ। କ୍ରିକେଟ ପ୍ରେମୀ ଗ୍ରାହକଙ୍କ ବିପୁଳ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ଅଫର ଗ୍ରାହକମାନଙ୍କ ପାଇଁ ଏବେ ୧୫ ଏପ୍ରିଲ ୨୦୨୫ ଯାଏଁ ଉପଲବ୍ଧ ହେବ। ଏହି ଅଫରର ଲାଭ ପାଇବା ପାଇଁ, ବର୍ତ୍ତମାନର ଜିଓ ସିମ୍ ବ୍ୟବହାରକାରୀଙ୍କୁ ଅତି କମରେ ୨୯୯ ଟଙ୍କା କିମ୍ବା ଅଧିକ ମୂଲ୍ୟର ପ୍ଲାନ ରିଚାର୍ଜ କରିବାକୁ ପଡିବ। ଅନ୍ୟ ପକ୍ଷରେ ନୂତନ ଜିଓ ସିମ୍ ଗ୍ରାହକମାନଙ୍କୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ନେବାକୁ ପଡିବ। ଯେଉଁ ଗ୍ରାହକମାନେ ପୂର୍ବରୁ କୌଣସି ରିଚାର୍ଜ କରିସାରିଛନ୍ତି ସେମାନେ ମଧ ୧୦୦ ଟଙ୍କାର ଏକ ଆଡ-ଅନ୍ ପ୍ୟାକ୍ ନେଇ ଏହି ଅଫରର ଲାଭ ଉଠାଇପାରିବେ।




**ଜିଓ ହଟଷ୍ଟାରରେ ମାଗଣା ଆଇପିଏଲ ଦେଖିବା ସୁଯୋଗ**

## ମାର୍ଚ୍ଚରେ ୧.୯୬ ଲକ୍ଷ କୋଟିର ଜିଏସଟି ଆଦାୟ

**ନୂଆଦିଲ୍ଲୀ, ୧୪:** ନୂତନ ଆର୍ଥିକ ବର୍ଷ ୧ ଏପ୍ରିଲରୁ ଆରମ୍ଭ ହୋଇଛି। ଏହା ସହିତ, ସରକାରଙ୍କ ପାଇଁ ଏକ ଭଲ ଖବର ଆସିଛି। ନିକଟରେ ସମାପ୍ତ ମାର୍ଚ୍ଚ ମାସରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ସଂଗ୍ରହ ୯.୯ ପ୍ରତିଶତ ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ମାସରେ ଏହା ୧.୮୪ ଲକ୍ଷ କୋଟି ଟଙ୍କା ଥିଲା। ଏହାସହିତ କ୍ରମାଗତ ୧୩ ବର୍ଷ ଧରି ଜିଏସଟି ସଂଗ୍ରହ ୧.୭ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା। ଏହି ତ୍ରୈମାସିକରେ ଜିଏସଟି ସଂଗ୍ରହ ୫.୮ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୦.୪ ପ୍ରତିଶତ ଅଧିକ। ରିଫଣ୍ଡ୍ କାଟିବା ପରେ ନିଟ୍ ଜିଏସଟି ସଂଗ୍ରହ ମଧ ଗତ ବର୍ଷ ତୁଳନାରେ ଏହି ମାର୍ଚ୍ଚ ମାସରେ ୭.୬ ପ୍ରତିଶତ ଅଧିକ ଥିଲା। ବଜେଟରେ ସରକାର ଚଳିତ ବର୍ଷ ପାଇଁ ଜିଏସଟି ରାଜସ୍ୱରେ ୧୧% ବୃଦ୍ଧି ଆକଳନ କରିଥିଲେ । କେନ୍ଦ୍ରୀୟ ଜିଏସଟି ଏବଂ କ୍ଷତିପୂରଣ ସେସ୍ କୁ ମିଶାଇ ୧୧.୭୮ ଲକ୍ଷ କୋଟି ଟଙ୍କାର ଜିଏସଟି ଆଦାୟ ହେବ ବୋଲି ଆକଳନ କରାଯାଇଛି।

# ପୁଣି ବଜାରକୁ ଆସିବ ୟାମାହା ଆର୍‌ଏକ୍ସ୧୦୦!

**ନୂଆଦିଲ୍ଲୀ, ୧୪:** ୟାମାହା ଆର୍‌ଏକ୍ସ୧୦୦ ଭାରତରେ ସବୁଠାରୁ ପପୁଲାର୍ ମୋଟରସାଇକେଲ୍ ମଧ୍ୟରୁ ଗୋଟିଏ। ଏହି ବାଇକଟି ହଠାତ୍ ବନ୍ଦ ହୋଇଯିବା କମ୍ପାନୀ ଏବଂ ଗ୍ରାହକମାନଙ୍କ ପାଇଁ ଏକ ବଡ଼ ଝଟକା ଥିଲା। ଆଜି ମଧ ଏହାର ଫ୍ୟାନ୍ସମାନଙ୍କର ଅଭାବ ନାହିଁ, ସେମାନଙ୍କର ଜେନେରେସନ୍ ଯାହା ହେଉ, କିନ୍ତୁ ଏବେ ଏହା ପୁଣି ଥରେ ରାସ୍ତାକୁ ଫେରିବାକୁ ପ୍ରସ୍ତୁତ ଅଛି।

ସୋସିଆଲ ମିଡିଆରେ ଚର୍ଚ୍ଚାରେ ହେଉଛି ଯେ କମ୍ପାନୀ ଏହି ବାଇକକୁ ଜୁନ୍ ୨୦୨୬ ସୁଦ୍ଧା ଲଞ୍ଚ କରିପାରେ, ଯାହା ଗ୍ରାୟହକଙ୍କ ମନରେ ରାଜ୍ କରିପାରିବ। ଏହାର ମାଇଲେଜ୍ ମଧ ବହୁତ ଭଲ ହେବ। ଏହାର ଲୁକ୍ ଏବଂ ଡିଜାଇନ୍ ଗ୍ରାହକଙ୍କ ପ୍ରଥମ ପସନ୍ଦ ହେବାର ସମ୍ଭାବନା ରହିଛି। ୟାମାହା ଆର୍‌ଏକ୍ସ୧୦୦ ରୟାଲ୍ ଏନଫିଲ୍ଡ ବାଇକ୍ ସହିତ ଟକ୍କର କରିବ ବୋଲି ଆଶା କରାଯାଉଛି। ୧୯୮୫ ମସିହାରେ ଲଞ୍ଚ ହୋଇଥିବା ୟାମାହା ଆର୍‌ଏକ୍ସ୧୦୦ ଭାରତୀୟ ମୋଟରସାଇକେଲ ବଜାରରେ ନିଜର ପରିଚୟ କ୍ରିଏଟ୍ କରିଛି। ଏହି ୨-ଷ୍ଟ୍ରୋକ୍ ବାଇକ୍ ଏହାର ଭଲ ପରଫରମାନ୍ସ ଏବଂ ଦମଦାର୍ ଏକ୍ସଷ୍ଟ ପାଇଁ ଜଣାଶୁଣା ଥଇଲା। ଏହି ବାଇକ୍ ବିଶେଷ କରି ୟଙ୍ଗ ରାଇର୍ଡସଙ୍କ ମଧରେ ବହୁତ ପପୁଲାର ଥିଲା।

ନଭେମ୍ବର ୧୯୮୫ ରେ ପୁରୁଣା ୟାମାହା ଆର୍‌ଏକ୍ସ୧୦୦ କୁ ଲଞ୍ଚ କରାଯାଇଥିଲା। ଏଥିରେ ୯୮ CC ର ଏୟାର-କୁଲ୍ଡ, ୨-ଷ୍ଟ୍ରୋକ୍ ଇଞ୍ଜିନ୍ ଦିଆଯାଇଥିଲା, ଯାହା ୧୧.୨ ଏଚପିର ପାୱାର ଏବଂ ୧୦.୩୯ ଏନଏମର ଟର୍କ ମଧ ଜେନେରେଟ୍ କରୁଥିଲା। ଏହି ବାଇକ୍ କେବଳ ୭.୫ ସେକେଣ୍ଡରେ ୦ ରୁ ୬୦କିଲୋମିଟର/ଘଣ୍ଟା ବେଗରେ ଗତି କରିପାରିବ। ମାଇଲେଜ୍ ବିଷୟରେ କହିବାକୁ ଗଲେ ଏହା ବାଇକ୍ ୩୫-୪୫ କିଲୋମିଟର/ଲିଟର ଦେଉଥିଲା, ଯାହା ସେହି ସମୟ ଅନୁସାରେ ବହୁତ ଭଲ ମାଇଲେଜ୍ ରହିଛି। ଏହାର ହାଲୁକା ଫ୍ରେମ୍




ଏବଂ ପାୱାରଫୁଲ୍ ଇଞ୍ଜିନ୍ ଯୋଗୁଁ, ଏହି ବାଇକ୍ ସେତେବେଳର ୟଙ୍ଗ ରାଇର୍ଡସଙ୍କୁ ଏକ ଭଲ ରାଇଡିଂ ଏକ୍ସପେରିୟନ୍ସ ପ୍ରଦାନ କରୁଥିଲା। ହେଲେ ଏହାର ମାଇଲେଜ୍ ଆଜିର ବର୍ତ୍ତମାନ ଟିକେ କମ୍ ବୋଲି କୁହାଯାଉଛି। ବର୍ତ୍ତମାନ ୨୦୨୫ ମସିହାରେ, ୟାମାହା ଆର୍‌ଏକ୍ସ୧୦୦ ର ଏକ ଅପଡେଟେଡ୍ ଭର୍ସନ ଉପସ୍ଥାପନ କରାଯିବ, ଯାହାକୁ ମର୍ଡନ ଟେକ୍ନୋଲୋଜି ଏବଂ ଏନଭାରମେଣ୍ଟ ଷ୍ଟାଣ୍ଡାର୍ଡ ଅନୁସାରେ ଡିଜାଇନ୍ କରାଯାଇଛି। ଅଧିକ ମାଇଲେଜ୍ ଦେବା ପାଇଁ ନୂଆ ଆର୍‌ଏକ୍ସ୧୦୦ କୁ ଅପଗ୍ରେଡ୍ କରାଯାଇଛି। ରିପୋର୍ଟ ଅନୁସାରେ ଏହି ବାଇକ୍ ୮୦ କିଲୋମିଟର/ଲିଟର ମାଇଲେଜ୍ ଦେଇପାରିବ, ଯାହା ମପୁରୁଣା ମଡେଲ୍ ଅପେକ୍ଷା ବହୁତ ଭଲ। ଏହା ଦୈନନ୍ଦିନ ବ୍ୟବହାର ପାଇଁ ବେଷ୍ଟ ହୋଇପାରିବ। ନୂଆ ଆର୍‌ଏକ୍ସ୧୦୦ ରେ କ୍ଲାସିକ୍ ଡିଜାଇନ୍ ସହିତ ଆଡଭାନ୍ସ ଫିଚର୍ସ ଆଡ୍ କରାଯାଇଛି, ଯାହା ଏହାର ପରଫରମାନ୍ସ ଏବଂ ସେଫ୍ଟି ବଢ଼ିବ। ଆଶା କରାଯାଉଛି ଯେ ଏହି ବାଇକରେ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଏବିଏସ ଏବଂ ଏଲଇଡି ଲାଇଟିଂ ଏବଂ ମର୍ଡନ ଟେକ୍ନୋଲୋଜି ରହିବ। ୟାମାହା ଆର୍‌ଏକ୍ସ୧୦୦ ର ପ୍ରତ୍ୟାବର୍ତ୍ତନ ମୋଟରସାଇକେଲ୍ ପାଇଁ ଏକ ବଡ଼ ଖବର। ଏହାର କ୍ଲାସିକ୍ ଲୁକ୍, ଭଲ ପରଫରମାନ୍ସ ଏବଂ ଜବରଦସ୍ତ ମାଇଲେଜ୍ ଏହାକୁ ଏକ ଭଲ ଅପ୍ସନ କରିପାରିବ। ହେଲେ ବର୍ତ୍ତମାନ ତେବେ ଜାଣିବାକୁ ବାକି ଅଛି ଯେ ଏହି ବାଇକ୍ କେବେ ଲଞ୍ଚ ହେବ ଏବଂ ଏହାର ପ୍ରାଇସ୍ କେତେ ରହିବ।

## ଠିକାଦାର ଓ ପୂର୍ତ୍ତ ବିଭାଗର ପ୍ରିୟାପ୍ରୀତି ଯୋଗୁଁ ଲୋକେ ହନ୍ତସନ୍ତ

# ପ୍ରତିବର୍ଷ ମରାମତି ହେଉଛି, ତଥାପି ଉଠୁଛି ପିଚୁ

**ବିଞ୍ଝାରପୁର,୧୪(ସଂଚାର ବ୍ୟୁରୋ):** ୨୦୨୩ ମସିହାରେ ଆରମ୍ଭ ହୋଇଥିଲା ବିଞ୍ଝାରପୁର ଠାରୁ ସିଂହପୁର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର କାର୍ଯ୍ୟ। ୫ କିମି ପ୍ରଶସ୍ତିକରଣ ପାଇଁ ପୂର୍ତ୍ତ ବିଭାଗ ଯୋଗାଇ ଥିଲା ୪ କୋଟି। ଏ କ୍ଲାସ୍ ଠିକାଦାର ନେଇଥିଲେ ନିର୍ମାଣ କାର୍ଯ୍ୟ। ଆଉ ଏ କ୍ଲାସ୍ ଠିକାଦାର ଏମିତି କାର୍ଯ୍ୟ କଲେ ଯେ ମାସ କେଇଟା ନ ପୂରୁଣୁ ପିଚୁ ଉଠିଗଲା। ଏ ନେଇ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କଲେ କିନ୍ତୁ ଏ କ୍ଲାସ୍ ଠିକାଦାରଙ୍କ ଏଭଳି କାର୍ଯ୍ୟକୁ ସେତେବେଳେ ଘଷ ଘୋଡାଉଥିଲା ପୂର୍ତ୍ତ ବିଭାଗ। ଯାହା ଗଣମାଧ୍ୟମର ଶିରୋନାମା ମଧ ପାଲଟିଥିଲା। ଆଉ ଗଣମାଧ୍ୟମରେ ପ୍ରସାରିତ ଏବଂ ପ୍ରକାଶିତ ପରେ ନାମକୁ ମାତ୍ର ପିଚୁ ଦେଇ ଠିକାଦାର ଚୁପ୍ ବସିଯାଇଥିଲେ। ଏବେ ପୁଣି ରାସ୍ତା ଯେଉଁ କଥାକୁ ସେଇଆ। ଶୋଚନୀୟ ହୋଇପଡ଼ିଲାଣି ବିଞ୍ଝାରପୁର ସିଂହପୁର ମୁଖ୍ୟ ରାସ୍ତା। ଆପଣ ଦେଖୁଥିବା ଗୋଡିଚିପ୍ସ ଛକର ଏ ଚିତ୍ର କେବଳ ଗୋଟାଏ ପ୍ରମାଣ ନୁହେଁ। ବିଂଝାରପୁର ସିଂହପୁରର ୫ କିମି ରାସ୍ତାରେ ପ୍ରାୟ ସ୍ଥାନରେ ଏଭଳି ଚିତ୍ର ଦେଖିବାକୁ ମିଳେ।



ରାସ୍ତାର ଏଭଳି ଚିତ୍ର ଦୁର୍ଘଟଣାକୁ ନିମନ୍ତ୍ରଣ କରୁଥବା ମଧ ଅଭିଯୋଗ ହୋଇଛି। ଏଭଳି ଚିତ୍ର ଏବଂ ଅଭିଯୋଗକୁ ଲକ୍ଷ୍ୟ କଲେ ଠିକାଦାର କେଡ଼େ ଦୁର୍ନୀତି ଖୋର୍ ତାହା ସ୍ପଷ୍ଟ ଜଣା ପଡୁଥିବା ବେଳେ ପୂର୍ତ୍ତ ବିଭାଗ ଏଭଳି ଠିକାଦାରଙ୍କ ସୁରକ୍ଷା କବଚ ପାଲଟିଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ଏଭଳି ଅଭିଯୋଗ ପରେ ମଧ ପୂର୍ତ୍ତ ବିଭାଗ ପାଣିକୋଇଲି ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ହେଉ କି ବିଞ୍ଝାରପୁର ଉପଖଣ୍ଡ ଉପ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଯନ୍ତ୍ରୀମାନେ ଚୁପ୍ ହୋଇ ବସିଛନ୍ତି। ଠିକାଦାର ଆଉ ବିଭାଗର ପ୍ରିୟାପ୍ରୀତି ନୀତିରେ ସାଧାରଣ ଜନତା ଯେ ହଇରାଣ ହେଉଛନ୍ତି ତାହା କହିବା ବାହୁଲ୍ୟ। ଠିକାଦାର ପୋଷଣ ନୀତିରେ ବିଞ୍ଝାରପୁର ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ସରକାରୀ ଟଙ୍କା ଆତ୍ମସାତ ହେଉଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି।

---

### ଚୈତ୍ର ମାସ ତୃତୀୟ ପାଳି

## ଶ୍ୟାମଳାଇ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



**ହିଞ୍ଜିଳିକାଟୁ,୧୪(ସଂଚାର ବ୍ୟୁରୋ):** ଚୈତ୍ର ମାସ ୩ୟ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୁଆବୁରୁପଡା ନିକଟସ୍ଥ ମା ଶ୍ୟାମଳାଇଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଜନସମାବେଶ ହୋଇ ସନ୍ଧ୍ୟା ତମାମ ଗହଳ ଚହଳ ଲାଗି ରହିଥିଲା । ମଙ୍ଗଳବାର ଭୋରରୁ ମାଙ୍କ ମାର୍ଜଣା,ମଙ୍ଗଳ ଆଳତି, ବାଳ ଭୋଗ ରୀତିନୀତି ଅନୁସାରେ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିରକୁ ପ୍ରବେଶ କରାଯାଇଥିଲା । ଶ୍ରଦ୍ଧାଳୁ ମାନେ ମାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ବହୁ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ । ଏଥି ନିମିତ ମନ୍ଦିର ଚତୁପାର୍ଶ୍ୱରେ ମାନସିକ ଧାରୀମାନେ ନିଜନିଜର ଶିଶୁଙ୍କ ମୁଣ୍ଡନ, ପଞ୍ଚା ଅମୃତ କରି ବନ୍ଧୁବର୍ଗଙ୍କ ସହ ଭୋଜି ଭାତର ଆୟୋଜନ ଜମିଥିଲା । ମନ୍ଦିର ଚତୁପାର୍ଶ୍ୱରେ ବିଭିନ୍ନ ରକମର ଖେଳନା, ବାର ମଜା, ଥଣ୍ଡାପାନୀୟ ଦୋକାନର ଅସ୍ଥାୟୀ ଦୋକାନ ବଜାର ମାନଗଢି ଉଠିଥିଲା । ଶ୍ରଦ୍ଧାଳୁଙ୍କ ଭିଡକୁ ଆଖି ଆଗରେ ରଖି ମନ୍ଦିର ପ୍ରସାଶନ ଏବଂ ହିଞ୍ଜିଳି ପୋଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟାବସ୍ଥା କଡ଼ାକଡ଼ି କରାଯାଇଥିଲା ।

## ଏଆଇୟୁଟିୟୁସି ୪ ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ




**କଟକ,୧୪(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ବଦଳରେ ୟୁପିଏସ୍ ଲାଗୁ କରିବା ଏବଂ ୨୯ଟି ଶ୍ରମ ଆଇନ ବଦଳରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ଲାଗୁ କରିବା, ଶ୍ରମିକ ଛଟେଇ କରିବା, ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ଭଳି ବିଭିନ୍ନ ଶ୍ରମିକମାରଣ ନୀତି ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି କେନ୍ଦ୍ରୀୟ କମିଟିର ଡାକରାରେ ସାରା ଭାରତ ପ୍ରତିବାଦ ଦିବସ ଉପଲକ୍ଷେ ଜିଲ୍ଲା ଏଆଇୟୁଟିୟୁସି ପକ୍ଷରୁ ଏକ ବିକ୍ଷୋଭ କଟକ ରେଲୱେ ଷ୍ଟେସନ ନିକଟରେ ଶ୍ରମିକ ବିକ୍ଷୋଭ ହୋଇଯାଇଛି। ଏଆଇୟୁଟିୟୁସି ଜିଲ୍ଲା ସଂପାଦକ ରାଜକିଶୋର ମଲ୍ଲିକ, ସଭାପତି ଖଗେଶ୍ୱର ସେଠୀ, କୋଷାଧକ୍ଷ ସୌଭାଗ୍ୟ ସାମଲ, ଶ୍ରମିକ ନେତା ପ୍ରିୟଦର୍ଶନ ପାଭେଲ, ବସନ୍ତ ନାୟକ, ଦିପକ ଦାସ, ସୁକାନ୍ତ ନାୟକ, ଅଜୟ କୁମାର କବି, ବିଭୁତି ଭୋଇ, ଅକ୍ଷୟ ଭୋଇ, ବାବୁଲି ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଗଠନର ନେତୃବୃନ୍ଦ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତି କାର୍ଯ୍ୟକାରୀ କରିବା ଫଳରେ ଶ୍ରମିକ,କର୍ମଚାରୀ ଓ ସବୁ ସ୍ତରର ଶ୍ରମଜିବୀ ଜନସାଧାରଣଙ୍କ ଜୀବନ ଆଜି ଦୁର୍ବୀସହ ହୋଇ ପଡିଛି ବୋଲି କହିଥିଲେ। ବହୁ କଷ୍ଟଲବ୍ଧ ସଂଗ୍ରାମ ମଧ ଦେଇ ଅର୍ଜିତ ଅଧିକାର ଗୁଡିକ ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ଆକ୍ରମଣ କୁ ପ୍ରତିହତ କରିବାକୁ ଆଗାମୀ ଦିନରେ ଶ୍ରମଜିବୀ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା।

---

## ବ୍ରହ୍ମପୁରରେ ପୁଲିସ ପ୍ରତିଷ୍ଠା ଦିବସ ପାଳିତ




**ବ୍ରହ୍ମପୁର,୧୪(ସଂଚାର ବ୍ୟୁରୋ):** ବ୍ରହ୍ମପୁର ପୋଲିସ ଜିଲ୍ଲା ପ୍ରଶାସନ ପକ୍ଷରୁ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ଆମ୍ବପୁଆ ରିଜର୍ଭ ପଡ଼ିଆ ଠାରେ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଆଇଜି ନୀତି ଶେଖର ଯୋଗଦେଇ ମିଳିତ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରିଥିଲେ । ଏହି ଉତ୍ସବରେ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ, ଥାନା ଅଧିକାରୀ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୬ଜଣ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଆଇଜି ନୀତି ଶେଖର ଓ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷ୍ଠ ଥାନା ଅଧିକାରୀ ଭାବେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କେ ନୁଆ ଗାଁ ଥାନାରେ କାର୍ଯ୍ୟରତ ଏସଆଇ ଅଞ୍ଜଳୀ ବେହେରା, ନିମଖଣ୍ଡିର ଏସଆଇ ଜ୍ଞାନ ରଞ୍ଜନ ବେହେରା ଓ ଟାଉନ ଥାନାର ଏଏସଆଇ ବିନୀତ୍ କୁମାର ଶତପଥୀଙ୍କ ସମେତ ହାବିଲଦାର ଓ କନେଷ୍ଟବଲକୁ ମିଶାଇ ମୋଟ ୧୬ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି ।

## ଦୀପକ କୁମାର ତ୍ରିପାଠୀ ଶ୍ରେଷ୍ଠ କନେଷ୍ଟବଳ ଭାବେ ପୁରସ୍କୃତ



**ଯାଜପୁର ରୋଡ଼,୧୪(ସଂଚାର ବ୍ୟୁରୋ):** ଯାଜପୁର ରୋଡ ଥାନାର କନେଷ୍ଟବଳ ଶ୍ରୀ ଦୀପକ କୁମାର ତ୍ରିପାଠୀ ରାଜ୍ୟର ବେଷ୍ଟ କନେଷ୍ଟବଳ ଭାବେ ପୋଲିସ ପ୍ରତିଷ୍ଠା ଦିବସରେ ଡିଜିଙ୍କ ଠାରୁ ପୁରସ୍କୃତ। ଆଜି ରାଜ୍ୟ ପୋଲିସ ପକ୍ଷରୁ ସାରା ଜିଲ୍ଲାର ମୁଖ୍ୟାଳୟରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷିରେ ଆଜି କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ପୋଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ବିଭିନ୍ନ ବିଭାଗର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର ନିଷ୍ଠାପର ସେବାପାଇଁ ଡିଜି ଶ୍ରୀ ଯୋଗେଶ ବହାଦୁର ଖୁରାନିଆ ପୁରସ୍କୃତ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା ସ୍ଥିତ ଯାଜପୁର ରୋଡ ଥାନାର କନେଷ୍ଟବଳ ଶ୍ରୀ ଦୀପକ କୁମାର ତ୍ରିପାଠୀଙ୍କୁ ବେଷ୍ଟ ଥାନା କନେଷ୍ଟବଳ ଭାବେ ଡିଜି ପୁରସ୍କୃତ କରିଛନ୍ତି । ଏହି ପୁରସ୍କାର ପାଇବା ପରେ ଶ୍ରୀ ତ୍ରିପାଠୀ ଡିଜି ଶ୍ରୀ ଖୁରାନିଆ,ଯାଜପୁର ଏସପି ଶ୍ରୀ ଯଶପ୍ରତାପ ଶ୍ରୀମଲ ଓ ଥାନା ଅଧିକାରୀ ଶ୍ରୀ ଉପେନ୍ଦ୍ର କୁମାର ପ୍ରଧାନ'ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଏହି ପୁରସ୍କାର ମୋତେ ଆହୁରୀ ଶୃଙ୍ଖଳତାର ସହିତ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ସହ ପ୍ରେରଣା ଦାୟକ ହେବ ବୋଲି କହିଛନ୍ତି।

---

## କଂସଦେବ ସାହୁ କନ୍ଧମାଳ ସାଂସଦଙ୍କ ଫିରିଙ୍ଗିଆ ବ୍ଲକ ଶିକ୍ଷା ପ୍ରତିନିଧି



**କନ୍ଧମାଳ,୧୪(ସଂଚାର ବ୍ୟୁରୋ):** କନ୍ଧମାଳ ସଂସଦୀୟ କ୍ଷେତ୍ର ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଫିରିଙ୍ଗିଆ ବ୍ଲକର ସାଂସଦଙ୍କ ଶିକ୍ଷା ବିଭାଗ ପ୍ରତିନିଧି ଭାବରେ ନିଯୁକ୍ତି ପାଇଛନ୍ତି ଫିରିଙ୍ଗିଆର ବରିଷ୍ଠ ବିଜେପି ନେତା କଂସଦେବ ସାହୁ । ତେବେ ବିଧିବଦ୍ଧ ଭାବରେ ଏହି ପଦବୀ ସାଂସଦଙ୍କ କାର୍ଯ୍ୟାଳୟ ତରଫରୁ ଘୋଷଣା କରାଯିବା ପରେ ଅଞ୍ଚଳରେ ବିଜେପି ନେତା ଓ କର୍ମୀ ମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିବା ବେଳେ କଂସଦେବ ସାହୁଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି । ତେବେ ବିଳମ୍ବରେ ହେଲେବି ଏହି ଫିରିଙ୍ଗିଆ ଅଞ୍ଚଳରେ ଶିକ୍ଷାର ମନବୃଦ୍ଧି ବିଦ୍ୟାଳୟ ମାନଙ୍କର ଭିତ୍ତିଭୂମିର ବିକାଶ ଓ ଶିକ୍ଷା ନୀତିରେ ସୁଧାର ଆଣିବା ପାଇଁ ମାନ୍ୟବର କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଚେଷ୍ଟା ଜାରି ରଖିଥିବା ବେଳେ ସ୍ୱତନ୍ତ୍ର ଭାବରେ କେବଳ ଶିକ୍ଷା ପାଇଁ ଜଣେ ପ୍ରତିନିଧିଙ୍କୁ ନିଯୁକ୍ତି ଦେବା ପ୍ରୟାସକୁ ସାଧାରଣରେ ସ୍ୱାଗତ କରାଯାଇଛି । ତେବେ ବରିଷ୍ଠ ବିଜେପି ନେତା କଂସଦେବ ସାହୁଙ୍କ ଘର ଫିରିଙ୍ଗିଆ ସହରରେ ହୋଇଥିବା ବେଳେ ତାଙ୍କ ଧର୍ମପତ୍ନୀ ମଞ୍ଜୁଲତା ସାହୁ ମଧ୍ୟ ଜଣେ ବିଜେପିର ଜଣେ ଦକ୍ଷ ନାରୀନେତ୍ରୀ ।

## ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର




**ଯୋଡା,୧୪(ସଂଚାର ବ୍ୟୁରୋ):** ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍, କରାଖେଣ୍ଡା ଷ୍ଟିଲ ପ୍ଲାଣ୍ଟ ତରଫରୁ କରାଖେଣ୍ଡା ଗ୍ରାମ ପଂଚାୟତ ଅଫିସ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ କରାଖେଣ୍ଡା ଏବଂ ଆଖ ପାଖ ଗ୍ରାମରୁ ପ୍ରାୟ ତିନି ଶହରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଭାଗର ଡାକ୍ତରୀ ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବିଭାଗର ଚାରି ଜଣ ବିଶେଷଜ୍ଞ ଡାକ୍ତର ରୋହନ ହେମ୍ବ୍ରମ, ଡାକ୍ତର ଶ୍ରୀକାନ୍ତ କୁମାର ରଥ, ଡାକ୍ତର ତାରିଣୀ ପ୍ରସାଦ ସାହୁ, ଡାକ୍ତର ଦେବାଶିଷ ଭଞ୍ଜ ଏବଂ ପାରାମେଡିକାଲ କର୍ମଚାରୀ ମାନଙ୍କ ଦ୍ୱାରା ଏହି ଶିବିରରେ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟା ଯାଇଥିଲା।

---



## କଟକରେ ଓଡ଼ିଶା ଦିବସ ପାଳିତ

**କଟକ,୧୪(ସଂଚାର ବ୍ୟୁରୋ):** ପବିତ୍ର ଉତ୍କଳ ଦିବସ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି। ୯୦ତମ ଉତ୍କଳ ଦିବସ ଅବସରରେ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ନେତୃତ୍ୱରେ ଉତ୍କଳ ଗୌରବ ମଧୁସୂଦନଙ୍କ ଗୋରାକବରସ୍ଥ ସମାଧିପୀଠ ଠାରେ ପ୍ରାରମ୍ଭରେ ମାଲ୍ୟାର୍ପଣ ପରେ କଟକରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ସର୍ବଶ୍ରୀ ରବୀନ୍ଦ୍ରନାଥ ପଣ୍ଡା, ମାଧବ ମିଶ୍ର, ସମରେନ୍ଦ୍ର ଘୋଷ, ଶରତ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରରେ ଓଡ଼ିଶା ଦିବସ



**ଯାଜପୁର,୧୪(ସଂଚାର ବ୍ୟୁରୋ):** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର ଆନୁକୂଲ୍ୟରେ ବିଶ୍ୱମ୍ଭର ମିଶ୍ରଙ୍କ ଅଧକ୍ଷତାରେ ଉତ୍କଳ ଦିବସ ପାଳନ କରାଯାଇଛି। ପ୍ରଥମେ ଉତ୍କଳର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯିବା ପରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ବକ୍ତାମାନେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳ ମଣୀ ଗୋପବନ୍ଧୁ ଦାସ ଓ ଅନ୍ୟ ତୁଙ୍ଗ ନେତୃତ୍ୱ ଯେଉଁମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅଂଶଗ୍ରହଣ କରିଥିଲେ ତାଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ଆଲୋଚନା ଚକ୍ରରେ ଉପସଭାପତି ଗଦାଧର ରାଉତ, ଶରତ ଚନ୍ଦ୍ର ମହରଣା, ଧନଞ୍ଜୟକେଶରୀ ରାଉତରାୟ, ଭରତ କୁମାର ସାହୁ, ନିରୂପମା ମହାନ୍ତି, ନରେନ୍ଦ୍ର କୁମାର ଦାସ, ରବି ଶତପଥୀ, ଯୁଗ୍ମସମ୍ପାଦକ ରଜତ କୁମାର ମହାନ୍ତି, ଯୁଗ୍ମସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ରାମକୃଷ୍ଣ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ଲା ବିଜେଡି ପକ୍ଷରୁ ଓଡ଼ିଶା ଦିବସ



**ନର୍ଲା,୧୪(ସଂଚାର ବ୍ୟୁରୋ):** ନର୍ଲା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ରୁପ୍ରାରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଉତ୍କଳର ବରପୁତ୍ରମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ପୂର୍ବତନ ବ୍ଲକ ଅଧକ୍ଷ ନିଳମଣି ସାହୁ ମଞ୍ଚାସୀନ ଥିଲେ। ଯୁବ ନେତା ସରୋଜ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଗୋବିନ୍ଦ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକ ଓ ପଞ୍ଚାୟତ ଅଞ୍ଚଳର ବିଜେଡ଼ି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ




**ଖଲ୍ଲିକୋଟ,୧୪(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପ୍ରାତଃ ୮ ଘଣ୍ଟା ବେଳେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସୁଶ୍ରୀ ଶାନ୍ତି ସୁଧା ପାତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମହାରାଜ ହରିହର ମର୍ଦ୍ଦରାଜ ଓ ମହାରାଜ ରାମଚନ୍ଦ୍ର ମାର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯୁଗଜନ୍ମା ମାନଙ୍କ ସ୍ମୃତିଚାରଣ କରିଥିଲେ ଏହି କାର୍ଯ୍ୟକ୍ରମ ଅବସରରେ ବିଶ୍ୱବିଦ୍ୟାଳୟ ବହୁ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ

**ବୈଶିଙ୍ଗା,୧୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଓଡିଶା ଦିବସ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ଝାନସୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଓଡିଶାର ବରପୁତ୍ରମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆମ "ଉତ୍କଳୀୟ ସଂସ୍କୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ " ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

---

### ପର୍ଯ୍ୟଟନସ୍ଥଳୀର ମାନ୍ୟତାରେ ସୀମିତ

## ଡଗରା-ଚଉମୁଖ ବେଳାଭୂମି

**ବାଲିଆପାଳ,୧୪(ସଂଚାର ବ୍ୟୁରୋ):** ଭାରତର ସବୁଠାରୁ ବିସ୍ତିର୍ଣ ସମତଳ ବେଳାଭୂମି କହିଲେ ଡଗରା -ଚଉମୁଖ ବେଳାଭୂମିକୁ ବୁଝାଏ। କିନ୍ତୁ ତାହା ଆଜି ଅବହେଳିତ କ୍ଷଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ୧୯୯୮ ମସିହାରେ ଡଗରା ଓ



ଚଉମୁଖ ବେଳାଭୂମି କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ସେଠାରେ କୌଣସି ବିକାଶର ନାଁ ଗନ୍ଧ ନାହିଁ। ଦୀର୍ଘ ୨୭ ବର୍ଷ ଧରି ଏହା ଶୀତଳଭଣ୍ଡାରରେ ପଡ଼ିରହିଛି। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ସରକାର ଦୀଘାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ତାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ଓଡିଶା ସରକାର ଡଗରା ଓ ଚଉମୁଖକୁ ଗୁରୁତ୍ୱ ନ ଦେଇ ଅବହେଳା କରୁଥିବାର ଅଭିଯୋଗ ହୋଇଆସୁଛି।

ଏହି ପର୍ଯ୍ୟଟନ ସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନାଲି କଙ୍କଡା, ନୀଳ ରକ୍ତ କଙ୍କଡା ପର୍ଯ୍ୟଟକଙ୍କ ମନ ମୋହିଥାଏ କ୍ଷବିସ୍ତିର୍ଣ ଝାଉଁ ବଣ ସାଙ୍ଗକୁ ସମତଳ ବାଲୁକା ଶଯ୍ୟା ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ପ୍ରକୃତିର ଏତେ ବଡ଼ ଦାନ ପାଇବି ଡଗରା-ଚଉମୁଖ ବେଳାଭୂମିକୁ କୁ କାହିଁକି ଅବହେଳା କରାଯାଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ସରକାର ଯଦି ବିଶେଷ ଗୁରୁତ୍ୱ ଦେଇ ଏହାର ବିକାଶ ଦିଗରେ ଚିନ୍ତା କରନ୍ତେ ତାହେଲେ ଏଠାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଯୁବକ ଯୁବତୀ ତଥା ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

# ପଡ଼ୋଶୀ ରାଜ୍ୟରେ ବି ଓଡ଼ିଆ ଭାଷା ଓ ସଂସ୍କୃତିର ଛାପ

**କଳାହାଣ୍ଡି,୧୪(ସଂଚାର ବ୍ୟୁରୋ):** ଓଡ଼ିଶାରେ ଉତ୍କଳ ଦିବସ ପାଳନ ହେଉଥିବାବେଳେ ପଡ଼ିଶାରେ ବି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଛାପ ଦେଖିବାକୁ ମିଳିଛି। ଘର ଛତିଶଗଡ଼ରେ ହେଲେ ବି ଭାଷା, ପରମ୍ପରା, ସଂସ୍କୃତି, ଚାଲିଚଳଣି ସବୁ ଓଡ଼ିଆ। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସୀମାନ୍ତରେ ଅବସ୍ଥିତ ଛତିଶଗଡ଼ର ଦେଭୋଗ ବ୍ଲକରେ ଓଡ଼ିଆ ସଂସ୍କୃତି, ପରମ୍ପରା ଆଜି ବି ଅତୁଟ ।

୧୯୩୬ ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ତା' ପୂର୍ବରୁ ଅନେକ ଭାଷା ଭାଷୀ ସହିତ ବିଭିନ୍ନ ଅଞ୍ଚଳ ମିଶିକି ରହିଥିଲା। ହେଲେ ଏବେ ରାଜ୍ୟ ବିଭାଜନ ପରେ ମଧ୍ୟ ଛତିଶଗଡ଼ର ଏହି ଅଞ୍ଚଳରେ ଓଡ଼ିଆ ପରମ୍ପରା, ସଂସ୍କୃତି ବର୍ତ୍ତମାନ ସୁଦ୍ଧା ବଞ୍ଚି ରହିଛି। ସେତେବେଳେ ମଧ୍ୟପ୍ରଦେଶ ରାଜ୍ୟରେ ଛତିଶଗଡ଼ ମିଶିକି ଥିଲା। ପରେ ବିଭାଜନ ହୋଇ ଛତିଶଗଡ଼ ନୂତନ ରାଜ୍ୟର ମାନ୍ୟତା ପାଇଥିଲା। ଏଠାରେ ବସବାସ କରୁଥିବା ଲୋକେ ଓଡ଼ିଆରେ କଥାବାର୍ତ୍ତା ହେବା




ସହିତ ପୂଜାପାଠ ପର୍ବପର୍ବାଣୀ ଓଡ଼ିଶା ପରମ୍ପରା ଅନୁଯାୟୀ କରିଥାନ୍ତି । ଓଡ଼ିଆଙ୍କ ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ଯେଭଳି ଓଡ଼ିଆ ପରମ୍ପରା ଅନୁଯାୟୀ ରଥଯାତ୍ରା ହୋଇଥାଏ। ସେହିଭଳି ଛତିଶଗଡ଼ରେ ମଧ୍ୟ ରଥ ଟଣା ହୋଇଥାଏ। ବାହୁଡ଼ା ଯାତ୍ରା ହୋଇ ମହାପ୍ରଭୁଙ୍କୁ ମାଉସୀ ମା' ମନ୍ଦିରକୁ ଅଣାଯାଇଥାଏ।

ଛତିଶଗଡ଼ର ଏହି ବ୍ଲକଟି କଳାହାଣ୍ଡି ଜିଲ୍ଲାର ଧର୍ମଗଡ ବ୍ଲକ ଧର୍ମଗଡ଼ ଓ ନବରଙ୍ଗପୁର ଜିଲ୍ଲାର ଚାନ୍ଦାହାଣ୍ଡି ବ୍ଲକ ସୀମାନ୍ତକୁ ଲାଗିଛି। ଛତିଶଗଡ଼ର ଦେଭୋଗ ବ୍ଲକ ଅଞ୍ଚଳରୁ ଉତ୍ତମ ବାସନା ଚାଉଳ ଉତ୍ପାଦନ ହୋଇଥାଏ। ଓଡ଼ିଶା ବିଭାଜନ ପୂର୍ବରୁ ଏହି ଅଞ୍ଚଳଟି ମିଶିକି ରହିଥିଲା। ସେତେବେଳେ ଏହି ଅଞ୍ଚଳରୁ ଚାଉଳ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଭୋଗ ପାଇଁ ଯାଉଥିଲା। ସେଥିପାଇଁ ଏହି ବ୍ଲକର ନାମ ଦେଭୋଗ ନାମରେ ନାମିତ ହୋଇଛି।

ଛତିଶଗଡ ରାଜ୍ୟର ଦେଭୋଗ ଅଞ୍ଚଳର ପ୍ରାୟତଃ ୯୦ ପ୍ରତିଶତ ଲୋକ ଓଡ଼ିଆ ଭାଷା ଉପରେ ନିର୍ଭର କରନ୍ତି। ତାଙ୍କର ବେଶ ଭୂଷା ମଧ୍ୟ ଓଡ଼ିଆ ଚାଲିଚଳଣି ଭଳି। ଓଡିଆଙ୍କ ପରି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ, ଦଶହରା, ଲକ୍ଷ୍ମୀପୂଜା, ମାଣବସା ଗୁରୁବାର ବ୍ରତ ସମେତ ଅନେକ ଧାର୍ମିକ ପୂଜାପାଠ ଓଡ଼ିଆ ପରମ୍ପରା ଅନୁଯାୟୀ ହୋଇଥାଏ। ଏବେବି ରାୟପୁରରେ ଉତ୍କଳ ପାଠଶାଳା ରହିଛି। ଛତିଶଗଡ଼ର ଉତ୍କଳ ସମାଜ ତରଫରୁ ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଚେଷ୍ଟା ଜାରି ରହିଛି। ଛତିଶଗଡ଼ ରାଜ୍ୟର ରାୟପୁର ସହରରେ ଅନେକ ଓଡ଼ିଆ ବସବାସ କରି ସେଠାରେ ଗୁଜୁରାଣ ମେଣ୍ଟାଉଛନ୍ତି। ଏମାନେ ବାଧ୍ୟହୋଇ ସେଠାରେ ହିନ୍ଦୀ ଭାଷାରେ ପାଠ ପଢ଼ିବା ସହ କଥା ବାର୍ତ୍ତା କରିଥାନ୍ତି। ତେଣୁ ସରକାର ପଦକ୍ଷେପ ନେଇ ସମାଧାନ କରିବାର ପନ୍ଥା ଅବଲମ୍ବନ କଲେ ଓଡ଼ିଆମାନେ ବିଶେଷ ଉପକୃତ ହେବେ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

ସଂଚାର SANCHAR ବୁଧବାର ୨ ଏପ୍ରିଲ ୨୦୨୫

# ସିନେମା





## 'ଲଢ଼େଇ'ର ସୁଟିଂ ଶେଷ

ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ଲଢ଼େଇ'ର ସୁଟିଂ ଶେଷ ହୋଇଛି। ଏହାର ଅଧିକାଂଶ ସୁଟିଂ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରଠାରେ କରାଯାଇଛି। ଏହି ସିନେମା ଜରିଆରେ ଓଲିଉଡ୍‌ରେ ନୂଆ ନାୟକ ଲୋହିତାକ୍ଷ ପଟ୍ଟନାୟକ ଓ ନବାଗତା ନାୟିକା ଅଭିଲିପ୍ସାଙ୍କ ଆଗମନ ଘଟିଛି।

ଲୋହିତାକ୍ଷ ୨୦୦୮ରେ ମୁକ୍ତିଲାଭ କରିଥିବା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଡ୍ରିମ୍ ଗାର୍ଲ'ରେ ପ୍ରଥମେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ଏହାପରେ ତାଙ୍କୁ ୧୪ଟି ଓଡ଼ିଆ ଛବିରେ ଶିଶୁ କଳାକାର ଭାବେ ଦେଖିବାକୁ ମିଳିଥିଲା। ଲୋହିତାକ୍ଷ-ଅଭିଲିପ୍ସାଙ୍କ ବ୍ୟତୀତ ଏଥିରେ ବିଭାସ, କେ କେ ଓ ଉଦିତ ଗୁରୁ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଭରଦ୍ୱାଜ ପଣ୍ଡା 'ଲଢ଼େଇ'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏଣେ ପ୍ରଖ୍ୟାତ ବଲିଉଡ୍ ଅଭିନେତା ଆଶିଷ ବିଦ୍ୟାର୍ଥୀ 'ଲଢ଼େଇ'ର ନାୟକ ଲୋହିତାକ୍ଷ ପଟ୍ଟନାୟକଙ୍କୁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।

## ଧୀରେନ୍‌ଙ୍କ ଦୁଇଟି ପ୍ରେମ!



**ନୂଆ ନାୟକ ଧୀରେନ୍‌ଙ୍କ ଅଭିନୀତ ଦୁଇଟି ଛବି ଏବେ ମୁକ୍ତିଲାଭ ଅପେକ୍ଷାରେ ରହିଛି। କୌତୂହଳର ବିଷୟ ହେଲା, ଦୁଇଟିଯାକ ଛବିର ଶୀର୍ଷକରେ ରହିଛି ପ୍ରେମ ଶବ୍ଦ।**

ଜଣାଶୁଣା ନାୟକ ଧୀରେନ୍‌ଙ୍କ ଅଭିନୀତ ଆଉ ଦୁଇଟି ଛବି ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଆଉ କୌତୂହଳର ବିଷୟ ହେଲା, ଦୁଇଟିଯାକ ଛବିର ଶୀର୍ଷକରେ ପ୍ରେମ ଶବ୍ଦ ରହିଛି। ତାଙ୍କ ଅଭିନୀତ 'ବଦମାସିଆ ପ୍ରେମ' ଓ 'କେମିତି ଏ ପ୍ରେମ' ଖୁବ୍ ଶୀଘ୍ର ପରଦାକୁ ଆସିବ ବୋଲି ଜଣାପଡ଼ିଛି। 'ବଦମାସିଆ ପ୍ରେମ'ରେ ଟେଲିଜଗତର ସଫଳ ଚେହେରା ହିରଣ୍ମୟୀ ନାୟିକା ଭୂମିକାରେ ଥିବା ବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ସୋମୁ, ଚୌଧୁରୀ ଜୟପ୍ରକାଶ ଦାସ, ଦେବୁ ବ୍ରହ୍ମା, ଇଲୁ ବାନାର୍ଜୀ, ରବି ମିଶ୍ର, ଲଲାଟ ଓ ପ୍ରତିଭା ପଣ୍ଡା ଅଭିନୟ କରିଛନ୍ତି। ଡ୍ରିମ୍ ମିଡିଆ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଛବିର ପ୍ରଯୋଜକ ଓ ନିର୍ଦ୍ଦେଶକ ହେଲେ ନିରଞ୍ଜନ ବେହେରା। ସେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ବି ରଚନା କରିଛନ୍ତି। ଡକ୍ଟର ନିର୍ମଳ ନାୟକ ଗୀତ ରଚନା କରିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମ୍‌ଦାର।

'କେମିତି ଏ ପ୍ରେମ'ରେ ଧୀରେନ୍‌ଙ୍କ ସହ ରାକେଶ, ପ୍ରିୟଙ୍କା ସାହୁ, ରମେଶ ନାୟକ, ମିତା ଚକ୍ରବର୍ତ୍ତୀ, ପ୍ରିୟଙ୍କା ପାଣିଗ୍ରାହୀ ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି।

ମା' ଧନଲକ୍ଷ୍ମୀ ପ୍ରଡକ୍‌ସନ୍‌ସ ବ୍ୟାନର୍‌ରେ ନିର୍ମିତ ଏହି ଛବିର ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର। ଆଶୁତୋଷ ବାରିକ ଏହାର ସଂଳାପକାର। ଧୀରେନ୍ କହନ୍ତି, ''ସାଂପ୍ରତିକ ଘଟଣା ଉପରେ 'ବଦମାସିଆ ପ୍ରେମ'ର କାହାଣୀ ଆଧାରିତ। କିନ୍ତୁ 'କେମିତି ଏ ପ୍ରେମ'ରେ ପ୍ରେମ, ପ୍ରଣୟ, ପ୍ରତିଶୋଧ ଓ ସସ୍‌ପେନ୍‌ସ ରହିଛି। ଉଭୟ ସିନେମାରେ ମୋର ଚରିତ୍ର ଭିନ୍ନ ଏବଂ ଦୁଇଟିଯାକରେ ଦର୍ଶକ ମୋତେ ପସନ୍ଦ କରିବେ ବୋଲି ମୁଁ ଆଶାବାଦୀ।'' ଅଜୟ ରଥଙ୍କ ନିର୍ଦ୍ଦେଶିତ 'ଆଇଆଇସି ଧୀରେନ୍'ରେ ସେ ନାୟକ ଭାବେ ପ୍ରଥମେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ।

## ବିବାହ ପ୍ରସ୍ତାବ ମିଳିନି !



ବଲିଉଡ୍‌ର ବଛା ବଛା ସୁନ୍ଦରୀଙ୍କ ମଧ୍ୟରୁ ଜରିନ୍ ଖାନ୍ ଅନ୍ୟତମ। ସେ ତାଙ୍କର ସୌନ୍ଦର୍ଯ୍ୟ ପାଇଁ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାନ୍ତି। କେବଳ ସେତିକି ନୁହେଁ, ଆହୁରି ଅନେକ ଘଟଣା ଜରିନ୍‌ଙ୍କୁ ବିଭିନ୍ନ ସମୟରେ ଚର୍ଚ୍ଚିତ କରିଛି। ଯଦିଓ ଅତୀତରେ ଜରିନ୍‌ଙ୍କ ନାମ ଅନେକ ଅଭିନେତା ଓ ବ୍ୟବସାୟୀଙ୍କ ସହ ଯୋଡ଼ା ଯାଇଛି, ମାତ୍ର କାହା ସହିତ ସଂପର୍କରେ ଥିବା କଥା ସେ କେବେ ବି ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହାନ୍ତି। ଜରିନ୍ ସର୍ବଦା ତାଙ୍କ ବ୍ୟକ୍ତିଗତ ଜୀବନକୁ ଗୋପନୀୟ ରଖିଆସିଛନ୍ତି।

୨୦୨୧ ମସିହାରେ ଜରିନ୍ 'ବିଗ୍ ବସ୍' ଫେମ୍ ଶିବାଶିଷ ମିଶ୍ରଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହୋଇଥିଲା। ମାତ୍ର ୨୦୨୩ ଆରମ୍ଭ ବେଳକୁ ଦୁଇ ଜଣଙ୍କର ବ୍ରେକ୍-ଅପ୍ ହୋଇ ଯାଇଥିବା ଖବର ଆସିଥିଲା। ନିକଟରେ ଯେତେବେଳେ ତାଙ୍କୁ ବିବାହ ସଂପର୍କରେ ପ୍ରଶ୍ନ ପଚରାଗଲା ତ ସେ ଆଶ୍ଚର୍ଯ୍ୟ କରିବା ପରି ଉତ୍ତର ଦେଲେ। ଜରିନ୍ କହିଛନ୍ତି କି ଏ ପର୍ଯ୍ୟନ୍ତ ସେ ତାଙ୍କ ଜୀବନର ପ୍ରକୃତ ପ୍ରେମକୁ ଖୋଜୁଛନ୍ତି। ଏଯାଏ ତାଙ୍କୁ କେହି ବି ମୁହଁ ଖୋଲି ବିବାହ ପାଇଁ ପ୍ରସ୍ତାବ ଦେଇନାହାନ୍ତି। ତାଙ୍କ ବାପାମାଆ ତାଙ୍କ ପାଇଁ ପିଲା ଖୋଜୁଛନ୍ତି ବୋଲି ଭାରତୀ ସିଂହ ଓ ହର୍ଷ ଲିମ୍ବାଚିଆଙ୍କ ପୋଡ୍‌କାଷ୍ଟରେ ଜରିନ୍ କହିଛନ୍ତି। ଏହାଛଡ଼ା ବିବାହ ପାଇଁ ସେ ବିଶେଷ ଆଗ୍ରହୀ ନୁହନ୍ତି ବୋଲି ମଧ୍ୟ କହିଛନ୍ତି ଜରିନ୍। ଆଜିକାଲି ଯେଉଁଭଳି ଭାବେ ବୈବାହିକ ସଂପର୍କରେ ତିକ୍ତତା ଦେଖାଯାଉଛି, ତାହାକୁ ନେଇ ସେ ବେଶ୍ ଭୟଭୀତ।

## ଏପ୍ରିଲ ୧୯ରୁ 'ରଜ କୁଇନ୍'ର ପ୍ରସାରଣ



ଜୀସାର୍ଥକର ଲୋକପ୍ରିୟ ରିୟାଲିଟି ସୋ' 'ରଜ କୁଇନ୍'ର ଅଡିସନ୍ ବିଭିନ୍ନ ସ୍ଥାନରେ ଜାରି ରହିଛି। ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖିଥିବା ପ୍ରତିଭାବାନ୍ ତରୁଣୀଙ୍କ ପାଇଁ ପୁଣି ସୁଯୋଗ ଆଣିଛି ଏହି ରିଆଲିଟି ସୋ'। ବିଗତ ୧୩ ବର୍ଷ ଧରି ଏହି ସୋ' ଇଣ୍ଡଷ୍ଟ୍ରିକୁ ଅନେକ ପ୍ରତିଭାବାନ ଅଭିନେତ୍ରୀ ଦେଇ ସାରିଛି। ତେବେ ଚଳିତ ବର୍ଷ ମଧ୍ୟ ବଡ଼ ଧୁମଧାମ୍‌ରେ ଓଡ଼ିଶାର ସମସ୍ତ ବଡ଼ ସହରରେ 'ରଜ କୁଇନ୍'ର ଅଡିସନ୍ ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇଛି। ଇତିମଧ୍ୟରେ ଜଗତ୍‌ସିଂହପୁର ଓ ଯାଜପୁରରେ ଅଡିସନ୍ ଶେଷ ହୋଇଛି। ମାର୍ଚ୍ଚ ୨୨ରେ ଢେଙ୍କାନାଳ ଓ ପୁରୀ, ମାର୍ଚ୍ଚ ୨୩ରେ ଭୁବନେଶ୍ୱର, ମାର୍ଚ୍ଚ ୨୯ରେ ବାଲେଶ୍ୱର ଓ କେନ୍ଦୁଝର, ମାର୍ଚ୍ଚ ୩୦ରେ ରାଉରକେଲା ଓ ଭଦ୍ରକ, ଏପ୍ରିଲ ୧ରେ ଅନୁଗୁଳ ଓ ଏପ୍ରିଲ ୬ ତାରିଖରେ କଟକ ସହରରେ ଅଡିସନ୍ ଅନୁଷ୍ଠିତ ହେବ। ୧୫ରୁ ୨୫ ବର୍ଷ ମଧ୍ୟରେ ଆଶାୟୀ ପ୍ରାର୍ଥୀ 'ରଜ କୁଇନ୍'ରେ ଅଂଶଗ୍ରହଣ କରୁଛନ୍ତି। ଏପ୍ରିଲ ୧୯ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ ମିନିଟରେ ଜୀ ସାର୍ଥକରେ ଏହା ପ୍ରସାରିତ ହେବ।



## ପୋଷ୍ଟ ପ୍ରଡକସନ୍‌ରେ 'ଡଷ୍ଟବିନ୍'

ନୂଆ ଓଡ଼ିଆ ଛବି 'ଡଷ୍ଟବିନ୍' ଜରିଆରେ ଅଭିନେତାରୁ ନିର୍ଦ୍ଦେଶକ ବନିଛନ୍ତି ପପୁ ପମପମ୍। ସେ ଏହାର କାହାଣୀ ଓ ଚିତ୍ରନାଟ୍ୟ ରଚନା ସହ ସ୍ୱର ସଂଯୋଜନା ଦାୟିତ୍ୱ ବି ତୁଲାଇଛନ୍ତି। ଇତିମଧ୍ୟରେ ଏହି ସିନେମାର ପୋଷ୍ଟ ପ୍ରଡକସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। 'ଡଷ୍ଟବିନ୍'ରେ ପୁଣି ଥରେ ନାୟକ ଭୂମିକାରେ ନଜର ଆସିବେ ପପୁ ଏବଂ ଏଥିରେ ତାଙ୍କର ନାୟିକା ହେଉଛନ୍ତି ନବାଗତା ପ୍ରାଚୀ। ଏହାଛଡ଼ା ଏଥିରେ ସୁକୁମାର ଟୁଡୁ, ଦୀପନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ୍ ଓ ମନୋଜ ସ୍ୱାଇଁ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରେମ କାହାଣୀ ହୋଇଥିଲେ ବି 'ଡଷ୍ଟବିନ୍'ରେ ଲଭ୍, ରୋମାନ୍ସ, ଆକ୍ସନ୍, ଇମୋସନ୍ ଓ ସସ୍‌ପେନ୍ସ ଭରପୂର ମାତ୍ରାରେ ରହିଛି। କେ. କେ. ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ଡକ୍ଟର ଦୀପକ ଜେନା ଫିଲ୍ମର ସଂଳାପକାର ହୋଇଥିବା ବେଳେ ସିନେମାଟୋଗ୍ରାଫି କରିଛନ୍ତି ଶୁଭମ୍।

## 'ସ୍ୱୟମ୍ବର' ବନାମ 'ଅଜବ ଏ ପ୍ରେମ କାହାଣୀ'

**ଆସନ୍ତାକାଲି ଦୁଇ ଭିନ୍ନ ଭିନ୍ନ ଚ୍ୟାନେଲରେ ପ୍ରଦର୍ଶିତ ହେବାକୁ ଯାଉଛି ଦୁଇଟି ଟେଲି ସିନେମା। ଉଭୟର ଲେଖକ ଜଣେ, ହେଲେ ନିର୍ଦ୍ଦେଶକ ଓ କଳାକାର ଅଲଗା।**

ଏକା ତାରିଖ, ସମାନ ସମୟରେ ଦୁଇଟି ନୂଆ ଟେଲିସିନେମା ଦୁଇଟି ଭିନ୍ନ ଚ୍ୟାନେଲରେ ପ୍ରଦର୍ଶିତ ହେବ। ମାର୍ଚ୍ଚ ୩୦ ତାରିଖ ସଂଧ୍ୟା ୬ଟାରେ ତରଙ୍ଗରେ 'ସ୍ୱୟମ୍ବର' ଏବଂ ଜୀ ସାର୍ଥକରେ 'ଅଜବ ଏ ପ୍ରେମ କାହାଣୀ'ର ୱାର୍ଲ୍ଡ଼ ପ୍ରିମିୟର ହୋଇଯାଇଛି। ଆଉ ଘଟଣାଚକ୍ରରେ ଦୁଇଟିଯାକ ଛବିର ଲେଖକ ବି ଜଣେ। ସେ ହେଲେ ସିନେମା ଓ ଟେଲିଜଗତର ଜଣାଶୁଣା ଲେଖକ ପ୍ରିୟବ୍ରତ ପଣ୍ଡା। ସେ ଉପରୋକ୍ତ ଦୁଇ ଟେଲି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି।

'ସ୍ୱୟମ୍ବର'ରେ ଓଲିଉଡ୍‌ର ଜଣାଶୁଣା ନାୟିକା ଦେବଯାନୀ ପ୍ରଥମ ଥର ଲାଗି ଟେଲି ସିନେମାରେ ଅଭିନୟ କରୁଥିବା ବେଳେ ଜୀ ସାର୍ଥକର ମେଗା ଧାରାବାହିକ 'ମଧୁର ସଂସାର' ଫେମ୍ ନାୟିକା ଭକ୍ତି ପଟ୍ଟନାୟକ 'ଅଜବ ଏ ପ୍ରେମ କାହାଣୀ' ଜରିଆରେ ଟେଲି ସିନେମାରେ ପଦାର୍ପଣ କରିଛନ୍ତି।

'ସ୍ୱୟମ୍ବର'ରେ ସ୍ୱୟଂସ୍ୱରୂପ ଦେବଯାନୀଙ୍କର ନାୟକ ଭୂମିକାରେ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓ କାଜଲ୍ ମହାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ମୃତ୍ୟୁଞ୍ଜୟ ସାହୁ ଏହି ଟେଲି ସିନେମାର ନିର୍ଦ୍ଦେଶକ। ଏଣେ 'ଅଜବ ଏ ପ୍ରେମ କାହାଣୀ'ରେ ଭକ୍ତିଙ୍କ ବିପକ୍ଷରେ ଶ୍ରୀଜିତ୍ ମହାପାତ୍ର ନାୟକ ଭୂମିକାରେ ନଜର ଆସିବେ। ଏହାଛଡ଼ା ଦେବୁ ପଟ୍ଟନାୟକ, ରୁଷି ପଟ୍ଟନାୟକ, ମୋନାଲିସା, ଜୟନ୍ତ ଓ ମାତୃଦତ୍ତ ପ୍ରମୁଖ ବି ଏଥିରେ ଅଭିନୟ କରିଛନ୍ତି। ରାସେଶ ମହାନ୍ତି ଏହାର ନିର୍ଦ୍ଦେଶକ।


ପ୍ରିୟବ୍ରତ ପଣ୍ଡା

ଉଭୟର କାହାଣୀରେ ଭିନ୍ନତା ରହିଛି। ତେବେ କାହାକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।




'ଅଜବ ଏ ପ୍ରେମ କାହାଣୀ'

## ବାର୍ ତରଫରୁ ଓଡ଼ିଶା ଦିବସ ପାଳିତ




**ଦଶପଲ୍ଲା,୧।୪(ସଂଚାର ବ୍ୟୁରୋ):** ଏପ୍ରିଲ ପହିଲା ଦିନ ଉତ୍କଳ ଦିବସ ପାଳନ ଅବସରରେ ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଶାନ୍ତ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲାବେଳେ ଏହି ଆଲୋଚନାଚକ୍ର କୁ ସଂଘର ସମ୍ପାଦକ ଶରତ ଚନ୍ଦ୍ର ବେହେରା ସଂଯୋଜନା କରିଥିବା ସହିତ ପ୍ରାରମ୍ଭିକ ସୂଚନା ଦେଇ ଉତ୍କଳ ଦିବସ ପାଳନ ତଥା ବୁଦ୍ଧିଜୀବୀ ମାନଙ୍କ ଭିତରେ ଏହାର ଗୌରବମୟ ଐତିହ୍ୟକୁ ମନେପକାଇ କଷ୍ଟଲବ୍ଧ ସ୍ୱତନ୍ତ୍ର ଉତ୍କଳର ଅଖଣ୍ଡତା ର ସୁରକ୍ଷା ପାଇଁ ସମସ୍ତେ ଅନ୍ତାଭିଡି ବାହାରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ଭିତରେ ବରିଷ୍ଠ ଆଇନଜୀବି ଗୌର ଚନ୍ଦ୍ର ମିଶ୍ର ବିଭେଦ କାରୀ ଶକ୍ତି ମାନଙ୍କ ପ୍ରତି ସତର୍କ ରହିବା ସହିତ ଓଡ଼ିଶାର ଅଖଣ୍ଡତା ତଥା ଓଡ଼ିଆଭାଷାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଆଇନଜୀବୀ କୃଷ୍ଣ ଚନ୍ଦ୍ର ଦାସ ଉତ୍କଳ ଦିବସର ଇତିହାସ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ବାରିକି ଉତ୍କଳ ସମ୍ମିଳନୀରେ ମଧୁବାବୁଙ୍କ ଆହ୍ୱାନ ଆଜିବି ଓଡ଼ିଆଯାତି ପାଇଁ ନିହାତି ଆବଶ୍ୟକ ବୋଲି କହିବା ସହିତ ତାଙ୍କ ରଚିତ କବିତା ଉଠରେ ଉଠରେ ଉତ୍କଳ ସନ୍ତାନ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ସମାଜସେବୀ ପ୍ରସନ୍ନ କୁମାର ପଣ୍ଡା, ପ୍ରଭାତ କୁମାର ସାହୁ, ଆଇନଜୀବୀ ମନୋରଞ୍ଜନ ମିଶ୍ର ଓ ବରିଷ୍ଠ ନାଗରିକ ରବୀନ୍ଦ୍ର କୁମାର ମିଶ୍ର ପ୍ରଭୃତି ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଏହି କାର୍ଯ୍ୟ କ୍ରମରେ ଆଇନଜୀବୀ ମାନଙ୍କ ସହିତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଭାଗନେଇଥିଲେ। ସଭା ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ର ସମସ୍ତେ ମାଲ୍ୟାର୍ପଣ କରିବା ସହିତ ବନ୍ଦେ ଉତ୍କଳ ଜନନୀ ଦଣ୍ଡାୟମାନ ପୂର୍ବକ ଗାନ କରିଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

**ସୁବର୍ଣ୍ଣପୁର,୧।୪(ସଂଚାର ବ୍ୟୁରୋ):** ସୋନପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟ ମଝିପଡ଼ା ଠାରେ ବାର୍ଷିକ ଉତ୍ସବ ପାଳନ କରଯାଇଛି। ମୁଖ୍ୟ ଅତିଥି ଭାବରେ ସୋନପୁର ସହ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ଭୋଇ ଯୋଗ ଦେଇ ଏହି ଉତ୍ସବ କୁ ଉଦଘାଟନ କରି ଧର୍ଯ୍ୟ ସମୟ ଉପଯୋଗ ଓ କଠିନ ପରିଶ୍ରମ ହିଁ ସଫଳତା ର ଚାବି କାଠି ବୋଲି ମତ ରଖି ଥିଲେ। ମୁଖ୍ୟ ବକ୍ତା ଭାବରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୁଦ୍ଧଦେବ ସା ଯୋଗ ଦେଇ ସମାଜ ରେ ବଡ଼ ମଣିଷ ଓ ପ୍ରତିଷ୍ଠିତ ବ୍ୟକ୍ତି ହେବାକୁ ସମସ୍ତେ ଚାହାଁନ୍ତି, ସ୍ୱପ୍ନ ଦେଖନ୍ତି କିନ୍ତୁ ଆମେ ଏଭଳି ଲକ୍ଷ୍ୟ ର ସ୍ୱପ୍ନ ଦେଖିବା ଯେଉଁ ସ୍ୱପ୍ନ କି ରାତି ଦିନ ଶୁଆଇ ଦିଏନି। ତାହେଲେ ଯାଇ ଆମେ ପ୍ରକୃତ ଲକ୍ଷ୍ୟ ସ୍ଥଳ ରେ ପହଞ୍ଚିବା ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ପୁରାତନ ଛାତ୍ର ତଥା ମହାରାଜା




ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ଆଶିଷ କୁମାର ରଥ ଯୋଗ ଦେଇ ୭୨ ବର୍ଷ ର ସର୍ବ ପୁରାତନ ସ୍କୁଲ୍ ର ପ୍ରତ୍ୟେକ କାର୍ଯ୍ୟ କଳାପ କୁ ସୋସିଆଲ ମିଡ଼ିଆ ରେ ବହୁଳ ପ୍ରଚାର ପ୍ରସାର କରିବାକୁ ପରାମର୍ଶ କରିଥିଲେ। ଅନ୍ୟତମ ଅତିଥି ଭାବରେ କାଉନସିଲର କଇରୁ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରୀପାଠୀ, ପରିଚାଳନା କମିଟି ସଦସ୍ୟ ୟାସିନ ମହମ୍ମଦ, ରଞ୍ଜିତ ସାହୁ, ସ୍କୁଲ୍ ପରିଚାଳନା କମିଟି ସଭାପତି ଶ୍ରୀମତୀ ସଂଯୁକ୍ତା ନାଏକ, ମଝିପଡ଼ା ଉପ୍ରକ୍ଷ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମିନାକ୍ଷୀ ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ବ୍ରତା ନନ୍ଦ ଭୋଇ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ସୁଜାତା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ରେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହାଇମାଷ୍ଟ ଲାଇଟ ଅଚଳ



**ହିଞ୍ଜିଳିକାଟୁ,୧।୪(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ସାମ୍ନାରେ ଥିବା ହାଇମାଷ୍ଟ ଲାଇଟ ଗତ କିଛି ଦିନ ଅଚଳ ଅବସ୍ଥାରେ ପଡ଼ିରହିଛି। ଉକ୍ତ ରାସ୍ତା ଦେଇ ସଦାସର୍ବଦା ବିଭିନ୍ନ ଯାନବାହାନ ଚଳାଚଳ କରିଥାଏ। ପାଖରେ ବସଷ୍ଟାଣ୍ଡ ରହିଥିବା ବେଳେ ଅନେକ ଯାତ୍ରୀ ଦୁର ସ୍ଥାନକୁ ଯିବା ପାଇଁ ରାତ୍ରୀ ପର୍ଯ୍ୟନ୍ତ ବସ କୁ ଅପେକ୍ଷା କରିଥାନ୍ତି। ତେବେ ରାତି ୧୦ ଟା ପରେ ବସଷ୍ଟାଣ୍ଡ ପରିସରରେ ଲାଗିଥିବା ସମସ୍ତ ଲାଇଟ ବନ୍ଦ ହୋଇଯାଉଥିବା ବେଳେ ବସଷ୍ଟାଣ୍ଡ ପରିସର ଅନ୍ଧାର ପାଲଟିଯାଏ ଓ ଏପଟେ ହାଇମାଷ୍ଟ ଲାଇଟ ଗତ କିଛି ଦିନ ଅଚଳ ଅବସ୍ଥାରେ ପଡ଼ିରହିଥିବା ବେଳେ ମୁଖ୍ୟରାସ୍ତା ଓ ବସଷ୍ଟାଣ୍ଡ ପରିସର ଅଧା ଅନ୍ଧାର ହୋଇଯାଇଥାଏ ଓ ଯାହା ଫଳରେ ରାତ୍ରି ପର୍ଯ୍ୟନ୍ତ ଗାଡିକୁ ଅପେକ୍ଷା କରୁଥିବା ଜନସାଧାରଣ ମାନେ ଅନ୍ଧାର ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ଓ ଏଥିପ୍ରତି ପ୍ରଶାସନକୁ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଜିଲ୍ଲାର ଦୁଇ ପଟୁ ମାଡ଼ି ଆସୁଛନ୍ତି ପଡ଼ୋଶୀ

# ସୀମାରେ ଛନ୍ଦି ହୋଇଛି ଓଡ଼ିଆ ଭାଷା

**କୋରାପୁଟ,୧।୪(ସଂଚାର ବ୍ୟୁରୋ):** ୮୯ ବର୍ଷରେ ପାଦ ଥାପିଲା ଓଡ଼ିଶା । ଦେଶର ପ୍ରଥମ ରାଜ୍ୟ ରୂପେ ଗଠନ ହୋଇଥିଲା ୧୯୩୬ ମସିହାରେ । ଓଡ଼ିଆର ଅନେକ ପରିଚୟ । ସ୍ଥାନ ଓ ଭାଷାକୁ ନେଇ ଆମେ ଗର୍ବିତ । ଏତେ ବାଟ ଗତି କଲା ପରେ ମଧ୍ୟ କିଛି କିଛି ସ୍ଥାନରେ ନିଜର ପରିଚୟ ଖୋଜୁଛି ଜଣେ ଓଡ଼ିଆ । ସୀମାନ୍ତରେ ଛନ୍ଦି ହୋଇ ପଡ଼ିଛି ଓଡ଼ିଆ ଭାଷା ଓ ଓଡ଼ିଆ ପୁଅ । ଭିନ୍ନତା ଭିତରେ ଏକତାର ପରିଚୟ ଓଡ଼ିଶା । ଅନେକ ଭାଷା ଓ ଅନେକ ଜାତିର ଲୋକ ଏ ମାଟିରେ ବସବାସ କରନ୍ତି । ଭାଷା ବହୁଳ ରାଜ୍ୟରେ କିଛି କିଛି ସ୍ଥାନରେ ପରିଚୟ ଖୋଜୁଛି ଓଡ଼ିଆ ଭାଷା । ସୀମାନ୍ତରେ ଓଡ଼ିଆ ଭାଷା ଛନ୍ଦି ହୋଇପଡ଼ିଛି । ସଙ୍କୁଚିତ ହେଉଛି ଓଡ଼ିଶା, ମାଡ଼ି ବସୁଛନ୍ତି ପଡ଼ିଶା । ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା କୋରାପୁଟ ଜିଲ୍ଲାର ଗୋଟିଏ ପଟେ ଆନ୍ଧ୍ର, ଅନ୍ୟପଟେ ଛତିଶଗଡ଼ । ପ୍ରାୟ ସବୁ ସମୟରେ ବିଭିନ୍ନ ପ୍ରକାର ଯୋଜନାର ଲୋଭ ଦେଖାଇ ଆପଣାର କରୁଛନ୍ତି ପଡ଼ୋଶୀ। ଚାଷ ଓ ଚାଷୀଙ୍କୁ ଛତିଶଗଡ଼ ଚର୍ଚ୍ଚାରେ ଥିବା ବେଳେ କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଲାଗିଛି ବିବାଦ । ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପଡ଼ୋଶୀ ଦେଉଛି ଅଧିକ ଲାଭ । ତେଣୁ ଓଡ଼ିଶା ମାଟିରେ ରହି ଓଡ଼ିଆ ଭାଷାକୁ ଛାଡ଼ି ତେଲୁଗୁ ଭାଷାକୁ ଆପଣାଉଛନ୍ତି ଓଡ଼ିଆ । ଆମ ରାଜ୍ୟ ସରକାର ସବୁ କରିବାକୁ ଆଗଭର କିନ୍ତୁ ଅଧପନ୍ତରିଆ ଉଦ୍ୟମରୁ ଫାଇଦା ଉଠାଉଛି ପଡ଼ୋଶୀ ।



## ବଜାରରେ ମାଳମାଳ ବେନାମୀ ଥଣ୍ଡା ପାନୀୟ

● ଚଢ଼ାଉ ନାହିଁ, ଜାଣି ଅଜଣା ପ୍ରଶାସନ



**ହିଞ୍ଜିଳିକାଟୁ,୧।୪(ସଂଚାର ବ୍ୟୁରୋ):** ଦିନକୁ ଦିନ ତାପମାତ୍ରା ବଢ଼ୁଥିବା ବେଳେ ସହରରେ ଥଣ୍ଡା ପାନୀୟର ଚାହିଦା ଅଧିକ ଥାଏ ଓ ସେଇପରି ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ଗାଁ ଗହଳି ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସବୁଠାରେ ଥଣ୍ଡା ପାନୀୟର ଚାହିଦା ବଢ଼ିଛି ଓ ଦୋକାନ ବଜାରରେ ପାନୀୟ ଜଳଠାରୁ ଆରମ୍ଭ କରି ମିଶ୍ରି ପଣା, କାଚ ବାଟି ସୋଡ଼ା, ଘୋଳଦହି, ଆଇସକ୍ରିମ ଆଦି ଭାବରେ ବିକ୍ରୟ କରାଯାଇଥାଏ ଓ ମାତ୍ର ଏବେ ଗୀଷ୍ମ ଆରମ୍ଭ ହୋଇଥିବା ବେଳେ ଦୋକାନ ମାନଙ୍କରେ ଭଳିକି ଭଳି ଥଣ୍ଡା ପାନୀୟ ଦେଖିବାକୁ ମିଳିଲାଣି ଓ କିଏ ଘରେ ଦୂଷିତ ପାଣିକୁ ବ୍ୟବହାର କରି ମିଶ୍ରି ଓ ସିଆସିଡ ବିକ୍ରୟ କଲାଣି ତ ପୁଣି କିଏ ନଷ୍ଟ ହେଉଥିବା ଦହିକୁ ନେଇ ଘୋଳଦହି ପ୍ରସ୍ତୁତ କରି ବିକ୍ରୟ କଲାଣି ଓ ଏଦିଗରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଉଥିବା ବେଳେ ଅସାଧୁ ବ୍ୟବସାୟୀ ମାନେ ଏହାର ଫାଇଦା ଉଠାଉଛନ୍ତି ଓ ବଜାରଘାଟ ହେଉକି ଗାଁ ଗହଳି ଦୋକାନ ମାନଙ୍କରେ ବହୁ ବେନାମୀ ତଥା ଦୂଷିତ ଥଣ୍ଡା ପାନୀୟକୁ ବେଧଡକ ଭାବେ ବିକ୍ରୟ କରାଯାଉଛି ଓ ଖାଲି ସେତିକି ନୁହେଁ, ରହିଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଏହାକୁ ବିକ୍ରୟ କରାଯାଉଛି ଓ ଦୈନିକ ବିନା ଏସବୁ ବ୍ୟବସାୟ ଚାଲି ଆସିଥିବା ବେଳେ ପ୍ରଶାସନ ସବୁଜାଣି ହାତବାନ୍ଧି ବସି ରହିଛି ଓ ବଡ଼କଥା ହେଉଛି ନାମୀ କମ୍ପାନୀ ତୁଳନାରେ ଏସବୁ ଥଣ୍ଡା ପାନୀୟର ମୂଲ୍ୟ କମ ରହୁଛି ଓ ଫଳରେ ଦୋକାନୀ ବା ବ୍ୟବସାୟୀ ମାନେ ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ବେନାମୀ କମ୍ପାନୀର ସାମ୍ରଗୀକୁ ବିକ୍ରୟ କରିବାକୁ ପସନ୍ଦ କରୁଛନ୍ତି ଓ ଅନେକ ସ୍ଥାନରେ ମଧ୍ୟ ଏକ୍ସପାରି ଥଣ୍ଡା ପାନୀୟ ବିକ୍ରୟ ହେଉଥିଲେ ମଧ୍ୟ ସେସବୁର ଯାଞ୍ଚ କରାଯାଉନାହିଁ ଓ ତେବେ ଏଥିପ୍ରତି ତୁରନ୍ତ ବିଭାଗୀୟ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ପୁଲିସ ପ୍ରତିଷ୍ଠା ଦିବସ ପାଳନ



**ସୁବର୍ଣ୍ଣପୁର,୧।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡ଼ିଆ ଠାରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ରାମ ପ୍ରସାଦ ସାହୁ ଯୋଗ ଦେଇ ପୋଲିସ ଅଭିବାଦନ ଗ୍ରହଣ କରିଥିଲେ। ଓ ଓଡ଼ିଶା ର ମହା ମାନ୍ୟ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ। ପରେ ପରେ ଜିଲ୍ଲା ର ସର୍ବ ଶ୍ରେଷ୍ଠ ଇନ୍ସପେକ୍ଟର ଭାବେ ମେଣ୍ଡକ୍ଷ ର ରବୀନ୍ଦ୍ର ସାହୁ ଙ୍କୁ, ସର୍ବ ଶ୍ରେଷ୍ଠ ଏ ଏସ ଆଇ ଭାବେ ବିନିକା ପି ଏସ ର ରଂଜୟ କୁମାର୍ ନାୟକ, ସର୍ବ ଶ୍ରେଷ୍ଠ ହାବିଲଦାର ଭାବେ ସୋନପୁର ରିଜର୍ଭ ର ଚମରା ପଧାନ, ସର୍ବ ଶ୍ରେଷ୍ଠ ଓ ଆର୍ ହାବିଲଦାର ଭାବେ ଜିଲ୍ଲା ପୋଲିସ ଅଫିସ ର ସୁଭାଷିନୀ ପ୍ରଧାନ, ସର୍ବ ଶ୍ରେଷ୍ଠ ଏ ପି ଆର୍ କନଷ୍ଟେବଲ୍ ଭାବେ ସୋନପୁର ରିଜର୍ଭ ର ଲିକୁନ କୁମାର୍ ପ୍ରଧାନ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟେବଳ ଭାରତୀ ବେହେରା ଙ୍କୁ ଆଜି ର ଦିବସ ର ମୁଖ୍ୟ ଅତିଥି ଏସପି ଶ୍ରୀ ସାହୁ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଏସପି ବିରେନ୍ଦ୍ର କୁମାର ନାୟକ, ସୋନପୁର ଏସ ଡି ପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡି ଏସ ପି ପ୍ରତାପ ରଣା, ବୈକୁଣ୍ଠ ସେଠ ପ୍ରମୁଖ ଯୋଗ ଦେଇ ଥିଲେ।

## ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା

**ବୋରିଗୁମ୍ମା,୧।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଙ୍କ ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଲ୍ୟାମ୍ପ ପକ୍ଷରୁ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବୋରିଗୁମ୍ମା ଲ୍ୟାମ୍ପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ବାର୍ଷିକ ସଭା ବୋରିଗୁମ୍ମା ଲ୍ୟାମ୍ପ ସଭାପତି ଲାଲୁ ମଣି ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ମୁଖ୍ୟ ଅତିଥୁ ଭାବେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ବୋରିଗୁମ୍ମା ଲ୍ୟାମ୍ପ ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟସ୍ତରରେ ସମ୍ମାନିତ ହୋଇ ପୁରସ୍କୃତ ହୋଇଥିବାରୁ ଲ୍ୟାମ୍ପ ସଭାପତି, ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ରଙ୍କ ସମେତ ସମସ୍ତ ଲ୍ୟାମ୍ପ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଡିଆରସିଏସ ଭୀମସେନ ସାହୁ, ଡାଇରେକ୍ଟର ରମା ରାଉଳ, ବୋରିଗୁମ୍ମା ଲେମ୍ପ ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର, କେସିସି ବ୍ୟାଙ୍କ ଶାଖା ପରିଚାଳକ ମୋନଜ କୁମାର ଦାସ, ଜୀବନ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ, ଏହି ଆୟୋଜିତ ବୈଠକରେ ସରକାରଙ୍କ ଯୋଜନା ସଶକ୍ତି ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନ ଉପରେ ଆଲୋଚନା କରାଯାଇ ଥିଲା। ଏହି ଯୋଜନା ରେ ଚାଷୀ ମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା, ନିଃଶୁଳ୍କ କୃଷି ଋଣ ବ୍ୟବସ୍ଥା, ନୂତନ ଚାଷୀ ପଞ୍ଜିକରଣ, ଲ୍ୟାମ୍ପ ରେ ଗ୍ରାହକ କେନ୍ଦ୍ରର ସୁବିଧା ଯୋଗାଇବା ଆଦି ବିଷୟ ମାନ ଆଲୋଚନା କରାଯାଇ ଥିବା ବେଳେ ଅଞ୍ଚଳ ର ଚାଷୀ ମାନଙ୍କ ମଧ୍ୟରୁ ବିଭିନ୍ନ ସମସ୍ୟା ଗୁଡ଼ିକ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ବଜାରରେ ମକାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ମକା ଚାଷ ପାଇଁ ସରକାରଙ୍କ ପକ୍ଷରୁ ଚାଷ ଉପକରଣ, ଉପଯୁକ୍ତ ସମୟରେ ଚାଷୀଙ୍କୁ ସାର ଯୋଗାଇଦେବା ଓ ଋଣ ପ୍ରଦାନ କ୍ଷେତ୍ର ରେ ଅବହେଳା ହେଉ ଥିବାରୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମୁ ଥିବା ନେଇ ଚାଷୀମାନେ ନିଜ ନିଜ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ପ୍ରତିବାଦରେ ବିକ୍ଷୋଭ




**ଭୁବନେଶ୍ୱର,୧।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ବଦଳରେ ୟୁପିଏସ୍ ଲାଗୁ କରିବା ଏବଂ ୨୯ ଟି ଶ୍ରମ ଆଇନ ବଦଳରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଟି ଶ୍ରମ କୋଡ ଲାଗୁ କରିବା, ଶ୍ରମିକ ଛଟେଇ କରିବା, ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଆଦି ବିଭିନ୍ନ ଶ୍ରମିକମାରଣ ନୀତି ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି କେନ୍ଦ୍ରୀୟ କମିଟିର ଆହ୍ୱାନକ୍ରମେ ସାରା ଭାରତ ଦାବି ଦିବସ ପରିପ୍ରେକ୍ଷୀରେ ସଂଗଠନର ଭୁବନେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ଭୁବନେଶ୍ୱର ସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଆଇୟୁଟିୟୁସି ଭୁବନେଶ୍ୱର ଜିଲ୍ଲା କମିଟିର ସଂପାଦକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଗଠନର ରାଜ୍ୟ ସଂପାଦକ ଜୟସେନ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତି କାର୍ଯ୍ୟକାରୀ କରିବା ଫଳରେ ଶ୍ରମିକ ତଥା ସର୍ବ ସ୍ତରର ଖଟିଖିଆ ମେହନତୀ ଜନସାଧାରଣଙ୍କ ଜୀବନ ଆଜି ଦୁର୍ବିସହ ବୋଲି ଉଲ୍ଲେଖ କରିବା ସହିତ ଖଟିଖିଆ ମେହନତୀ ଶ୍ରମିକ ଏହା ବିରୁଦ୍ଧରେ ଆନ୍ଦୋଳନକୁ ଦୁର୍ବାର କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଏଆଇୟୁଟିୟୁସି ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ବିକ୍ଷୋଭ। ଏହି କାର୍ଯ୍ୟକ୍ରମକୁ ଶ୍ରମିକ ନେତା ଅଶୋକ ସାହୁ, ବୁଗୁରୁ ତ୍ରିନାଥ, ପଦ୍ମ ଚରଣ ମଲ୍ଲିକ, ଜୀତେନ୍ଦ୍ର ବେହେରା, ନିଳେନ୍ଦ୍ର କାନ୍ତି ଆଚାର୍ଯ୍ୟ, ବିପ୍ଳବ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ ଓ ଏହି ବିକ୍ଷୋଭରେ ସଂଗଠିତ ତଥା ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର ଶତାଧିକ ଶ୍ରମିକ ଅଂଶଗ୍ରହଣ କରିଥିଲେ।

## ଉତ୍କଳ ଜନନୀ ପୂଜନ ଓ ବିଦ୍ୟାରମ୍ଭ ଯଜ୍ଞ

**ବାଲିଅନ୍ତା,୧।୪ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର, ଅଲାରପୁର ପ୍ରାଙ୍ଗଣରେ ୮୮ତମ ଉତ୍କଳ ଜନନୀ ପୂଜନ ଏବଂ ୧୭ତମ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଅଭିଭାବକ ଉତ୍କଳ ଜନନୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ଉତ୍କଳ ର ସଂସ୍କୃତି ପରମ୍ପରା କୁ ଆଧାର କରି ବିଭିନ୍ନ ପ୍ରକାର ନୃତ୍ୟ ଶିଶୁମାନେ ପରିବେଷଣ କରିଥିଲେ । ଏହାସହିତ ଏକଦିବସୀୟ ବିଦ୍ୟାରମ୍ଭ ଯଜ୍ଞ ହୋଇଥିଲା । ନୂତନ କରି ନାମ ଲେଖାଇଥିବା ଶିଶୁ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଗୁରୁମା ଲକ୍ଷ୍ମୀପ୍ରିୟା ମିଶ୍ର, ଜାନକୀ ମହାପାତ୍ର, ସୂର୍ଯ୍ୟକାନ୍ତି ସାହୁ ଗୁରୁଜୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ଶ୍ରୀକାନ୍ତ କୁମାର ଦାଶ ସମେତ ସମସ୍ତ ଗୁରୁମା ସହଯୋଗ କରିଥିଲେ ।



## ବେତନଟୀରେ ଓଡ଼ିଶା ଦିବସ ପାଳନ

**ବେତନଟୀ,୧।୪ (ସଂଚାର ବ୍ୟୁରୋ):** ବେତନଟୀ ଚଣ୍ଡୀ ଛକରେ ସ୍ଥାପିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଧୂପଦାନ ସହ ଉତ୍କଳ ଦିବସ ପାଳନରେ ତାତ୍ପର୍ଯ୍ୟ ବର୍ଣ୍ଣନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବେତନଟୀର ବିଭିନ୍ନ ସଂଗଠନ ଉତ୍କଳ ଦିବସ ପାଳନ କରିଛନ୍ତି । ବରିଷ୍ଠ ନାଗରିକ ସଂଘରୁ ସଭାପତି ହିମାଂଶୁ କୁମାର ପରିଡା, ସିଭିଲ ସୋସାଇଟି ଓ ଅବସରପ୍ରାପ୍ତ କର୍ମଚାରୀ ସଂଘରୁ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ,ବିଜେପି ଦଳରୁ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ପ୍ରମୁଖ ପର୍ଯ୍ୟାୟକ୍ରମେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଆସି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଇତ୍ୟବସରରେ ସଂଗଠନମାନଙ୍କ ତରଫରୁ ଏହି ଦିବସ ପାଳନ ସମ୍ବନ୍ଧରେ ହିମାଂଶୁ କୁମାର ପରିଡା, ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ବ୍ୟକ୍ତବ୍ୟ ରଖି ଓଡିଆ ଜାତି, ଭାଷା, ରାଜ୍ୟର ସୁରକ୍ଷା ସହ ଅସ୍ମିତା ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଜେପି ବେତନଟୀ ମଣ୍ଡଳ ତରଫରୁ ହାଟଛକରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନତା ଦିବସ ଉତ୍ସବ ଅନୁଷ୍ଠିତ



**ସୁବର୍ଣ୍ଣପୁର,୧।୪(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ସଶକ୍ତ କରଣ ବିଭାଗ ସୁବର୍ଣ୍ଣପୁରଙ୍କ ତରଫରୁ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନତା ଦିବସ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍ର କିନ୍ନର ମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ଅଞ୍ଜଳିନା ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଚିକିତ୍ସା ଅଧୀକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ୍, ସୁବର୍ଣପୂର, ଭାରପ୍ରାପ୍ତ ଥାନା ଅଧିକାରୀ (ମହିଳା ଓ ଶିଶୁ ଶାଖା) ସୋନପୁର ଥାନା, ଜିଲ୍ଲା ପଞ୍ଚାୟତ୍ ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ ଏବଂ ସହାୟକ ଜିଲ୍ଲାପାଳ, ଜିଲ୍ଲାପାଳ କାର୍ଯ୍ୟାଳୟ ସୁବର୍ଣ୍ଣପୁର ଆଦି ଉପସ୍ଥିତ ରହି କିନ୍ନର ଅଧିକାର ଉପରେ ନିଜ ନିଜର ବିଭାଗୀୟ କଲ୍ୟାଣ କାରୀ ଯୋଜନାର ତଥ୍ୟ ଉପସ୍ଥାପନା ସହ ଆବଶ୍ୟକ ସୁବିଧା ସୁଯୋଗ ଉପରେ କହି କିନ୍ନର ମାନଙ୍କର ମନୋବଳ ବୃଦ୍ଧି କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସେବୟୋଗୀମାନେ, ମଦନିବାରଣ ସେବୟୋଗୀ ମାନେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କିନ୍ନର ମାନଙ୍କ ପାଇଁ ରହିଥିବା ସରକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଅତିଥିମାନେ କିନ୍ନର(ଟ୍ରାନ୍ସଜେଣ୍ଡର୍) ଅଧିକାର ନେଇ ନିଜ ମତ ଓ ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ଏଲ୍ଇଡି ସ୍କ୍ରିନରେ ପ୍ରୋଜେକ୍ଟର ମାଧ୍ୟମରେ ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ଉପରେ ଚିତ୍ରଣ ପ୍ରଦର୍ଶିତ ସହ ତଥ୍ୟ ଉପସ୍ଥାପନା ହୋଇଥିଲା। ତରଭା ଗୋଷ୍ଠୀ ସାମାଜିକ ସୁରକ୍ଷା ଆଧିକାରୀ ପ୍ରଭାସ କୁମାର କର୍ଣ୍ଣ, କିନ୍ନର ଅଧିକାର ଅଧିନୟମ -୨୦୧୯ ବିଷୟରେ ବିସ୍ତୃତ ବର୍ଣ୍ଣନା କରି ସମସ୍ତଙ୍କୁ ସଚେତନ କରିଥିଲେ। ପରିଶେଷ ରେ ୧୫ ଜଣ କିନ୍ନରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କିନ୍ନର ମାନେ ସମାଜର ମୁଖ୍ୟ ସ୍ରୋତର ଅଙ୍ଗ, ସେମାନେ ଭିନ୍ନ ନୁହନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଧନ୍ୟବାଦ ଜ୍ଞାପନ ଏବଂ ମଧ୍ୟାହ୍ନ ଭୋଜନ ସହିତ ସମାପନ ହୋଇଥିଲା।

## ଆଶ୍ରମ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ

**ବୋରିଗୁମ୍ମା ୩୧।୩ (ସଂଚାର ବ୍ୟୁର):** ଆଜି ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟରେ କୁଇଜ୍,ଚିତ୍ରାଙ୍କନ,ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ପୌରହିତ୍ୟରେ ଆୟୋଜିତ ଆଜିର ଉତ୍ସବରେ ସମସ୍ତ ଶିକ୍ଷକ/ଶିକ୍ଷିକା ,କର୍ମଚାରୀ ଓ କୁନି କୁନି ପିଲାମାନେ ଉତ୍କଳ ଦିବସକୁ ମହା ଆଡ଼ମ୍ବରରେ ପାଳନ କରିଥିଲେ । ବିଶେଷ ଆକର୍ଷଣ ଥିଲା କୁନି କୁନି ପିଲା ମାନଙ୍କର ଆକର୍ଷଣୀୟ ଚିତ୍ର ପ୍ରଦର୍ଶନୀ ।



## ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା ମେଳା'ରେ ବ୍ଲକ ପ୍ରଥମ




**ବୋରିଗୁମ୍ମା,୩୧।୩ (ସଂଚାର ବ୍ୟୁର):** କୋରାପୁଟ ଏଡିଏଭି ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ନିପୁଣ ଓଡିଶା ମେଳା' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ଏହାକୁ ଉଦଘାଟନ କରି ବିଦ୍ୟାଳୟରେ ଶିକ୍ଷାଦାନ ସହ ଉଚିତ୍ ଶିକ୍ଷଣ ସାମଗ୍ରୀର ଚୟନ ହିଁ ପ୍ରକୃତ ଶିକ୍ଷକର ପରିଚୟ' ବୋଲି ବାର୍ତ୍ତା ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ରୁପଚନ୍ଦ୍ର ସୋରେନ, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେ, ଏନଏସି. ଅଧକ୍ଷ ରାଜେନ୍ଦ୍ର କୁମାର ପାତ୍ରଙ୍କ ସମେତ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ସମଗ୍ର ଶିକ୍ଷା ତରଫରୁ ୨ଗୋଟି ଶିକ୍ଷଣ ସାମଗ୍ରୀ ଷ୍ଟଲ ପ୍ରଦର୍ଶନୀ କରାଯାଇଥିଲା। ଜିଲ୍ଲା ପ୍ରୟୋଗଶାଳାର ୩୦ ଜଣ ଶିଶୁ ଓ ତାଙ୍କ ଅଭିଭାବକ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିଥିଲେ। ଏହି ଜିଲ୍ଲା ସ୍ତରୀୟ ନିପୁଣ ଓଡିଶା ମେଳାରେ ଭାଗନେଇ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ବୋରିଗୁମ୍ମା ପାଇଁ ଗୌରବ ଆଣିଛନ୍ତି ବୋରିଗୁମ୍ମା ର ଚାରି ଜଣ ସରକାରୀ ଶିକ୍ଷକ ଶିକ୍ଷୟତ୍ରୀ।

## ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ଚିକିଟି,୩୧।୩ (ସଂଚାର ବ୍ୟୁର):** କେ ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଛି। ଚାନ୍ଦପୁର ପଞ୍ଚାୟତ ଡଭାର ଗ୍ରାମର ରଞ୍ଜିତା ପଣ୍ଡାଙ୍କ ଘରୁ ସୋମବାର ମଧ୍ୟ ରାତ୍ରିରେ ଚୋରି ହୋଇଛି। ରଞ୍ଜିତା ଏକାକୀ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ବାରିପଟ ଗ୍ରିଲ ଭାଙ୍ଗି ଘରେ ପଶି ଆଲମିରାରୁ ୬ ଭରିର ସୁନାଗହଣା, ୨୦ ଭରି ରୁପା, ୩୦ ହଜାର ଟଙ୍କା ଲୁଟି ନେଇଥିବା ନୂଆପଡା ଫାଣ୍ଡିରେ ଅଭିଯୋଗ ହୋଇଛି।